ଧରିତ୍ରୀ 50 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୬/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 16/2024 Page 16 ₹ 7.00 SAMBALPUR

୫୦ଶ ଭାଗ ୩୫୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 351 ମୂଲ୍ୟ ₹୭/-


# ଆଜିଠୁ ଚାରିଦ୍ୱାର ଖୋଲା

## କାର୍ତ୍ତିକ ମାସ କଟକଣା ହଟିଲା

**ପୁରୀ,୧୫।୧୧(ଅଜିତ୍ କୁମାର ମହାନ୍ତି)** ଭକ୍ତଙ୍କ ନିମନ୍ତେ ଖୁସି ଖବର। କାର୍ତ୍ତିକ ମାସ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା କଟକଣାକୁ ଶୁକ୍ରବାର ହଟାଇ ନିଆଯାଇଛି। ଶନିବାରଠାରୁ ପୁନର୍ବାର ଭକ୍ତମାନେ ଶ୍ରୀମନ୍ଦିରରେ ଚାରିଦ୍ୱାର ଦେଇ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ କରିବେ। ତେବେ ସେବକ ତଥା ତାଙ୍କ ପରିବାରବର୍ଗ ସମସ୍ତ ଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ। ନାଟମଣ୍ଡପଠାରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଏବେ ବିଚାରାଧୀନ ରହିଛି। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶ ଓ ଅନୁମୋଦନ ପରେ ନାଟମଣ୍ଡପରେ ହେବାକୁ ଥିବା ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଶୁକ୍ରବାର ସୂଚନା ଦିଆଯାଇଛି।

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଗହଳି ଲାଗିଥିଲା। ସେହିପରି ଲୋକେ ସମୁଦ୍ର ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହବିଷିଆଳିମାନେ ଏଠାକୁ ଆସି ଗତ ଏକମାସ ଧରି କାର୍ତ୍ତିକ ବ୍ରତ କରୁଥିଲେ। ଶୁକ୍ରବାର ବ୍ରତ ସମାପନ ପରେ ସେମାନେ ଶ୍ରୀକ୍ଷେତ୍ରରୁ ବିଦାୟ ନେଇଛନ୍ତି। ସୂଚନା ଅନୁଯାୟୀ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାର୍ତ୍ତିକ ମାସରେ ଚାରିଦ୍ୱାର ମଧ୍ୟରୁ ଦୁଇଟି ଦ୍ୱାରରେ ପ୍ରବେଶ ଓ ଅନ୍ୟ ଦୁଇ ଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଥିଲା। କାର୍ତ୍ତିକ ପ୍ରତିପଦାଠାରୁ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଭକ୍ତମାନେ ଦୁଇଟି ଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଅନ୍ୟ ଦୁଇ ଦ୍ୱାର ଦେଇ ପ୍ରସ୍ଥାନ କରୁଥିଲେ। ତେବେ ପଞ୍ଚକଠାରୁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ଅଧିକ ହେବାର ସମ୍ଭାବନା ଥିବାରୁ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ ଅନୁମତି ରହିଥିଲା। ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ଅନ୍ୟ ତିନିଦ୍ୱାର ଦେଇ ପ୍ରସ୍ଥାନ କରୁଥିଲେ। ତେବେ କାର୍ତ୍ତିକ ମାସ ଶେଷହୋଇଥିବାରୁ ଭକ୍ତଙ୍କ ସଂଖ୍ୟା କମ୍ ରହିବ। ତେଣୁ କାର୍ତ୍ତିକ ମାସ ପରବର୍ତ୍ତୀ ଦର୍ଶନ ବ୍ୟବସ୍ଥା ନେଇ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସମେତ ଶ୍ରୀମନ୍ଦିର ଓ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ପଞ୍ଚକ ଗହଳି ଆଉ ନ ଥିବାରୁ ନଭେମ୍ବର ୧୬ରୁ ଭକ୍ତମାନେ ଚାରିଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।










# ପାରାଦୀପ ଅନ୍ତରାଳେ ଥିବା ପୌରାଣିକ, ଆଧ୍ୟାତ୍ମିକ, ଐତିହାସିକ ପୃଷ୍ଠଭୂମି ଉପରେ ଗବେଷଣା ଆବଶ୍ୟକ: ମୁଖ୍ୟମନ୍ତ୍ରୀ

**ପାରାଦୀପ,୧୫।୧୧(ଶରତ ରାଉତ)**

ଶିଳ୍ପ ସମୃଦ୍ଧ ପାରାଦୀପର ଅନ୍ତରାଳେ ଥିବା ଐତିହାସିକ ପୃଷ୍ଠଭୂମି, ପୌରାଣିକ କିମ୍ବଦନ୍ତୀ ଓ ଆଧ୍ୟାତ୍ମିକ ବିଚାର ଉପରେ ଅନେକ ରହସ୍ୟ ରହିଛି। ଏସବୁ ଉପରେ ଗବେଷଣା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶାର ଯେତେ ପର୍ବ ପାଳନ କରାଯାଉଛି ତାହା ଧାର୍ମିକ ଭାବନା ସହିତ ଜଡ଼ିତ। କିନ୍ତୁ ପାରାଦୀପର ନିଆରା ବୋଇତ ବନ୍ଦାଣ ଉତ୍ସବ ଓ ବାଲିଯାତ୍ରା ମହୋତ୍ସବ କେବଳ ନୌବାଣିଜ୍ୟ ଇତିହାସ ସହ ଜଡ଼ିତ ବୋଲି ମୁଖ୍ୟମନ୍ତ୍ରୀ ଶୁକ୍ରବାର ପାରାଦୀପ ବନ୍ଦର ବୋଇତ ବନ୍ଦାଣ ଉତ୍ସବ ଅବସରରେ କହିଛନ୍ତି। ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦର ଦିବସ ଓ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ମେରାଇନ ବର୍ଥ ପାଖରେ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମାଝୀଙ୍କ ସହ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏମ୍‌ପି ବିଭୁପ୍ରସାଦ ତରାଇ, ଜିଲାପାଳ ଜେ.ସୋନାଲ, ଡିଆଇଜି ଚରଣ ସିଂହ ମାନ୍ନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ବୋଇତ ପୂଜା ପରେ ସେଥିରେ ଥିବା ସାଧବାଣୀ ସାଧବ ପୁଅଙ୍କୁ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ବିଦାୟ ଜଣାଇଥିଲେ। ପୋତାଶ୍ରୟରେ ଥିବା ସମସ୍ତ ଜାହାଜ ଏକା ସମୟରେ ହର୍ନ ବଜାଇ ଏହାକୁ ସ୍ୱାଗତ ଜଣାଇଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଏମ୍‌ପି ବିଭୁ ପ୍ରସାଦ ତରାଇ ପତାକା ଦେଖାଇ ବୋଇତକୁ ବିଦାୟ ଦେଉଛନ୍ତି।

**■ ଓଡ଼ିଶାର ବିଭିନ୍ନ ପର୍ବରୁ ବୋଇତ ବନ୍ଦାଣ କେବଳ ନୌବାଣିଜ୍ୟ ଇତିହାସ ସହ ଜଡ଼ିତ**

**■ ଘରକୁ ପାଇପ ଯୋଗେ ଇନ୍ଧନ ଯୋଗାଣ ପ୍ରକଳ୍ପ ଓ ନୂତନ ପୋଲ ପାଇଁ ଭିତ୍ତିପ୍ରସ୍ତର**

ଏହି ଅବସରରେ, ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ, ତାଙ୍କ ନିର୍ବାଚନମଣ୍ଡଳୀରୁ ଯେତିକି ପଣ୍ୟ ଉତ୍ତୋଳନ ହେଉଛି ତା'ର ସିଂହଭାଗ ପାରାଦୀପ ବନ୍ଦର ବାଟେ ବିଦେଶକୁ ରପ୍ତାନି ହେଉଛି। ପାରାଦୀପ ଏବେ ଦେଶର ୧ ନମ୍ବର ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା ପୂର୍ବୋଦୟରୁ ଭାରତ ଉଦୟ ସ୍ଥାନ ହେଲା ପାରାଦୀପ। ଏହି ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ କରିବେ। ପାରାଦୀପର ବିକାଶ ପାଇଁ ତାଳଚେରଠାରୁ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ଜାତୀୟ ଜଳପଥ ହେବାକୁ ଯାଉଛି। ଏଥିପାଇଁ ୧୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ମେରିଟାଇମ ଇଣ୍ଡିଆ ଭିଜନ ୨୦୩୦ ସୁଦ୍ଧା ୭୦ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବାର ପ୍ରସ୍ତାବ ରହିଛି। ୨୦୪୭ ଅମୃତକାଳ ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଉଛି। ଏହା ପରେ ପାରାଦୀପ ବନ୍ଦର ପକ୍ଷରୁ ଅଠରବାଙ୍କୀଠାରେ ଆଉ ଏକ ୫୦୦ ମିଟର ପୋଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିରେ ୨୪ କୋଟି ୮୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ବନ୍ଦରାଞ୍ଚଳର ୭ ହଜାର ଘରକୁ ଭାରତ ପେଟ୍ରୋଲିୟମ ପକ୍ଷରୁ ଇନ୍ଧନ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାଦ୍ୱାରା ପ୍ରତି ଘରେ ରହୁଥିବା ଲୋକମାନେ ୪୫ ପ୍ରତିଶତ କମ୍ ମୂଲ୍ୟରେ ରନ୍ଧନ ଗ୍ୟାସ ପାଇବେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ସଞ୍ଚାଳନ କରିଥିବା ବେଳେ ବନ୍ଦର ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା ଧନ୍ୟବାଦ ଦେଇଥିଲେ।

## ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୬ ଦିନିଆ ସିଙ୍ଗାପୁର ଗସ୍ତ

**ଭୁବନେଶ୍ୱର,୧୫।୧୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାରଠାରୁ ୬ ଦିନିଆ ସିଙ୍ଗାପୁର ଗସ୍ତରେ ଯାଉଛନ୍ତି। ସିଙ୍ଗାପୁରଠାରେ ଆୟୋଜିତ ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ବିଭିନ୍ନ କମ୍ପାନୀକୁ ଓଡ଼ିଶାରେ ପୁଞ୍ଜିନିବେଶ କରିବା ଲାଗି ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ। ରାଜ୍ୟକୁ କିପରି ଅଧିକ ପୁଞ୍ଜିନିବେଶ ଆଣି ହେବ ସେଥିପ୍ରତି ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସିଙ୍ଗାପୁରଠାରେ ବିଦେଶୀ ନିବେଶକମାନଙ୍କ ସହ ୱାନ୍ ଟୁ ୱାନ୍ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ। ଏହି ଅବସରରେ ଶିଳ୍ପମନ୍ତ୍ରୀଙ୍କ ସମେତ ଶିଳ୍ପ ସଚିବ ମଧ୍ୟ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି।

## ରେଳଧାରଣାରୁ ମିଳିଲା ବ୍ୟାଙ୍କ କର୍ମଚାରୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ

**ଭଦ୍ରକ,୧୫।୧୧(ସନାତନ ରାଉତ)**

ଭଦ୍ରକ ଜିଲା କେନ୍ଦୁଆପଦା ଷ୍ଟେଶନଠାରୁ କିଛି ଦୂର ରେଳଧାରଣାରୁ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଶୁକ୍ରବାର ମିଳିଛି। ମୃତକ ହେଲେ ଭଦ୍ରକ ବ୍ଲକ ଅଧୀନ କେଦାରପୁର ପଞ୍ଚାୟତ ସେରପୁର ଦେଉଳସାହିର ଲଲାଟେନ୍ଦୁ ବାରିକ (୨୯)। ସେ ଭଦ୍ରକ ୟୁନିଅନ ବ୍ୟାଙ୍କରେ କାର୍ଯ୍ୟରତ ଥିଲେ।

ସୂଚନା ଅନୁଯାୟୀ, ଲଲାଟେନ୍ଦୁଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ସେଠାକୁ ଯିବାକୁ ଅରାଜି ଥିବା ସହ ମାନସିକ ଭାବେ ବିଚଳିତ ଥିଲେ। ଶେଷରେ ବାଧ୍ୟହୋଇ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ଉକ୍ତ ବ୍ୟାଙ୍କ ଶାଖାର ଜଣେ ଅଧିକାରୀ ତାଙ୍କୁ ମାନସିକ ଯନ୍ତ୍ରଣା ଦେଉଥିଲେ ବୋଲି ଆଲୋଚନା ହେଉଛି। ଖବର ଜାଣିବା ପରେ ୟୁନିଅନ ବ୍ୟାଙ୍କର ମୁଖ୍ୟ ଶାଖା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ. ୮୬/୨୪) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜିଆର୍‌ପି ଥାନା ପକ୍ଷରୁ କୁହାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ମୃତ ଲଲାଟେନ୍ଦୁଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ କରାଯାଇ ନାହିଁ।


ଲଲାଟେନ୍ଦୁ ବାରିକ

## ୧୮, ୨୫ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

**ଭୁବନେଶ୍ୱର,୧୫।୧୧ (ଅନିଲ ଦାସ)**

ଚଳିତ ନଭେମ୍ବର ୧୮ (ସୋମବାର) ଏବଂ ୨୫ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଏହି ଦିନଗୁଡ଼ିକରେ ଭୁବନେଶ୍ୱରସ୍ଥିତ ୟୁନିଟ-୫ ଅଭିଯୋଗ ପ୍ରକୋଷ୍ଠଠାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଶୁକ୍ରବାର ଏ ନେଇ ସୂଚନା ଦିଆଯାଇଛି।

## ଗ୍ୟାସ୍ ଟାଙ୍କି ଫାଟି ଜଣେ ମୃତ, ୨ ଗୁରୁତର

**ରାୟଗଡ଼ା,୧୫।୧୧ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ାରେ ଏକ ଅଘଟଣ ଘଟିଛି। ଗ୍ୟାସ୍ ଟାଙ୍କି ଫାଟି ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଦିନ ମିଣିଆକା (୧୮)। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଦିନଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଗୁରୁତର ହେଲେ ଡି. ଶିବା ଏବଂ ଧର୍ମା ମିଣିଆକା। ଉଭୟଙ୍କୁ ପ୍ରଥମେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଧର୍ମାଙ୍କୁ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିବାବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଛି। ଅନ୍ୟ ଗୁରୁତର ଡି. ଶିବାଙ୍କୁ ପରିବାରବର୍ଗ ବିଶାଖାପାଟଣା ନେଇଥିବା ଜଣାପଡ଼ିଛି। ସେମାନେ ରାଣୀଗୁଡ଼ା ଫାର୍ମ ଅଞ୍ଚଳର ହାତୀପଥର ନିକଟସ୍ଥ ସାହିରେ ଏକ ଭଡ଼ାଘର ନେଇ ରହୁଥିଲେ। ଶୁକ୍ରବାର ଭୋର ସମୟରେ ୨ ଜଣ ବ୍ୟକ୍ତି ଶୋଇଥିବା ବେଳେ ଅନ୍ୟ ଜଣେ କୌଣସି କାମ ପାଇଁ ଗ୍ୟାସ୍ ସିଲିଣ୍ଡର ଅନ୍ କରିବା ସମୟରେ ଲିକେଜ୍ ଥିବାରୁ ଗ୍ୟାସ୍ ଟାଙ୍କିରେ ନିଆଁ ଲାଗି ଫାଟିଯାଇଥିଲା। ଫଳରେ ୩ ଜଣ ଗୁରୁତର ଆହତ ହୋଇଥିଲେ। ମୃତକ ଦିନ ଏବଂ ଧର୍ମା ଦୁଇ ଭାଇ ବୋଲି ଜଣାପଡ଼ିଛି। ଏ ନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ପି.କେ.ପାଢ଼ୀଙ୍କୁ ପଚାରିବାରୁ ଆହତ ୩ ଜଣ ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା ବୋଲି କହିଛନ୍ତି।


ଦିନ ମିଣିଆକା

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ନଭେମ୍ବର ୧୬/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 16/2024 Page 16 ₹ 7.00 | SAMBALPUR
୫୦ଶ ଭାଗ ୩୫୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 351 ମୂଲ୍ୟ ₹୭/-

# ‘ପେସା’ ପାଇଁ ନିଆଯିବ ମତ: ମୁଖ୍ୟମନ୍ତ୍ରୀ

**ଜନଜାତି ସମ୍ପ୍ରଦାୟ ଓଡ଼ିଶାର ଶକ୍ତି ଓ ଆତ୍ମା ହୋଇଥିଲେ ମଧ୍ୟ ସେମାନଙ୍କୁ ପୂର୍ବରୁ ଅବହେଳିତ କରି ରଖାଯାଇଥିଲା। ଏଥିଯୋଗୁ ଆଦିବାସୀଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ପେସା ଆଇନ ୨୭ ବର୍ଷ ହେଲା କାର୍ଯ୍ୟକାରୀ ହୋଇ ନ ପାରି ପଡ଼ିରହିଛି। କିନ୍ତୁ ଜନଜାତି ସମ୍ପ୍ରଦାୟର ଉଚ୍ଚ ପରମ୍ପରା ଓ ଐତିହ୍ୟର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ଭାଜପା ସରକାର କ୍ଷମତାକୁ ଆସିବା ପରେ ସେମାନଙ୍କ ଉନ୍ନତି ଲାଗି ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ପେସା ଆଇନ ଲାଗୁ କରିବା ପୂର୍ବରୁ ସମସ୍ତ ପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଏହି ବହୁପ୍ରତୀକ୍ଷିତ ଆଇନ ଲାଗୁ ହେଲେ ଆଦିବାସୀମାନେ ଶାସନରେ ସ୍ୱାୟତ୍ତତା ଲାଭ କରିବେ ବୋଲି ଆଶା କରାଯାଉଛି।**



ଭୁବନେଶ୍ୱର ଜନତା ମଇଦାନରେ ଜନ ଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର,୧୫।୧୧ (ଅନିଲ ଦାସ)**

ପଞ୍ଚାୟତ ଏକ୍ସଟେନଶନ ଟୁ ସିଡ୍ୟୁଲ ଏରିଆଜ୍ (ପେସା) ଆଇନ ଲାଗୁ ହେବା ପୂର୍ବରୁ ଲୋକଙ୍କ ମତ ନିଆଯିବ। ଏଥିସହିତ ରାଜ୍ୟ ସରକାର ସଚେତନତା ସୃଷ୍ଟି ପାଇଁ ଜନସଭାର ଆୟୋଜନ କରିବେ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ପ୍ରତି ଗାଁରେ ଜନସଭା ହେବ। ପେସା ଆଇନ କିପରି କାର୍ଯ୍ୟକାରୀ ହେବ ସେ ନେଇ ବିସ୍ତୃତ ଆଲୋଚନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜନତା ମଇଦାନଠାରେ ଶୁକ୍ରବାର ଅନୁଷ୍ଠିତ ଜନ ଜାତୀୟ ☞ପୃଷ୍ଠା-୯

## ପେସା ଆଇନ କ’ଣ

ଦେଶର ଅନୁସୂଚିତ ଅଞ୍ଚଳ(ସିଡ୍ୟୁଲ୍ଡ ଏରିଆ)ରେ ପେସା (ପଞ୍ଚାୟତ ଏକ୍ସଟେନ୍‌ଶନ ଟୁ ସିଡ୍ୟୁଲ ଏରିଆଜ୍) ଆଇନ ଲାଗୁ କରିବା ପାଇଁ କେନ୍ଦ୍ର ସରକାର ୧୯୯୬ ଡିସେମ୍ବର ୨୪ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଭାରତୀୟ ସମ୍ବିଧାନର ପଞ୍ଚମ ପରିଚ୍ଛେଦ ଅନୁଯାୟୀ ୧୦ଟି ରାଜ୍ୟର ସିଡ୍ୟୁଲ୍‌ଡ ଏରିଆରେ ଏହି ଆଇନକୁ ଲାଗୁ କରାଯିବ। ☞ପୃଷ୍ଠା-୯

# ଡଙ୍ଗା ଗୋଟାଇବାକୁ ଯାଇ ୫ ଶିଶୁ ମୃତ

**ବସ୍ତା(ହରିଶଙ୍କର ପାଢୀ)/ଖଇରା(ଉତ୍କଳବନ୍ଧୁ ପଣ୍ଡା)/ ମାଲକାନଗିରି, (ଗୌରୀ ଶଙ୍କର ପଣ୍ଡା)/ ସାଲେପୁର, (ଅରବିନ୍ଦ ଭୂୟାଁ) ୧୫।୧୧**

କାର୍ତ୍ତିକ ପୂର୍ଣ୍ଣିମାରେ ଭସାଯାଇଥିବା ଡଙ୍ଗା ଆଣିବାକୁ ଯାଇ ବିଭିନ୍ନ ସ୍ଥାନରେ ପାଣିରେ ବୁଡ଼ି ୫ ଶିଶୁଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲାରେ ୩ ଶିଶୁ ପ୍ରାଣ ହରାଇଥିବା ବେଳେ ମାଲକାନଗିରି ଜିଲା ସଦର ଚମ୍ପାନଗର ଗ୍ରାମରେ ଜଣେ ଓ କଟକ ଜିଲା ସାଲେପୁର ଥାନା ଛାଣିପୁର ପଞ୍ଚାୟତ କରମୁଆଁ ଗ୍ରାମରେ ଜଣଙ୍କର ମୃତ୍ୟୁ ହୋଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ବସ୍ତା ଥାନା ପଣସାପଡ଼ା ଗ୍ରାମର ମାନସ ନନ୍ଦଙ୍କ ୪ ବର୍ଷର ଝିଅ ଏବଂ ମହେଶ୍ୱର ଦାସଙ୍କ ୪ବର୍ଷର ଝିଅ ଘରଲୋକଙ୍କ ଅଜାଣତରେ ପାଖରେ ଥିବା ଏକ ପୋଖରୀକୁ ଡଙ୍ଗା ଆଣିବାକୁ ପଶିଯାଇ ବୁଡ଼ି ଯାଇଥିଲେ। ଗ୍ରାମବାସୀ ବହୁ ଖୋଜାଖୋଜି ☞ପୃଷ୍ଠା-୯

# ୨୦୫୦ ସୁଦ୍ଧା ୨ ଗୁଣ ପ୍ଲାଷ୍ଟିକ୍ ବର୍ଜ୍ୟ

**ନୂଆଦିଲ୍ଲୀ,୧୫।୧୧(ପି.ଟି.)**

ସାରା ବିଶ୍ୱରେ ପ୍ଲାଷ୍ଟିକ୍ ବର୍ଜ୍ୟ ପରିମାଣ ୨୦୫୦ ବେଳକୁ ଦୁଇଗୁଣ ହୋଇପାରେ। ଏହାର ସମାଧାନ ପାଇଁ ଉପଯୁକ୍ତ ନୀତି ପ୍ରଣୟନ ନିମନ୍ତେ ଗବେଷକମାନେ ପ୍ରସ୍ତାବ ଦେଇଛନ୍ତି। ପୁନଃଚକ୍ରଣଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟବହାର ଏବଂ ବର୍ଜ୍ୟ ପରିଚାଳନାରେ ପୁଞ୍ଜି ନିବେଶ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟ ୯୦ ପ୍ରତିଶତରୁ ଅଧିକ ହ୍ରାସ ପାଇବା ସହ ଏ ସମ୍ପର୍କିତ ଉତ୍ସର୍ଜନକୁ ଏକ-ତୃତୀୟାଂଶ କମାଯାଇପାରିବ ବୋଲି ଏକ ନୂଆ ଅଧ୍ୟୟନରେ କୁହାଯାଇଛି।

ଜାତିସଂଘ ପ୍ଲାଷ୍ଟିକ୍ ଚୁକ୍ତିନାମା ସ୍ୱାକ୍ଷର ହେବା ପୂର୍ବରୁ ସାଇନ୍ସ ପତ୍ରିକାରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି। ପ୍ଲାଷ୍ଟିକ୍ ବର୍ଜ୍ୟ ଉପରେ ବିଶ୍ୱର ପ୍ରଥମ ଚୁକ୍ତିନାମା ଖୁବ୍‌ଶୀଘ୍ର ସ୍ୱାକ୍ଷର ହେବାକୁ ଯାଉଛି। ଏନେଇ ଚୂଡ଼ାନ୍ତ ବୁଝାମଣା ପାଇଁ ନଭେମ୍ବର ୨୫ରୁ ଡିସେମ୍ବର ୧ ପର୍ଯ୍ୟନ୍ତ କୋରିଆର ବୁସନଠାରେ ସମ୍ମିଳନୀ ଅନୁଷ୍ଠିତ ହେବ, ଯେଉଁଥିରେ ୧୯୦ରୁ ଉର୍ଦ୍ଧ୍ୱ ଦେଶର ପ୍ରତିନିଧି ଯୋଗଦେବେ। ଏହା ପୂର୍ବରୁ ଗତ ଏପ୍ରିଲରେ କାନାଡାର ଓଟ୍ଟାୱାଠାରେ ଏଭଳି ଏକ ବୈଠକ ବସିଥିଲା।

ପ୍ଲାଷ୍ଟିକ୍ ସଙ୍କଟର ମୁକାବିଲା ନିମନ୍ତେ ଉପରୋକ୍ତ ଅଧ୍ୟୟନ ଏକ ଗୁରୁତ୍ୱପୂର୍ଣ୍ଣ ନୀଳନକ୍ସା ପ୍ରଦାନ କରିପାରିବ ବୋଲି ☞ପୃଷ୍ଠା-୯






ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ନଭେମ୍ବର ୧୬/୨୦୨୪ | Bhubaneswar, Saturday, November 16/2024 | ପୃଷ୍ଠା-୧



## ଦାଦାଙ୍କ ସହ ମନାନ୍ତର ତୁଟିଥିବା ଚର୍ଚ୍ଚା

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଦାଦା ପବନ କଲ୍ୟାଣଙ୍କ ସହ ମନାନ୍ତର ତୁଟିଥିବା ତାଙ୍କର ଏକ ବୟାନକୁ ନେଇ ଚର୍ଚ୍ଚା ହେଉଛି।

୦୮

୧୨

## ଗୋବିନ୍ଦ ପ୍ଲେୟର ଅଫ୍ ଦି ମ୍ୟାଚ୍

ମହାରାଷ୍ଟ୍ର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ଓଡ଼ିଶା ଅଧିନାୟକ ଗୋବିନ୍ଦ ପୋଦ୍ଦାର।





କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଭୋର୍ ସମୟରେ ଭୁବନେଶ୍ୱର କୁଆଖାଇ ବ୍ରିଜ୍ ନିକଟ ନଦୀରେ ମହିଳାମାନେ ଡଙ୍ଗା ଭସାଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ କରୁଛନ୍ତି। (ଫଟୋ– ବିକାଶ ନାୟକ)

# ‘ଯମୁନା’ ପାଇଁ ଯନ୍ତା ପ୍ରସ୍ତୁତ

**ବାରିପଦା,୧୫।୧୧**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଅଞ୍ଚଳରେ ଘୂରିବୁଲୁଥିବା ମହାବଳ ବାଘୁଣୀ ‘ଯମୁନା’ ଚିନ୍ତାର କାରଣ ପାଲଟିଛି। କୋର୍ ଅଞ୍ଚଳ ଛାଡ଼ି ସେ ବଫର୍ ଅଞ୍ଚଳକୁ ପ୍ରବେଶ କରିବା ମାତ୍ରେ ତାକୁ ତୁରନ୍ତ ଧରିବା ପାଇଁ ବନ ବିଭାଗର ଟିମ୍ ଯନ୍ତା ଧରି ସଜାଗ ହୋଇ ରହିଛି। ୪ ଦିନ ତଳେ ଶିମିଳିପାଳ ମଧ୍ୟରେ ଥିବା ଏକ ପର୍ଯ୍ୟଟନସ୍ଥଳୀରେ ଜଣେ ପର୍ଯ୍ୟଟକଙ୍କୁ ‘ଯମୁନା’ ଆକ୍ରମଣ ଉଦ୍ୟମ କରିଥିବା ପ୍ରଚାରିତ ହୋଇଥିଲା। ଏହି ଖବରକୁ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡା. ପ୍ରକାଶ ଚାନ୍ଦ ଗୋଗିନେନୀ ଗୁଜବ କହି ଖଣ୍ଡନ କରିଥିବା ବେଳେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଶୁକ୍ରବାର ଯଶିପୁରରୁ ଏକ ସ୍ୱତନ୍ତ୍ର ଯନ୍ତା ଡୁକୁରା ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିଛି। ଯମୁନା ସମ୍ପର୍କିତ ତଥ୍ୟ ବନ ବିଭାଗ ଗୋପନ ରଖିବାକୁ ଚେଷ୍ଟା କରୁଥିବା ଆଲୋଚନା ହେଉଛି। ଗୋଟିଏ ପରିବେଶରୁ ଅନ୍ୟ ଏକ ପରିବେଶକୁ ଅଣାଯାଉଥିବା ବାଘୁଣୀ ପାଇଁ ବ୍ୟବସ୍ଥାରେ ତ୍ରୁଟି ଥିବା ପ୍ରାଣୀପ୍ରେମୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

କୋର୍ ଅଞ୍ଚଳରେ ବାଘୁଣୀ ‘ଯମୁନା’କୁ ଛଡ଼ାଯିବା ପରେ ସେ ନିଜର ବାସସ୍ଥଳୀ ପ୍ରସ୍ତୁତ କରିବା ପାଇଁ ପ୍ରୟାସ ଜାରି ରଖିଛି। ପର୍ଯ୍ୟଟନସ୍ଥଳୀଟି କୋର୍ ଅଞ୍ଚଳରେ ରହିଥିବାରୁ ସେଠାରେ ଯମୁନା ପ୍ରବେଶ କରିବା ସ୍ୱାଭାବିକ କଥା। ନିଜର ସୁରକ୍ଷିତ ଅଞ୍ଚଳ ବାଛିବା ପାଇଁ ‘ଯମୁନା’କୁ କିଛି ଦିନ ସମୟ ଲାଗିବ। ଖାଦ୍ୟ ପାଇଁ ଶିକାର କରିବା ଉଦ୍ଦେଶ୍ୟରେ ‘ଯମୁନା’ ବୁଲୁଥିବା ବେଳେ ତାର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ଦିଆଯାଇଛି। ସେହିପରି ଗୋଟିଏ ନୂଆ ଅଞ୍ଚଳରେ ବାଘୁଣୀକୁ ☞ପୃଷ୍ଠା–୯



ଏନ୍‌କ୍ଲୋଜରରେ ବୁଲୁଥିବା ‘ଜିନତ୍’ ।

## ଏନ୍‌କ୍ଲୋଜରରେ ମହାବଳ ବାଘୁଣୀ

- ନାଁ ରଖାହେଲା ଜିନତ୍
- ଆସିବେ ଆଉ ୩ ମହାବଳ: ମନ୍ତ୍ରୀ ଗଣେଶ ରାମସିଂ

**ବାରିପଦା,୧୫।୧୧**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମହାରାଷ୍ଟ୍ରରୁ ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ଅଣାଯାଇଥିବା ଅନ୍ୟ ଏକ ମହାବଳ ବାଘୁଣୀକୁ ଏନ୍‌କ୍ଲୋଜରରେ ଛଡ଼ାଯାଇଛି। ସୁସ୍ଥ ଓ ଚଳଚଞ୍ଚଳ ଭାବେ ସେ ଏନ୍‌କ୍ଲୋଜରରେ ବୁଲାବୁଲି କରୁଥିବା ବେଳେ ତା’ର ନାମ ଗଙ୍ଗା ବଦଳରେ ‘ଜିନତ୍’ ରଖାଯାଇଛି। ଏହି ବାଘୁଣୀର ଗତିବିଧି ଉପରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ☞ପୃଷ୍ଠା–୯

### ଆଜିର ସମ୍ପାଦକୀୟ

**ବୈଶ୍ୱିକ ବିଜୟ**


### ଆଜିର ମନ୍ତବ୍ୟ


“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଜକୁ ଭାଗ ଭାଗ କରୁଛନ୍ତି। ଭାଜପା ସହ ରହିଥିବା ସହଯୋଗୀ ଦଳଗୁଡ଼ିକ ସହ ମେଣ୍ଟ ହେବନାହିଁ। **–ଶରଦ ପାୱାର, ଏନ୍‌ସିପି(ଏସ୍‌ପି) ଅଧ୍ୟକ୍ଷ**

# ଖସୁଛି ପାରଦ, ଥରାଇବ ଶୀତ

**ଭୁବନେଶ୍ୱର,୧୫।୧୧**
**(ଅନୁରାଧା ମହାରଣା)**

ରାଜ୍ୟରେ ଗତ କିଛିଦିନ ଧରି ପାଗ ପ୍ରାୟତଃ ଶୁଖିଲା ରହୁଥିବାବେଳେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ଖସିଛି। ହେଲେ ଅନ୍ୟ ଜିଲାଗୁଡ଼ିରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ଥିଲେ ମଧ୍ୟ ଶନିବାରଠାରୁ ରାଜ୍ୟରେ ପାରଦ ତଳମୁହାଁ ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି। ବିଶେଷକରି ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ହେବାର ସମ୍ଭାବନା ଥିବାରୁ ଅଧିକ ଶୀତ ଅନୁଭୂତ ହେବ। ଏପଟେ ଶୁକ୍ରବାର ଉତ୍ତର ଓଡ଼ିଶାରେ ବିଶେଷକରି ସୁନ୍ଦରଗଡ଼ ଜିଲାର କିଛି ସ୍ଥାନରେ ଘନ କୁହୁଡ଼ି ହୋଇଥିଲା। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କନ୍ଧମାଳ ଜିଲାରେ ମଧ୍ୟମ ଧରଣର କୁହୁଡ଼ି ଆସ୍ତରଣ ଦେଖିବାକୁ ମିଳିଥିଲା। ତେଣୁ ପାରଦ ଆହୁରି ତଳମୁହାଁ ହେବାପରେ ସାରା ରାଜ୍ୟକୁ ଶୀତ ଥରାଇବ ବୋଲି ଅନୁମାନ କରାଯାଉଛି। ☞ପୃଷ୍ଠା–୯



କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା

-ବିଛା ସଂକ୍ରାନ୍ତି,
ଛାଡ଼ଖାଇ ଓ ହଳ ନିଷେଧ



# ବୈଶ୍ୱିକ ବିଜୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗ୍ଲୋବାଲ ବାୟୋଫୁଏଲ ଆଲିଆନ୍ସ (ଜିବିଏ) ଓ ଭାରତ ମଧ୍ୟରେ ହୋଷ୍ଟ କଣ୍ଟ୍ରି ଏଗ୍ରିମେଣ୍ଟ ହୋଇଛି। ପ୍ରାୟୋଜକ ଦେଶ ଭାବେ ଭାରତ ଚୁକ୍ତିଭୁକ୍ତ ହେବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଇଏ) ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ। ଏହି ପଦକ୍ଷେପ ଦ୍ୱାରା ଜିବିଏର ସଚିବାଳୟ ଭାରତକୁ ଆସିଛି। ଏହା ଅକ୍ଷୟ ଶକ୍ତି କ୍ଷେତ୍ର ପାଇଁ ଏକ ମାଇଲଖୁଣ୍ଟ । ଏମ୍‌ଇଏ, ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଅଧିକାରୀମାନେ ଏହି ଚୁକ୍ତିରେ ସ୍ୱାକ୍ଷର କରି ଭାରତୀୟ ଆଇନ ଅଧୀନରେ ଜିବିଏକୁ ବୈଧତା ଓ ସ୍ୱାଧୀନତାର ଏକ ଆଧାର ପ୍ରଦାନ କରିଛନ୍ତି। ଜାତିସଂଘ କମ୍ ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକରେ ଥିବା ଏହି ନୂତନ ମୁଖ୍ୟାଳୟଗୁଡ଼ିକୁ ବିଶ୍ୱ ଶକ୍ତି ପରିବର୍ତ୍ତନର ଏକ ସଙ୍କେତ ଭାବରେ ଦେଖୁଛି । କଞ୍ଚାମାଲ ଏବଂ ଯୋଗାଣ ଶୃଙ୍ଖଳ, ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ତଥା ସାଧାରଣ ମାନକ ସୃଷ୍ଟିକରି ବିଶ୍ୱବ୍ୟାପୀ ଜୈବ ଇନ୍ଧନ ବ୍ୟବହାରକୁ ବଢ଼ାଇବା ହେଉଛି ଜିବିଏର କାର୍ଯ୍ୟ। ୨୦୨୩ରେ ଭାରତ ଜି୨୦ର ଅଧ୍ୟକ୍ଷତା ସମୟରେ ଏହା ଆରମ୍ଭ ହୋଇଥିଲା। ଏହା ପରଠାରୁ ଏହି ମେଣ୍ଟରେ ୨୭ଟି ଦେଶ ଏବଂ ୧୨ଟି ଅନ୍ତର୍ଜାତୀୟ ସଙ୍ଗଠନ ସାମିଲ ହୋଇସାରିଲେଣି। ଜୈବ ଇନ୍ଧନ ବ୍ୟବହାର ପାଇଁ ବିଶ୍ୱସ୍ତରରେ ଦେଖାଯାଇଥିବା ଆଗ୍ରହର ଏହା ଏକ ଦୃଢ଼ ନିଦର୍ଶନ। ଭାରତକୁ ଜିବିଏ ସଚିବାଳୟ ଆଣିବା ଏଥିପାଇଁ ସୁଯୋଗ ସୃଷ୍ଟି କରୁଛି। ଭାରତୀୟ ଜୈବ ଇନ୍ଧନ ବିଶେଷଜ୍ଞମାନେ ମନେକରୁଛନ୍ତି ଯେ ଏଥିରେ ନୂତନ ଚାକିରିର ସମ୍ଭାବନା ରହିଥିବା ସହ ଘରୋଇ କ୍ଷେତ୍ର ବୈଷୟିକ ଜ୍ଞାନକୌଶଳ ପ୍ରଦର୍ଶନ ପାଇଁ ଏକ ପ୍ଲାଟ୍‌ଫର୍ମ ପାଇବ।

### ଟିକସ ବୋଝ କମିବ

ଆୟକର ବିଭାଗ ଏହାର ଅଧିକାରୀମାନଙ୍କୁ କିଛି ସର୍ତ୍ତ ଅନୁଯାୟୀ ଅନାଦାୟ ଟିକସ ଉପରେ ସୁଧ ଛାଡ଼ କିମ୍ବା ହ୍ରାସ କରିବାକୁ ଅନୁମତି ଦେଇ ଟିକସଦାତାଙ୍କ ଉପରେ ବୋଝ ହ୍ରାସ କରିବାକୁ ପଦକ୍ଷେପ ନେଇଛି। ଆୟକର ଆଇନର ଧାରା ୨୨୦(୨ଏ) ଅନୁଯାୟୀ ଡିମାଣ୍ଡ ନୋଟିସରେ ନିର୍ଦ୍ଦିଷ୍ଟ ଅର୍ଥ ଯଦି ଟିକସଦାତା ଦେବାରେ ବିଳମ୍ବ କରନ୍ତି , ତେବେ ତାହା ଉପରେ ସେମାନଙ୍କୁ ୧ ପ୍ରତିଶତ ସୁଧ ଦେବାକୁ ହୁଏ। ଏବେ ଯାହା ହେଉ ନିର୍ଦ୍ଧାରିତ ମାର୍ଗଦର୍ଶିକା ଆଧାରରେ ଅଧିକାରୀମାନେ ଛାଡ଼ କରିପାରିବେ। କେତେ ସୁଧ ଛାଡ଼ କିମ୍ବା ହ୍ରାସ କରାଯାଇପାରିବ ତାହା ନିକଟରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ଏକ ଚିଠିରେ ଦର୍ଶାଇଛି । ଏବେ ପ୍ରିନ୍ସିପାଲ ଚିଫ୍ କମିଶନର ଅଫ୍ ଇନ୍‌କମ୍ ଟ୍ୟାକ୍ସ (ପିଆର୍‌ସିସିଆଇଟି) କିମ୍ବା ଚିଫ୍ କମିଶନର ଅଫ୍ ଇନ୍‌କମ୍ ଟ୍ୟାକ୍ସ (ସିସିଆଇଟି) ପରି ବରିଷ୍ଠ ଟିକସ ଅଧିକାରୀଙ୍କ ହାତରେ ବ୍ୟାପକ ଅଧିକାର ରହିଛି। ୧.୫ କୋଟିରୁ ଅଧିକ ଉପରେ ସୁଧ ଛାଡ଼ ଜଣେ ପିଆର୍‌ସିସିଆଇଟି ନିଷ୍ପତ୍ତି ନେଇପାରିବେ। ଅନ୍ୟପଟେ ଜଣେ ସିସିଆଇଟି ୫୦ ଲକ୍ଷରୁ ୧.୫ କୋଟି ଟଙ୍କା ମଧ୍ୟରେ ସୁଧ ଛାଡ଼ କରିପାରିବ । ୫୦ ଲକ୍ଷରୁ କମ୍ ରାଶି ପାଇଁ ସୁଧ ଛାଡ଼ ନିଷ୍ପତ୍ତି ଜଣେ ମୁଖ୍ୟ କମିଶନର କିମ୍ବା କମିଶନର ନେଇପାରିବେ। ଅଧିକାରୀମାନଙ୍କ ପାଇଁ ଅଧିକ ଛାଡ଼ ଏବଂ ଅଧିକ କେହଳର ଭଲ ଓ ମନ୍ଦ ପ୍ରଭାବ ରହିଛି। ଯଦି ଅଧିକାରୀମାନେ ଏହାକୁ ସ୍ୱଚ୍ଛତାର ସହ କାର୍ଯ୍ୟକାରୀ କରନ୍ତି, ତେବେ ଏହା ଏକ ଭଲ ସଙ୍କେତ ହେବା ସହ ଟିକସଦାତାଙ୍କ ପକ୍ଷରୁ ସକାରାତ୍ମକ ପ୍ରତିକ୍ରିୟା ମିଳିବ। ଟିକସ ବିଶେଷଜ୍ଞମାନେ ଏହାକୁ ନେଇ ଆଶାବାଦୀ ଅଛନ୍ତି । ସେମାନେ ଏହା ମଧ୍ୟ ଆଶା କରୁଛନ୍ତି ଯେ, ଏହି ବ୍ୟବସ୍ଥାଗୁଡ଼ିକ ଟିକସଦାତାଙ୍କ ପାଇଁ ଛାଡ଼ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଚିତ। ଏହି ପଦକ୍ଷେପ ସ୍ୱଚ୍ଛତା ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବାର ସମ୍ଭାବନା ଅଛି। ପରିଶେଷରେ ଏହି ସଂସ୍କାର କରଦାତାମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଉପାୟରେ ସହଯୋଗ କରିବାର ଏକ ସୁଯୋଗକୁ ପ୍ରତିପାଦିତ କରେ ।

### ପ୍ରଯୁକ୍ତି ଦୌଡ଼ରେ ଉତ୍ତରପ୍ରଦେଶ

ନିକଟରେ ଉତ୍ତରପ୍ରଦେଶ ସରକାର ପୁରୁଷ ହେୟାର ପାର୍ଲର ଓ ଦରଜୀ ଦୋକାନକୁ ମହିଳାମାନେ ଯିବାକୁ ବାରଣ କରି ଏକ ନିର୍ଦ୍ଦେଶନାମା ଜାରିକରିବା ପରେ ବିବାଦୀୟ ହୋଇଥିଲେ। ସେହି ସପ୍ତାହରେ ରାଜ୍ୟ ଅମଲାତନ୍ତ୍ରୀମାନେ ଉଚ୍ଚ ବୈଷୟିକ ଭବିଷ୍ୟତରେ ରାଜ୍ୟ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୁରକ୍ଷିତ ରଖିବାକୁ ଲକ୍ଷ୍ୟ ରଖିଥିଲେ। ୩୦,୭୦୦କୋଟି ଟଙ୍କା ମୂଲ୍ୟର ସେମିକଣ୍ଡକ୍ଟର ଉତ୍ପାଦନ ପ୍ରକଳ୍ପ ଘୋଷଣାକରି ସେମାନେ ବିଶ୍ୱ ପ୍ରଯୁକ୍ତି ଦୌଡ଼ରେ ଉତ୍ତରପ୍ରଦେଶ ପାଇଁ ଏକ ସ୍ଥାନ ପାଇବାକୁ ଚେଷ୍ଟା କରୁଛନ୍ତି। ଉତ୍ତରପ୍ରଦେଶ ରାଜ୍ୟ କ୍ୟାବିନେଟ୍ ଦ୍ୱାରା ଦୁଇଟି ପ୍ରମୁଖ ପ୍ରକଳ୍ପର ଅନୁମୋଦନ କ୍ରମେ ନୋଏଡା ଏକ ପ୍ରମୁଖ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ର ହେବାକୁ ଯାଉଛି। ପ୍ରଥମଟି, ଟାର୍କ ସେମିକଣ୍ଡକ୍ଟର (ହୀରାନନ୍ଦନୀ ଗ୍ରୁପ୍) ଦ୍ୱାରା ୨୭,୦୦୦ କୋଟି ଟଙ୍କାର କେନ୍ଦ୍ର ସ୍ମାର୍ଟଫୋନ ଏବଂ କାର୍ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇକ୍ରୋଚିପ୍ ଉତ୍ପାଦନ କରିବ। ଦ୍ୱିତୀୟଟି ହେଉଛି ଭାମା ସୁନ୍ଦରୀ ଇନ୍‌ଭେଷ୍ଟମେଣ୍ଟ (ଏଚ୍‌ସିଏଲ୍ ଗ୍ରୁପ୍) ଦ୍ୱାରା ୩,୭୦୦ କୋଟି ଟଙ୍କାର ପ୍ଲାଣ୍ଟ। ଏହା ଡ୍ରାଇଭର ଆଇସି ଏବଂ ଡିସ୍‌ପ୍ଲେ ଡ୍ରାଇଭର ସର୍କିଟ ଉତ୍ପାଦନ କରିବ। ଉଭୟ କମ୍ପାନୀ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ରହିବ ଏବଂ ଏହି ଅଞ୍ଚଳର ବଢୁଥିବା ବୈଷୟିକ ପରିସଂସ୍ଥାକୁ ଅଧିକ ସହଯୋଗ କରିବ। କେନ୍ଦ୍ର ସରକାରଙ୍କ ଯୋଜନା ସହଯୋଗରେ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷମତାକୁ ମଜଭୁତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ଭଳି ଏହା କାମ କରିବ। ଜାତୀୟ ସୁରକ୍ଷା ପାଇଁ ଚିପ୍ସ ଉତ୍ପାଦନ ଲାଗି ରାଜ୍ୟର ଏହି ଯୋଜନାରେ ଆମେରିକାର ଭାଗୀଦାରି ରହିଛି।

Email: dilipcherian@gmail.com

# କଳାପଟି ହଟିଗଲା ପରେ



ବୃହସ୍ପତି ସାମଲ

ଭାରତୀୟ ନ୍ୟାୟ ବ୍ୟବସ୍ଥା ଏବେ ଆଉ ଅନ୍ଧ ନୁହେଁ କି କୌଣସି ହିଂସାର ପ୍ରତୀକ ତା'ପାଇଁ ଶୋଭନୀୟ ନୁହେଁ ବୋଲି ବିବେଚନାକରି ନିକଟରେ ଉଚ୍ଚତମ ନ୍ୟାୟାଳୟ ଇଂରେଜ ଅମଳରୁ ନ୍ୟାୟଦେବୀଙ୍କ ଆଖିରେ ବନ୍ଧାହୋଇଥିବା କଳାପଟିକୁ କାଢ଼ିନେବା ସହ ତାଙ୍କ ବାମହାତରେ ଖଣ୍ଡା ବଦଳରେ ଭାରତୀୟ ସମ୍ବିଧାନ ଧରାଇଛନ୍ତି। ଆଇନ ଆଖିରେ ସମସ୍ତେ ସମାନ ବୋଲି ଅଦାଲତରେ ହାଜର ହେଉଥିବା ବ୍ୟକ୍ତିଙ୍କ ଧନ, କ୍ଷମତା କିମ୍ବା କୌଣସି ସାମାଜିକ ସ୍ଥିତିକୁ ନ ଦେଖି ଅନ୍ୟାୟ ବିରୋଧରେ ଦଣ୍ଡାଦେଶ କ୍ଷମତାର କର୍ତ୍ତୃତ୍ୱକୁ ନ୍ୟାୟଦେବୀଙ୍କ ଅନ୍ଧପୁତୁଳି ଓ ଖଡ୍‌ଗ ସୂଚିତ କରୁଥିଲେ। କିନ୍ତୁ ଏବେ ଖୋଲାଆଖି ଓ ହାତରେ ସମ୍ବିଧାନ ସହ ନ୍ୟାୟଦେବୀଙ୍କ ମୂର୍ତ୍ତିରେ ପରିବର୍ତ୍ତନକୁ ନେଇ କୁହାଯାଇଛି ଯେ, ଅହିଂସାକୁ ମୂଳମନ୍ତ୍ର କରି ଭାରତ ଇଂରେଜ ଶାସନ କବଳରୁ ଅନେକ ଦିନରୁ ମୁକ୍ତିଲାଭ କରିସାରିଥିଲାବେଳେ ୧୮୬୦/୬୧ରେ ଇଂଲଣ୍ଡ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ଇଣ୍ଡିଆନ୍ ପେନାଲ କୋଡ୍, ଏଭିଡେନ୍ସ ଆକ୍ଟ ଓ ସିଆର୍‌ପିସିକୁ ଇଂରେଜ ଉପନିବେଶବାଦ୍‌ରୁ ମୁକ୍ତି ଦେଇ ଯେଭଳି ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ସାକ୍ଷ୍ୟ ସଂହିତା ଓ ନାଗରିକ ସୁରକ୍ଷା ସଂହିତାର ପ୍ରଚଳନ କରାଗଲା, ଠିକ୍ ସେହିଭଳି ନ୍ୟାୟଦେବୀଙ୍କ ମୂର୍ତ୍ତିରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ନ୍ୟାୟଦେବୀଙ୍କ ନୂତନ ଅବୟବର ଅନାବରଣ ଅବସରରେ ଭାରତୀୟ ନ୍ୟାୟ ବ୍ୟବସ୍ଥା କେତେ ସୁଧୁରିବ ଓ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ କେତେ ସହାୟକ ହେବ ଆଲୋଚନା ହେବା ଜରୁରୀ।

ନ୍ୟାଶନାଲ ଜୁଡିସିଆଲ ଡାଟା ଗ୍ରିଡ୍‌ର ତଥ୍ୟାନୁଯାୟୀ, ୨୦୨୩ ଶେଷସୁଦ୍ଧା ଦେଶର ବିଭିନ୍ନ ଅଦାଲତରେ ପାଖାପାଖି ୪.୫ କୋଟି ଅମୀମାଂସିତ ଓ ବିଚାରାଧୀନ ମକଦ୍ଦମା ମଧ୍ୟରୁ କେବଳ ନିମ୍ନ ଅଦାଲତମାନଙ୍କରେ ଏହା ୮୭.୬%, ଯେଉଁଥିରୁ ଅନ୍ୟୂନ ୨୫% ପାଞ୍ଚବର୍ଷରୁ ଅଧିକ ସମୟଧରି ରାୟ ଅପେକ୍ଷାରେ। ସେହିଭଳି ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ବିଚାରାଧୀନ ୪୧% ମକଦ୍ଦମା ସମାନ ଅବସ୍ଥାରେ। ଏପରିକି କିଛି ମକଦ୍ଦମା ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟଧରି ଅମୀମାଂସିତ ଅବସ୍ଥାରେ ପଡ଼ିରହିଛି। ଏ ବାବଦରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ବିହାର ଭଳି ଜନବହୁଳ ରାଜ୍ୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। କେବଳ ଉତ୍ତରପ୍ରଦେଶରେ ୧.୧ କୋଟିରୁ ଊର୍ଦ୍ଧ୍ୱ ମକଦ୍ଦମା ବିଚାରାଧୀନ। ବିଗତ ୫ ବର୍ଷ ମଧ୍ୟରେ ବିଚାରାଧୀନ ମକଦ୍ଦମାର ସଂଖ୍ୟା ଉଚ୍ଚତମ ନ୍ୟାୟାଳୟରେ ୩୫%, ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ୩୩% ଓ ନିମ୍ନ ଅଦାଲତଗୁଡ଼ିକରେ ୩୮% ବୃଦ୍ଧିପାଇଛି। ଏତେ ପରିମାଣରେ ବାକିଆ ଓ ଅସମ୍ପୂର୍ଣ୍ଣ ମକଦ୍ଦମା ସହ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଏବଂ ସଂସାଧନର ଅଭାବ, ବ୍ୟବସ୍ଥାଗତ ଦୋଷତ୍ରୁଟି, ଢାଞ୍ଚାଗତ ଅବ୍ୟବସ୍ଥା, ପ୍ରକ୍ରିୟାଗତ ଦୁର୍ବଳତା, ସରକାରୀ ବାଧାବିଘ୍ନ ଓ ମକଦ୍ଦମାଗୁଡ଼ିକର ଜଟିଳତା ସହ ଗଦାଗଦା କେସ୍ ଫାଇଲ ଭିତରେ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ



ଯୋଗାଇଦେବା ପାଇଁ ଅଣନିଃଶ୍ୱାସୀ ହୋଇପଡୁଥିବା ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ନ୍ୟାୟଦେବୀଙ୍କ କାୟିକ ପରିବର୍ତ୍ତନ ଅନେକ ବିବାଦକୁ ଆମନ୍ତ୍ରଣ କରିଛି।

ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ବଡ଼ ଆହ୍ୱାନ ହେଉଛି ଆବଶ୍ୟକ ସଂଖ୍ୟକ ବିଚାରପତିଙ୍କ ଅଭାବ। ତଥ୍ୟ ଅନୁସାରେ, ଫେବୃଆରୀ ୨୦୨୩ ସୁଦ୍ଧା ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ୪୨% ବିଚାରପତି ପଦବୀ ଖାଲିଥିଲା। ଏ ବାବଦରେ ଦିଲ୍ଲୀ ଓ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ଖାଲି ପଦବୀ ସଂଖ୍ୟା ୫୦%ରୁ ଅଧିକ। ସେହିଭଳି ନିମ୍ନ ଅଦାଲତଗୁଡ଼ିକରେ ଖାଲିଥିବା ବିଚାରପତିଙ୍କ ସଂଖ୍ୟା ଅନ୍ୟୂନ ୨୧%। ୧୯୮୭ରୁ ବିଧି ଆୟୋଗଙ୍କ ଅନୁମୋଦନ ମୁତାବକ ପ୍ରତି ଏକ ନିୟୁତ ଲୋକଙ୍କ ପାଇଁ ୫୦ଜଣ ବିଚାରପତିଙ୍କର ଆବଶ୍ୟକତା ଥିଲାବେଳେ ବର୍ତ୍ତମାନ ଭାରତରେ ତାହା ମାତ୍ର ୨୧, ଯାହା ଚାଇନା ଭଳି ରାଷ୍ଟ୍ରରେ ୧୫୯। ଏହି ଅନୁମୋଦନକୁ ଉଚ୍ଚତମ ନ୍ୟାୟାଳୟ ୨୦୦୧ରେ ଏବଂ ସଂସଦୀୟ ଷ୍ଟାଣ୍ଡିଂ କମିଟି ୨୦୦୨ରେ ଦୋହରାଇଥିଲେ ବି ବିଗତ ତିନି ଦଶନ୍ଧି ଭିତରେ ଜନସଂଖ୍ୟା ୧୪୦ କୋଟି ଅତିକ୍ରମ କରିବା ସତ୍ତ୍ୱେ ମଧ୍ୟ କେନ୍ଦ୍ର ସରକାର ଅଦ୍ୟାବଧି କୌଣସି ପଦକ୍ଷେପ ନ ନେବା ପରିତାପର ବିଷୟ। ତେଣୁ କଳାପଟି ହଟିଗଲା ପରେ ନ୍ୟାୟଦେବୀଙ୍କ ଦୃଷ୍ଟି ପ୍ରଥମେ ଏହି ମୁଖ୍ୟ ସମସ୍ୟା ଉପରେ କେନ୍ଦ୍ରୀଭୂତ ହେବ ବୋଲି ଆଶା।

ଦ୍ୱିତୀୟତଃ, ମାନବ ସମ୍ବଳ, ସଂସାଧନ ଓ ଢାଞ୍ଚାଗତ ଅଭାବବୋଧ ନ୍ୟାୟ ବ୍ୟବସ୍ଥାର ପାରିବାପଣିଆ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟିକରେ। ବିଧି ସେଣ୍ଟର ଫର୍ ଲିଗାଲ ପଲିସିର ସୂଚନା ମୁତାବକ, ଅନ୍ୟୂନ ୯୦% ଜିଲାସ୍ତରୀୟ ନ୍ୟାୟାଳୟଗୁଡ଼ିକରେ ସର୍ବନିମ୍ନ ସୁବିଧାସୁଯୋଗ ଉପଲବ୍ଧ ନୁହେଁ। ବିଚାରାଳୟଗୁଡ଼ିକରେ ଘୋର ସ୍ଥାନାଭାବ, ଡିଜିଟାଲ ଟେକ୍ନୋଲୋଜି ସହ କର୍ମଚାରୀଙ୍କ ଅଭାବ ବିଚାରାଧୀନ ମକଦ୍ଦମାଗୁଡ଼ିକର ସଂଖ୍ୟାବୃଦ୍ଧିରେ ସହାୟକ ହେଉଛି। ସରକାରଙ୍କ ଦ୍ୱାରା ୨୦୦୭ରୁ ପ୍ରଚଳିତ ଇ-କୋର୍ଟ ଯୋଜନା ଏଯାଏ ଠିକ୍‌ଭାବରେ, ବିଶେଷକରି ଗ୍ରାମାଞ୍ଚଳ କୋର୍ଟଗୁଡ଼ିକରେ କାର୍ଯ୍ୟକାରୀ ହୋଇପାରିନାହିଁ। ଗ୍ରାମାଞ୍ଚଳରେ ସୀମିତ ଇଣ୍ଟରନେଟ୍ ଓ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟା ସଂରଚନାର ଅଭାବ ଯୋଗୁ ନିମ୍ନ ଅଦାଲତଗୁଡ଼ିକ ଇ-ଫାଇଲିଂ, ଅନ୍‌ଲାଇନ ପେମେଣ୍ଟ, ଭିଡିଓ କନ୍‌ଫରେନ୍ସ ଭଳି ସୁବିଧା ଉପଲବ୍ଧ କରେଇବାରୁ ବଞ୍ଚିତ। ଆଜିର ଡିଜିଟାଲ ଦୁନିଆରେ ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ କଳାପଟି ହଟିଗଲା ପରେ ଏସବୁ ଅସୁବିଧାଗୁଡ଼ିକ ଉପରେ ନ୍ୟାୟଦେବୀଙ୍କ ଦୃଷ୍ଟି ପଡ଼ିବା ଜରୁରୀ।

ତୃତୀୟରେ, ପରିଚାଳନା ଓ ପ୍ରକ୍ରିୟାଗତ ଦୋଷତ୍ରୁଟି ନ୍ୟାୟିକ ବ୍ୟବସ୍ଥାରେ ଅନ୍ୟ ଏକ ଦୁର୍ବଳତା। ତଥ୍ୟ ଅନୁସାରେ ଉଚ୍ଚତମ ନ୍ୟାୟାଳୟ ଆନୁଷ୍ଠାନିକ ଭାବେ ବର୍ଷରେ ପାଖାପାଖି ୧୯୩ ଦିନ କାର୍ଯ୍ୟ କରୁଥିଲାବେଳେ ଉଚ୍ଚ ନ୍ୟାୟାଳୟଗୁଡ଼ିକ ୨୧୦ ଦିନ ଓ ଟ୍ରାଏଲ କୋର୍ଟଗୁଡ଼ିକ ୨୪୫ ଦିନ କାର୍ଯ୍ୟ କରିଥାନ୍ତି। ସପ୍ତାହ ସପ୍ତାହ ଧରି ଲମ୍ବାଛୁଟି ସହ ବାରମ୍ବାର ମୁଲତବୀ ଓ ଶୁଣାଣି ତାରିଖରେ ପରିବର୍ତ୍ତନ ବିଳମ୍ବିତ ନ୍ୟାୟ ପ୍ରଦାନକୁ ବେଶି ଖୋରାକ ଯୋଗାଉଛି। ଏହି ପରିପ୍ରେକ୍ଷୀରେ ୫ ନଭେମ୍ବର ୨୦୨୪ରେ ସୁପ୍ରିମ୍‌କୋର୍ଟ (ଦ୍ୱିତୀୟ ସଂଶୋଧନ)ରୁଲ୍ସ, ୨୦୨୪ର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସୁପ୍ରିମ୍‌କୋର୍ଟରେ ପାରମ୍ପରିକ ଭାବେ ଚାଲିଆସିଥିବା ଅବକାଶକାଳୀନ ଖରାଛୁଟି ଏଣିକି 'ଆଂଶିକ ନ୍ୟାୟାଳୟ କାର୍ଯ୍ୟଦିବସ' ରୂପେ ପରିଚିତ ହେବା ଏବଂ ପ୍ରତ୍ୟେକ ରବିବାରକୁ ଛାଡ଼ି ୯୫ ଦିନରୁ ଅଧିକ ଛୁଟି ଦିଆ ନ ଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ବି ଦେଶର ପ୍ରତ୍ୟେକ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କ ଉପରୋକ୍ତ ନିୟମ ପରିସରଭୁକ୍ତ ହେଲେ ନ୍ୟାୟଦେବୀଙ୍କ ଅନ୍ଧପୁତୁଳି ଖୋଲିବାର ଯଥାର୍ଥତା ପ୍ରତିପାଦିତ ହେବ।

ଚତୁର୍ଥରେ, ଆବଶ୍ୟକ ପ୍ରମାଣ ଯୋଗାଡ଼ ଓ ଉପସ୍ଥାପନାରେ ବାଧା, ସାକ୍ଷ୍ୟ ଗ୍ରହଣରେ ବିଳମ୍ବ, ଧାର୍ଯ୍ୟ ସମୟାନୁସାରେ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପାଳନରେ ଅସୁବିଧା, ଅପ୍ରଚଳିତ, ଜଟିଳ ଓ ଅସ୍ପଷ୍ଟ ଆଇନଗତ ପ୍ରକ୍ରିୟାମାନ ବିଳମ୍ବିତ ନ୍ୟାୟ ପ୍ରଦାନକୁ ଯେଭଳିଭାବେ ପ୍ରଭାବିତ କରୁଛି, ନ୍ୟାୟଦେବୀଙ୍କ ଖୋଲାଆଖି ସେସବୁ ସମସ୍ୟା ଉପରେ ଦୃଷ୍ଟିନିକ୍ଷେପ କରିବା ଜରୁରୀ। ଯାହା ଦେଖାଯାଏ, ଅର୍ଦ୍ଧାଧିକ ମକଦ୍ଦମାରେ ସରକାର ପକ୍ଷଭୁକ୍ତ ହୋଇଥାନ୍ତି ଏବଂ ସରକାରୀ କଳର କୁପରିଚାଳନା ବିଚାରାଧୀନ ମକଦ୍ଦମାର ସଂଖ୍ୟା ବୃଦ୍ଧିରେ ସହାୟକ ହୋଇଥାଏ। ବିଳମ୍ବିତ ନ୍ୟାୟ ବ୍ୟବସ୍ଥା ଯେ କେବଳ ବିଚାରବିଭାଗର ପାରିବାପଣିଆ ଉପରେ କୁଠାରାଘାତ କରି ଜନତାଙ୍କ ବିଶ୍ୱାସ ହରାଏ, ସେକଥା ନୁହେଁ ବରଂ ଉଭୟ ପକ୍ଷର ଆର୍ଥିକ ଓ ମାନସିକ ଅବସ୍ଥାକୁ କ୍ଷତି ପହଞ୍ଚାଏ। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ, ୨୦୨୦ ସୁଦ୍ଧା ଜେଲର ମୋଟ ବନ୍ଦୀଙ୍କ ମଧ୍ୟରୁ ୭୬% ହେଉଛନ୍ତି ବିଚାରାଧୀନ କଏଦୀ, ଯେଉଁମାନେ ବିଳମ୍ବିତ ନ୍ୟାୟ ପ୍ରକ୍ରିୟାରେ ଅଯଥା ଶିକାର ହୋଇଥାନ୍ତି।

ଅଦାଲତ ଓ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି, ଖାଲିଥିବା ସମସ୍ତ ପଦବୀ ପୂରଣ, ନୂତନ ପଦବୀ ସୃଷ୍ଟି, ନ୍ୟାୟାଳୟଗୁଡ଼ିକର କାର୍ଯ୍ୟଦିବସ ବୃଦ୍ଧି, ଡିଜିଟାଲ ପଦକ୍ଷେପକୁ ତ୍ୱରାନ୍ୱିତ କରି ଅଦାଲତଗୁଡ଼ିକରେ ଜନହିତ ପାଇଁ ମକଦ୍ଦମାଗୁଡ଼ିକର ଇ-ଫାଇଲିଂ, ଅନ୍‌ଲାଇନ ପେମେଣ୍ଟ ବ୍ୟବସ୍ଥା ଓ ଆଭାସୀ ଶୁଣାଣିର ବନ୍ଦୋବସ୍ତ ସହ ସର୍ବନିମ୍ନ ସୁବିଧାସୁଯୋଗ ଉପଲବ୍ଧ କରାଇବାକୁ ସରକାର ପ୍ରାଥମିକତା ଦେବା ଉଚିତ ହେବ। ସର୍ବୋପରି, ବିକଳ୍ପ ନ୍ୟାୟବ୍ୟବସ୍ଥା ପାଇଁ ଉଦ୍ଦିଷ୍ଟ ଫାଷ୍ଟଟ୍ରାକ୍ କୋର୍ଟ, ଲୋକ ଅଦାଲତ, ଗ୍ରାମ୍ୟ ନ୍ୟାୟାଳୟଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ଅଧିକ ଜରୁରୀ, ଯାହା ଅଦାଲତର ମକଦ୍ଦମା ସଂଖ୍ୟା ହ୍ରାସକରି ତ୍ୱରିତ ନ୍ୟାୟ ପ୍ରଦାନରେ ସହାୟକ ହେବ। ନ୍ୟାୟଦେବୀଙ୍କ କାୟିକ ପରିବର୍ତ୍ତନ ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଥିବା ଦୋଷଦୁର୍ବଳତାକୁ ଏକାକୀ ପରିବର୍ତ୍ତିତ କରିବା ଆଦୌ ସମ୍ଭବ ନୁହେଁ। ସମଗ୍ର ନ୍ୟାୟିକ ବ୍ୟବସ୍ଥାକୁ ପଙ୍ଗୁକରି ରଖିଥିବା ଉପରୋକ୍ତ ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ନ ହେଲେ ଅନ୍ଧପୁତୁଳି ହଟିଗଲା ପରେ ବି ନ୍ୟାୟଦେବୀଙ୍କ ପ୍ରତିମୂର୍ତ୍ତି ବାମହାତରେ ସମ୍ବିଧାନକୁ ଧରି ଆଖିଖୋଲି କେବଳ ଜଳଜଳ ଚାହିଁଥିବେ ସିନା, ଲୋକଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷାଦେବାରେ ଅସଫଳ ରହିବେ ନିଶ୍ଚୟ।

ମୋ:୯୪୩୭୦୨୨୬୬୯

# ଖବରକାଗଜ ଓ ଆମେ



ସନତ୍ ମିଶ୍ର

ଭାରତ ସ୍ୱାଧୀନ ହେବାର ୭୭ ବର୍ଷ ପରେ ଏବେ ଖବରକାଗଜ ଉପରେ ସମୀକ୍ଷା କରିବାର ଆବଶ୍ୟକତା ଅନୁଭୂତ ହେଉଛି। ସ୍ୱାଧୀନତା ଲାଭ ପୂର୍ବରୁ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆହୁରି ସକ୍ରିୟ କରିବାକୁ ଖବରକାଗଜକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଥିଲା। ସ୍ୱାଧୀନତା ପରେ ମଧ୍ୟ ଖବରକାଗଜକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ଉଦାହରଣ ଦିଆଯାଉଥିଲା। ମାତ୍ର ଖବରକାଗଜ ବା ମୁଦ୍ରଣ ଗଣମାଧ୍ୟମ ଏବେ ସଙ୍କଟରେ ବୋଲି କୁହାଗଲାଣି। ଖବରକାଗଜର ଇତିହାସ ବେଶ୍ ଉଜ୍ଜ୍ୱଳ ମନେ ହୋଇଥାଏ। ଅଷ୍ଟାଦଶ ଶତାବ୍ଦୀରେ ପ୍ରଥମ ଭାରତୀୟ ଖବରକାଗଜ ଭାବେ ବେଙ୍ଗଲ ଗେଜେଟ୍ ବା କାଲକାଟା ଜେନେରାଲ୍ ଆଡ୍‌ଭର୍ଟାଇଜର ଇଂଲିଶ ଭାଷାରେ ତତ୍କାଳୀନ କଲିକତା ଓ ଏବେର କୋଲକାତା ମହାନଗରରୁ ପ୍ରକାଶ ପାଇଥିଲା। ଏହାପରେ ୧୭୮୯ ମସିହାରେ ବମ୍ବେ (ଏବର ମୁମ୍ବାଇ) ରୁ ପ୍ରକାଶିତ ହୋଇଥିଲା 'ବମ୍ବେ ଭେରାଇଡ୍' ଯାହା ପରବର୍ତ୍ତୀ ବର୍ଷ 'ବମ୍ବେ କୋରିଅ' ଭାବେ ପ୍ରକାଶ ଲାଭ କରିଥିଲା ଓ ପରେ ଇଂଲିଶ ଭାଷାର ଖବରକାଗଜ 'ଟାଇମ୍‌ସ ଅଫ୍ ଇଣ୍ଡିଆ'ରେ ୧୮୬୧ରେ ଏହାର ମିଶ୍ରଣ ଘଟିଥିଲା।

ଭାରତରେ ବଙ୍ଗଳା ଭାଷାରେ ପ୍ରଥମ ଆଞ୍ଚଳିକ ଖବରକାଗଜ ଭାବେ ୧୮୧୮ ମେ ୨୩ରେ ସମାଚାର ଦର୍ପଣ ପ୍ରକାଶ ପାଇବା ପରେ ହିନ୍ଦୀ ଭାଷାରେ ପ୍ରଥମ ଖବରକାଗଜ 'ସମାଚାର ସୁଧା ଦର୍ପଣ' ୧୮୫୪ରେ ପ୍ରକାଶ ପାଇଥିଲା । ଏହା ପରେ କନ୍ନଡ଼, ମାଲୟାଲମ୍, ତାମିଲ୍ ପ୍ରଭୃତି ଭାଷାରେ ଖବରକାଗଜ ପ୍ରକାଶିତ ହୋଇଥିଲା ଓ ପ୍ରକୃତରେ ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ସାପ୍ତାହିକ ଖବରକାଗଜ ଭାବେ ୪ ଅଗଷ୍ଟ ୧୮୬୬ରେ ମୁଦ୍ରିତ ହୋଇ ଲୋକପ୍ରିୟତା ଅର୍ଜନ କରିଥିଲା। ଗୌରୀଶଙ୍କର ରାୟ ଏହାର ସମ୍ପାଦକ ଥିଲେ। ପରେ ପରେ 'ସମାଜ', 'ଦୈନିକ ଆଶା', 'ପ୍ରଜାତନ୍ତ୍ର' ଓ ଅନ୍ୟାନ୍ୟ ଖବରକାଗଜ ଆଦୃତ ହୋଇଥିଲା। ଏବେ ଏକବିଂଶ ଶତାବ୍ଦୀରେ 'ସମାଜ' ଏକଶତ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଖବରକାଗଜ ଭାବେ ଓଡ଼ିଆ ପାଠକଙ୍କ ପ୍ରତିନିଧିତ୍ୱ କରି ଆସୁଥିବା ବେଳେ ଏବେ ଅନେକ ପ୍ରତିଷ୍ଠିତ ଖବରକାଗଜ ନିଜର ସ୍ଥିତି ବଜାୟ ରଖିପାରିଛନ୍ତି। ଆହୁରି ଅନେକ ଓଡ଼ିଆ ଦୈନିକ ଖବରକାଗଜ ଅଛି, ଯାହାର ନାମ ସବୁକୁ ଆଲୋଚନା କରାଯାଇ ପାରନ୍ତା।

ସାପ୍ତାହିକ ଖବରକାଗଜ ଭାବେ 'ରାଷ୍ଟ୍ରଦୀପ', ଅନ୍ୟାନ୍ୟ ସାପ୍ତାହିକ ଖବରକାଗଜ ଓ ମାସିକ ଓଡ଼ିଆ ପତ୍ରିକା ଭାବେ ଶୈଳବାଳା ମିଶ୍ରଙ୍କ ସଂଯୋଜନାରେ 'ସମାରୋହ', ପ୍ରଭାସ ଆଚାର୍ଯ୍ୟଙ୍କ ସମ୍ପାଦନାରେ 'ଗୋପବନ୍ଧୁଙ୍କ ସତ୍ୟବାଦୀ', ଡ. ଭର୍ତ୍ତୃହରି ମହତାବଙ୍କ ସମ୍ପାଦନାରେ 'ଝଙ୍କାର', ଇତିସାମନ୍ତଙ୍କ ସମ୍ପାଦନାରେ 'କାଦମ୍ବିନୀ', ସୁଦତ୍ତା ପଟ୍ଟନାୟକଙ୍କ ସମ୍ପାଦନାରେ 'ପୌରୁଷ' ପ୍ରଭୃତି ପ୍ରକାଶ ପାଇଚାଲିଛି। ଏସବୁ ପତ୍ରିକା ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି।

**ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ**



କରୋନା ମହାମାରୀ ପରେ କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ଖବରକାଗଜ ଓ ପତ୍ରପତ୍ରିକାର ପ୍ରକାଶନ ଏବଂ ବିତରଣ କ୍ଷେତ୍ରରେ ସଙ୍କଟ ଦେଖାଯାଇଥିଲା। ମାତ୍ର ଏବେ ସେପରି ଅବସ୍ଥା ନାହିଁ। ବର୍ତ୍ତମାନ ମୁଦ୍ରଣ ଗଣମାଧ୍ୟମ ସହିତ ପ୍ରତିଯୋଗିତାର ସମ୍ମୁଖୀନ ହୋଇଛି ବିଭିନ୍ନ ଘରୋଇ ଟିଭି ଚାନେଲ୍। ଏବେ ସେହି ସବୁ ଘରୋଇ ଓ ସରକାରୀ ଟିଭି ଚାନେଲ୍‌କୁ ବା ତଡ଼ିତ ଗଣମାଧ୍ୟମକୁ ପଛରେ ପକାଇ ପାରିଛି ବିଭିନ୍ନ ସାମାଜିକ ଗଣମାଧ୍ୟମ। ମୋବାଇଲ୍‌ର ପ୍ରଚଳନ ବହୁ ସଂଖ୍ୟାରେ ହେବାରୁ ମୋବାଇଲ୍ ଯୋଗେ ବିଭିନ୍ନ ଆମୋଦପ୍ରମୋଦ ବ୍ୟବସ୍ଥା ସମେତ ଖବର ତଥା ଅନ୍ୟାନ୍ୟ ସୂଚନା ଏବେ ସାମାଜିକ ଗଣମାଧ୍ୟମ ଜରିଆରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛି। 'ହ୍ୱାଟ୍‌ସ ଆପ୍' ପରେ ସବୁଠାରୁ ବେଶି ଆଦୃତ ସାମାଜିକ ଗଣମାଧ୍ୟମ ହେଉଛି 'ଫେସ୍ ବୁକ୍'। ସାରା ବିଶ୍ୱରେ ଏମ୍‌ଓଏମ୍ ନିୟୁତ ବ୍ୟକ୍ତି ଚଳିତ ବର୍ଷ (୨୦୨୪ରେ) ଏହି 'ଫେସ୍‌ବୁକ୍' ସହିତ ଯୋଡ଼ି ହୋଇ ରହିଛନ୍ତି। ଏହା ପଛକୁ 'ଇନ୍‌ଷ୍ଟାଗ୍ରାମ୍' ରହିଛି। ଅଳ୍ପ କେତେକ ଗ୍ରାହକ ଟୁଇଟରରେ ଥିଲେ ମଧ୍ୟ ଟୁଇଟର ଏତେଟା ପ୍ରଭାବଶାଳୀ ହୋଇପାରିନାହିଁ।

ଏବେ ମୁଦ୍ରଣ ଗଣମାଧ୍ୟମର ମାଲିକ ଓ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ବା ରାଜ୍ୟ ସରକାର ତଥା ଖବରକାଗଜ ମାଲିକମାନେ ଏଥିପ୍ରତି ସଚେତନ ହୋଇପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଯେଉଁ ସାମ୍ବାଦିକମାନେ ସାମ୍ବାଦିକ ସଂଘ ଗଠନ କରିଛନ୍ତି, ସେମାନେ ସାମ୍ବାଦିକ ବା ଖବରକାଗଜ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ଲାଗି ଏବେ କୌଣସି ସକ୍ରିୟ ଭୂମିକାରେ ଥିବାପରି ମନେ ହେଉନାହିଁ। ଅବଶ୍ୟ ବିଭିନ୍ନ ସଭା ସମିତି, ଧାରଣା, ଆଲୋଚନାଚକ୍ରରେ ସେମାନେ ବ୍ୟସ୍ତ ରହୁଛନ୍ତି।

ଖବରକାଗଜ ବା ଏହାର ସାମ୍ବାଦିକତା ସ୍ୱାଧୀନତା ମଧ୍ୟ ସଙ୍କୁଚିତ ହୋଇଥିବା ପରି ମନେ ହେଉଛି। ଖବରକାଗଜକୁ ନିୟନ୍ତ୍ରଣ କରିବାକୁ ୧୯୬୬ ମସିହା ନଭେମ୍ବର ୧୬ ତାରିଖରୁ ଭାରତ ସରକାର ପ୍ରେସ୍ କାଉନ୍‌ସିଲ୍ ସଂସ୍ଥା ଆରମ୍ଭ କରିଥିଲେ। ସେହି ଦିବସଟି ଅର୍ଥାତ୍ ନଭେମ୍ବର ୧୬କୁ ଆମେ ପ୍ରେସ୍ ଦିବସ ଭାବେ ପାଳନ କରିଆସୁଛୁ। ସର୍ବଭାରତୀୟ ସ୍ତରରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ଯାହା କି ଦୀପକ ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି, ତାହାର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଅଛନ୍ତି। ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରୁଛି।

**ସାଧାରଣ ସମ୍ପାଦକ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ, ଭୁବନେଶ୍ୱର**
**ମୋ: ୯୧୭୮୪୧୭୧୭**

## ଏଇ ଭାରତରେ

ବୁଲାକୁକୁରଙ୍କ ସେବାରେ ଜଣେ ଉତ୍ସର୍ଗୀକୃତ ମହିଳା ହେଉଛନ୍ତି ଚନ୍ଦ୍ରିକା ୟୋଲମୋ ଲାମା। ସେ ପ୍ରତିଦିନ ସକାଳେ ୮ କିଲୋମିଟର ଚାଲନ୍ତି ଓ ସେହି ସମୟରେ ବୁଲାକୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ଏହାସହ କୌଣସି କୁକୁର ଅସୁସ୍ଥ ଥିଲେ ତାହାର ଚିକିତ୍ସା ବ୍ୟବସ୍ଥା ମଧ୍ୟ କରନ୍ତି। ପ୍ରତିଦିନ ଏଭଳି ୭୦ଟି କୁକୁରଙ୍କୁ ସେ ଖାଇବାକୁ ଦେଉଛନ୍ତି। ଚନ୍ଦ୍ରିକାଙ୍କ ସ୍ୱାମୀ ଜଣେ ସେନା ଅଧିକାରୀ ହୋଇଥିବାରୁ ଦେଶର ବିଭିନ୍ନ ସହରରେ ସେ ରହିଥିଲେ। ସବୁଠି ସେ ସେଠାକାର କୁକୁରଙ୍କୁ ଖାଇବାକୁ ଦେବା ସହ ସେମାନଙ୍କ ଚିକିତ୍ସା କରୁଥିଲେ। ଏବେ ସ୍ଥାୟୀ ଭାବେ ପଶ୍ଚିମବଙ୍ଗ ସିଲିଗୁଡ଼ିରେ ରହୁଛନ୍ତି। ଏଠାରେ ରହିବା ପୂର୍ବରୁ ସେ ଉଦ୍ଧାର କରିଥିବା ୧୨ଟି କୁକୁରଙ୍କୁ ଘରେ ରଖୁଥିଲେ ଓ ସ୍ୱାମୀଙ୍କ ସହ ଯେତେବେଳେ ବଦଳି ହୋଇ ଯାଉଥିଲେ ସେମାନଙ୍କୁ ସାଙ୍ଗରେ ନେଇଯାଉଥିଲେ। ସିଲିଗୁଡ଼ିରେ ରହିବା ପରେ ଫ୍ଲାଟରେ ଅଧିକ କୁକୁର ରଖିବା ଯୋଗୁ ପଡ଼ୋଶୀମାନେ ଅସନ୍ତୁଷ୍ଟ ହେବା ଯୋଗୁ ସେ ନିକଟସ୍ଥ ସାଲବାରିରେ ଘରଭଡ଼ା ନେଇ କୁକୁରଙ୍କୁ ରଖିଛନ୍ତି। ସେଠାରେ ଏକ ଆଶ୍ରୟସ୍ଥଳୀ ଖୋଲିଛନ୍ତି। ଏ କ୍ଷେତ୍ରରେ ଘର ମାଲିକ ମଧ୍ୟ ସହଯୋଗ କରୁଛନ୍ତି। ଏବେ ଚନ୍ଦ୍ରିକା ଆଶ୍ରୟ ସ୍ଥଳୀରେ ୨୦୦ କୁକୁରଙ୍କୁ ଉଦ୍ଧାର କରି ରଖିଛନ୍ତି। ଚନ୍ଦ୍ରିକା ସକାଳ ୪ରୁ ଉଠି ବ୍ୟାଗରେ ଖାଦ୍ୟ, ବିସ୍କୁଟ ଓ ମେଡିସିନ୍ ଧରି ଚାଲନ୍ତି ଏବଂ ବାଟରେ ବୁଲୁଥିବା କୁକୁରଙ୍କୁ ଖାଇବାକୁ ଦିଅନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ନଭେମ୍ବର ୧୯୭୫

- ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲାର ସୁନେଇ ଓ ଆଉଁଳି ଜଳସେଚନ ପ୍ରକଳ୍ପକୁ ଯୋଜନା କମିଶନଙ୍କ ଅନୁମୋଦନ।
- ଧାତବ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେଶର ୬ ଜଣ ଧାତବ ବିଜ୍ଞାନୀ ସମ୍ମାନିତ।

## ଚିରନ୍ତନୀ

ନୀରସ ନିପଟ ମରୁ
ବିରସ ପ୍ରକୃତି,
ଶୁଖତ୍ୟାଏ କଣ୍ଠ ମୋର,
ଜଳିଯାଏ ଧୃତି।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 8 | | | | 2 | | | |
| | | | | 4 | 9 | | 3 | |
| | | 7 | | | 8 | | | 6 |
| 8 | | | | | 1 | | | |
| | | | 2 | | | 5 | | |
| | 9 | 2 | | | | | | |
| | | | | | | 2 | | |
| | 2 | 6 | 7 | | | 8 | 1 | 9 |
| 3 | | | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 1 | 5 | 3 | 4 | 2 | 6 |
| 2 | 5 | 6 | 4 | 9 | 8 | 1 | 3 | 7 |
| 3 | 4 | 1 | 7 | 2 | 6 | 9 | 5 | 8 |
| 7 | 6 | 2 | 9 | 1 | 4 | 5 | 8 | 3 |
| 4 | 1 | 3 | 8 | 7 | 5 | 6 | 9 | 2 |
| 5 | 8 | 9 | 6 | 3 | 2 | 7 | 4 | 1 |
| 6 | 9 | 4 | 3 | 8 | 1 | 2 | 7 | 5 |
| 8 | 2 | 7 | 5 | 6 | 9 | 3 | 1 | 4 |
| 1 | 3 | 5 | 2 | 4 | 7 | 8 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସିଏନ୍‌ଜି ଇନ୍ଧନ ଯୋଗାଣ ସମ୍ପ୍ରସାରଣ କରାଯାଉ

ମହାଶୟ,
ପରିବେଶ ଅନୁକୂଳ କମ୍ପ୍ରେସ୍‌ଡ ନେଚୁରାଲ ଗ୍ୟାସ (ସିଏନ୍‌ଜି) ହେଉଛି ଏକ ବିକଳ୍ପ ସବୁଜ ଇନ୍ଧନ ଯାହା ପେଟ୍ରୋଲ ଏବଂ ଡିଜେଲ ଇନ୍ଧନ ଅପେକ୍ଷା କମ୍ ପରିମାଣରେ ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗତ କରେ । ଏହା ମଧ୍ୟ ପେଟ୍ରୋଲ ଓ ଡିଜେଲଠାରୁ ଶସ୍ତା। ଯେହେତୁ ଓଡ଼ିଶାର କଟକ ଏବଂ ଭୁବନେଶ୍ୱରର କେତେକ ସ୍ଥାନରେ ସିଏନ୍‌ଜି ଇନ୍ଧନ ଭରିବା ଷ୍ଟେସନ ସୁବିଧା ଅଛି ତେଣୁ ଏହି ଦୁଇଟି ସହରରେ ସିଏନ୍‌ଜି ଯାନବାହାନ ଚଳାଚଳ କରୁଛି । ଏହି ପରିପ୍ରେକ୍ଷୀରେ, ଓଡ଼ିଶାର ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ଆଦି ସହରଗୁଡ଼ିକରେ ଅଗ୍ରାଧିକାର ଭିତ୍ତିରେ ସିଏନ୍‌ଜି ଭରିବା ଷ୍ଟେସନ ଖୋଲାଯାଇ ପର୍ଯ୍ୟାୟକ୍ରମେ ଅନ୍ୟ ସମସ୍ତ ଜିଲ୍ଲାରେ ଏହି ସୁବିଧା ଉପଲବ୍ଧ କରାଯିବା ଆବଶ୍ୟକ । ଫଳସ୍ୱରୂପ, ଅଧିକରୁ ଅଧିକ ସିଏନ୍‌ଜି ଯାନବାହନ ଚଳଚଳ କରିବ ଏବଂ ବାୟୁ ପ୍ରଦୂଷଣର ମାତ୍ରା ଯଥେଷ୍ଟ ହ୍ରାସ ପାଇବ ।

**-ନବନୀତ୍ ପାଣିଗ୍ରାହୀ, ରାୟଗଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାର ସବୁଜ ସ୍ୱର



ରେଶ୍ମାଞ୍ଜଳି ସାହୁ, ଅଭିନେତ୍ରୀ



ଲୁବୁନ୍ ସେନ୍, ଅଭିନେତା



ସମ୍‌ସେର ସିଂ ହୁରା, ବ୍ୟବସାୟୀ



ସୋନାଲି ମିଶ୍ର, ମେକ୍‌ଅପ୍ ଆର୍ଟିଷ୍ଟ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ମାହେଶ୍ୱରୀ ନର୍ସିଂ କଲେଜ, ବରଗଡ଼



ସାଇ ବିଦ୍ୟାମନ୍ଦିର, ବାରିପଦା



ବିବେକାନନ୍ଦ ସାଇନ୍ସ କଲେଜ, ମାଲକାନଗିରି



ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



# ସାବରମତୀ ଢାଞ୍ଚାରେ ହେବ ମହାନଦୀ ରିଭର ଫ୍ରଣ୍ଟ: ମୁଖ୍ୟମନ୍ତ୍ରୀ


ଐତିହାସିକ କଟକ ବାଲିଯାତ୍ରା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବାଲିଯାତ୍ରା ପଡିଆ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକଙ୍କ ସମେତ ଅନ୍ୟମାନେ।

**କଟକ,୧୫।୧୧ (କାର୍ତ୍ତିକ ସାହୁ)**

କଟକର ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିବ। ୟୁନେସ୍କୋ ଏହି ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ସମସ୍ତ ଉଦ୍ୟମ କରିବେ। ଉଦ୍‌ଘାଟନୀ ସମାରୋହରେ ୧୪ଟି ଦେଶର ରାଷ୍ଟ୍ରଦୂତ ଯୋଗଦେଇଥିବାରୁ ଅନ୍ତର୍ଜାତୀୟ ମାନ୍ୟତା ନିମନ୍ତେ ଏହା ଆରମ୍ଭ ବୋଲି ଐତିହାସିକ କଟକ ବାଲିଯାତ୍ରାକୁ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

## ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟିତ

ମୁଖ୍ୟମନ୍ତ୍ରୀ କହିଛନ୍ତି, ସାଧବ ପୁଅମାନେ ୭ ଦରିଆ ୧୩ ନଈ ପାର ହୋଇ ଜାଭା, ସୁମାତ୍ରା, ବାଲି, ମାଲେସିଆ ଆଦିକୁ ବେପାର କରିବାକୁ ଯାଉଥିଲେ। ସେମାନେ କେବଳ ବେପାର କରୁ ନ ଥିଲେ, ବରଂ ଓଡ଼ିଶାର ସଂସ୍କୃତିକୁ ସେଠାରେ ପ୍ରସାର କରୁଥିଲେ ଯାହା ଏବେ ବି ଦେଖିବାକୁ ମିଳୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରି କହିଲେ, ସାବରମତୀ ଢାଞ୍ଚାରେ ମହାନଦୀରେ ରିଭର ଫ୍ରଣ୍ଟ ହେବ। ସମ୍ବଲପୁର ଓ କଟକରେ ଏହି ରିଭରଫ୍ରଣ୍ଟ କରିବା ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ ହୋଇସାରିଛି। ଆହୁରି ୧୫୦ କୋଟି ଟଙ୍କା ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାର ଯୋଗାଇଦେବେ। ଏଥିସହ କଟକ ସହରକୁ ସ୍ମାର୍ଟସିଟିରେ ପରିଣତ କରିବାକୁ ରାଜ୍ୟ ସରକାର ସମସ୍ତ ଉଦ୍ୟମ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କଟକ ଲୋକସଭା ଏମ୍‌ପି ଭର୍ତ୍ତୃହରି ମହତାବ, ଜଗତସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, କଟକ ମହାନଗର ନିଗମ ମେୟର ସୁବାସ ସିଂ, କମିଶନର ଅନାମ ଚରଣ ପାତ୍ର, ବାରବାଟୀ-କଟକ ବିଧାୟକ ସୋଫିଆ ଫିର୍ଦ୍ଦୋଶ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ନିଆଳି ବିଧାୟକ ଛବି ମଲ୍ଲିକ୍, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଯୋଗ ଦେଇ ବାଲିଯାତ୍ରାର ଗରିମାମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ, ଲାଓ ପିଡିଆର, ଭୁଟାନ, ସିଙ୍ଗାପୁର, ନେପାଳ, ମାଲେସିଆ, ଇଣ୍ଡୋନେସିଆ, ନାଉରୁ, ସୋଲୋମନ ଆଇଲାଣ୍ଡ, ନ୍ୟୁଜିଲାଣ୍ଡ, ଫିଜି, ଟିମୋର ଲେସେ ଏବଂ ବ୍ରୁନେଇ ଆଦି ଦେଶର ରାଷ୍ଟ୍ରଦୂତ ମଞ୍ଚରେ ଉପସ୍ଥିତ ଥିଲେ। ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଓର୍‌ମାସ୍‌ର ଉଦ୍‌ଘାଟନ କରିବା ସହ ବିଭିନ୍ନ ଷ୍ଟଲ ଦେଖିଥିଲେ। ଏହି ଅବସରରେ ବାଲିଯାତ୍ରା ସ୍ମରଣିକା ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ସାନ୍ତାଳୀ ଭାଷାରେ ଲିଖିତ ଆର୍ଥିକ ସାକ୍ଷରତା ପୁସ୍ତକ ଉନ୍ମୋଚନ ହୋଇଥିଲା। ସୂଚନାଯୋଗ୍ୟ, ନଭେମ୍ବର ୧୫ରୁ ଆରମ୍ଭ ହୋଇଥିବା ଏହି ବାଲିଯାତ୍ରା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। କଟକ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ପୋଡ଼ିଠାରୁ ବିପତ୍ତି ନାହିଁ,**
**ଘୋଡ଼ା ଚଢ଼ାଠାରୁ ସମ୍ପତ୍ତି ନାହିଁ।**

ଘର ପୋଡ଼ିଯିବା ବିପର୍ଯ୍ୟୟର ଲକ୍ଷଣ ହୋଇଥାଏ। ସେହିପରି ଘୋଡ଼ା ଚଢ଼ିବା ଅଗ୍ରଗତିର ପ୍ରତୀକ ବା ଧନୀର ଲକ୍ଷଣ ଅଟେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଘର ସଣ ସଣ ବାହାରେ ଝୋଟି,**
**ସାହୁ ପଡିଆରା ବୋହୂ ଦିଓଟି।**

ଘରର ଅବସ୍ଥା ଦୟନୀୟ, ସେଥିରେ ଦିଓଟି ଭୁଆସୁଣୀ ବୋହୂ। କେତେବେଳେ କେଉଁ କଥା। ଏପରିସ୍ଥଳେ ସାହୁକାର ଭୟରେ ବୋହୂ ଦୁଇଟିଙ୍କୁ ଘରେ ଛାଡ଼ି ବାହାରକୁ ଯାଉ ନ ଥିବା ଗରିବ ଖାତକ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରୋଷେଇ ପାଇଁ କାଠ ବୋହିଲେ ଛାତ୍ରୀ

## ଜିଲାପାଳଙ୍କଠାରେ ଅଭିଯୋଗ କଲେ ଅଞ୍ଚଳବାସୀ

**ବଇଣ୍ଡା,୧୫।୧୧(ପରିକ୍ଷିତ ସାହୁ)**


ଛାତ୍ରୀମାନେ କାଠ ନେଇ ଛାତ୍ରୀ ନିବାସକୁ ଯାଉଛନ୍ତି।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ହାଇସ୍କୁଲ ଏସ୍‌ସିଏସ୍‌ଟି ଛାତ୍ରୀ ନିବାସର ଛାତ୍ରୀଙ୍କ ଦ୍ୱାରା ରୋଷେଇ ପାଇଁ କାଠ ବୁହାଯାଇଥିବା ଅଭିଯୋଗ ହୋଇଛି। ଗତ ଗୁରୁବାର ଶିଶୁ ଦିବସ ଅବସରରେ ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶରେ ଛାତ୍ରୀମାନେ ନିକଟସ୍ଥ ପଡ଼ିଆରୁ ଛାତ୍ରୀ ନିବାସକୁ କାଠ ଆଣିଥିବା ଅଞ୍ଚଳବାସୀ ଦେଖିବା ପରେ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏଥିସହ ଅଭିଯୋଗର ନକଲ ରାଜ୍ୟ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି।

ଅଭିଯୋଗରେ ଅଞ୍ଚଳବାସୀ ଦର୍ଶାଇଛନ୍ତି, ଉକ୍ତ ଛାତ୍ରୀ ନିବାସରେ ୨୦୦ ଛାତ୍ରୀ ରହି ପାଇକସାହି ରାଧାମାଧବ ହାଇସ୍କୁଲରେ ପଢୁଥିବା ବେଳେ ସେମାନଙ୍କୁ ଅନେକ ସମୟରେ ବିଦ୍ୟାଳୟର ବିଭିନ୍ନ କାମରେ ନିୟୋଜିତ କରାଯାଉଛି। ଗୁରୁବାର ଅପରାହ୍ନ ୪ଟାରେ ପ୍ରଧାନ ଶିକ୍ଷକ କେତେଜଣ ଛାତ୍ରୀଙ୍କୁ ନିକଟସ୍ଥ ପଡ଼ିଆରୁ କାଠ ଆଣିବାକୁ କହିଥିଲେ। ପ୍ରଧାନଶିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ଛାତ୍ରୀମାନେ କାଠ ବୋହି ଛାତ୍ରୀ ନିବାସକୁ ନେଇଥିଲେ। ପୂର୍ବରୁ ମଧ୍ୟ ଅନେକବାର ଛାତ୍ରୀଙ୍କ ଦ୍ୱାରା କାଠ ଅଣାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ଘଟଣାର ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ଶୁକଦେବ ସାହୁ କହିଛନ୍ତି, ଛାତ୍ରୀ ନିବାସରେ ରୋଷେଇ ପାଇଁ କିଛି କାଠ କମ୍ ପଡ଼ିଥିଲା। ତେଣୁ କାଠ ଆଣିବାକୁ ଛାତ୍ରୀମାନଙ୍କୁ କହିଥିଲି। ଆଗାମୀ ଦିନରେ ଏପରି ତ୍ରୁଟି ଯେପରି ହେବନାହିଁ ସେଥିପ୍ରତି ଧ୍ୟାନ ଦେବି। ଏ ସମ୍ପର୍କରେ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଡି କହିଛନ୍ତି, ଘଟଣାର ତଦନ୍ତ କରାଯିବ। ରିପୋର୍ଟ ଆସିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମହୁମାଛି ଆକ୍ରମଣରେ ୪ ଗୁରୁତର

**ପବିତ୍ରନଗର,୧୫।୧୧**
**(ନିରୋଜ କୁମାର ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ୍ ନିକଟରେ ଶୁକ୍ରବାର ମହୁମାଛିଆକ୍ରମଣରେ ୪ଜଣ ଲକ୍ଷ୍ମୀଧର ସାମଲ, କୃଷ୍ଣଚନ୍ଦ୍ର ମହାନ୍ତି, ନାରାୟଣ ଗୌଣ୍ଡିଆ, ପୃଥ୍ୱୀରାଜ ରାଉତରାୟ ଗୁରୁତର ହୋଇଛନ୍ତି। ରେଙ୍ଗାଲିସ୍ଥିତ ଏକ ଘରୋଇ ଗ୍ୟାସ୍ ବିତରଣ କମ୍ପାନୀରେ କାର୍ଯ୍ୟରତ ଏହି କର୍ମଚାରୀମାନେ ଡ୍ୟାମ୍ ନିକଟ ଦେଇ ସକାଳେ କର୍ଣ୍ଣପାଳ ଯାଉଥିବାବେଳେ ମହୁମାଛି ଆକ୍ରମଣ କରିଥିଲା। ଗୁରୁତର ୪ ଜଣଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଜଳିଗଲା ଲୁଗାଦୋକାନ, ମାଲିକ ମୃତ

**ଜଟଣୀ,୧୫।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ରାଜାବଜାରରେ ଥିବା ଗୌରୀ ଗାର୍ମେଣ୍ଟସ (ଲୁଗା ଦୋକାନ)ରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ନିଆଁଲାଗି ଲକ୍ଷାଧିକ ଟଙ୍କାର ଶାଢ଼ି, ଆସବାବପତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଳିଯାଇଛି। ଏଥିସହ ଉକ୍ତ ଦୋକାନ ମାଲିକ ତଥା ରାଜାବଜାର ବିବେକାନନ୍ଦସାହିର ବାସିନ୍ଦା ସୂର୍ଯ୍ୟ ମହାପାତ୍ର ଓରଫ ବୁଲୁ (୩୩)ଙ୍କ ମୃତ୍ୟୁ ଘଟିଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି ବୋଲି ଜଟଣୀ ଅଗ୍ନିଶମ ବାହିନୀ ଅଧିକାରୀ ଲକ୍ଷ୍ମଣ ବେହେରା କହିଛନ୍ତି।

ସୂଚନା ମୁତାବକ, ପ୍ରତି ମାସ ୧୫ତାରିଖରେ ରାଜାବଜାର ବନ୍ଦ ରହୁଥିବା ବେଳେ ଶୁକ୍ରବାର ମଧ୍ୟ ବଜାର ବନ୍ଦ ରହିଥିଲା। ତେବେ ଅପରାହ୍ନରେ ଉକ୍ତ ଲୁଗା ଦୋକାନ ମାଲିକ ବୁଲୁ ଶଟର ଦେଇ ଦୋକାନର ଉପର ମହଲାରେ କୌଣସି କାମ କରୁଥିଲେ। ହଠାତ୍ ଦୋକାନରେ ନିଆଁ ଲାଗିଯାଇଥିଲା। ଦୋକାନରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ, ବିଦ୍ୟୁତ୍ ବିଭାଗ ଏବଂ ଜଟଣୀ ପୋଲିସକୁ ଜଣାଇଥିଲେ।

**ଅଭିଭାବକ ସହଭାଗୀ କାର୍ଯ୍ୟକ୍ରମ**

ସିନାପାଲି(ମନଫୁଲ ମେହେର): ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋର୍ଲା ଆଶ୍ରମ ବିଦ୍ୟାଳୟଠାରେ ଜନଜାତୀୟ ଗୌରବ ଦିବସ ଉପଲକ୍ଷେ ଅଭିଭାବକ ସହଭାଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଙ୍ଗାରାମ ବାଗ ସଭାପତିତ୍ୱ କରିଥିବା ବେଳେ ସରପଞ୍ଚ ଦମୟନ୍ତୀ ଦଣ୍ଡସେନା ମୁଖ୍ୟଅତିଥି, ବଏଜଲଗଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁଦ୍ର ମାଧବ ସା ମୁଖ୍ୟବକ୍ତା ଓ ରେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡମ୍ବରୁଧର ମାଝୀ, ଧନଞ୍ଜୟ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ଲକ୍ଷ୍ମୀକାନ୍ତ ମାଝୀ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କାର୍ତ୍ତିକ ପୂର୍ଣ୍ଣିମାରେ ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା

**ସିନାପାଲି,୧୫ା୧୧ (ମନଫୁଲ ମେହେର):** ସିନାପାଲି ମହିମା ସାଧୁ ଆଶ୍ରମ ପରିସରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ଅନୁଷ୍ଠିତ ହୋଇଛି। ଗୁରୁବାର ସକାଳେ ସାଧୁସନ୍ଥଙ୍କୁ ସ୍ୱାଗତ ପୂର୍ବକ ନଗର ପରିକ୍ରମା କରାଯାଇ ସନ୍ଧ୍ୟାରେ ବ୍ରହ୍ମଧୂନି ସ୍ଥାପନ, ଘୃତାହୁତି, ଆଠ ଭଜନ ପରେ ରାତିରେ ଅବଧୂତ କପିଳେନ୍ଦ୍ର ବାବାଙ୍କ ଦ୍ୱାରା ଆପ୍ତ ବଚନ ପ୍ରଦାନ କରାଯାଇଥିଲା। ଶୁକ୍ରବାର ସକାଳେ ପ୍ରସାଦ ଅର୍ପଣ ପରେ ପୂର୍ଣ୍ଣାହୁତି କରାଯାଇଥିଲା। ସାଧୁ ରବିନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯାଜ୍ଞିକସାଧୁ ଅବଧୂତ ସନ୍ତୋଷ ବାବା, ଅବଧୂତ କପିଳେନ୍ଦ୍ର ବାବା ଓ ଅବଧୂତ ବ୍ରହ୍ମାନନ୍ଦ ବାବା ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସିନାପାଲି ସହର ସମେତ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

### ଆଦିବାସୀ ଭବନରେ ବିର୍ସା ମୁଣ୍ଡା ଜୟନ୍ତୀ

**ଧର୍ମଗଡ଼, ୧୫ା୧୧ (ଆକାଶ କୁମାର ଜଗତ):** କଳାହାଣ୍ଡି ଜିଲା ଧର୍ମଗଡ଼ ଆଦିବାସୀ ଭବନ ଠାରେ ଶୁକ୍ରବାର ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆଦିବାସୀଙ୍କ ଅଧିକାର ପାଇଁ ବିର୍ସା ମୁଣ୍ଡା ଅନେକ ଆଦିବାସୀମାନଙ୍କୁ ନେଇ ବିରାଟ ଆନ୍ଦୋଳନ କରି ଇଂରେଜ ସରକାରଙ୍କ ବିରୋଧରେ ଲଢେଇ କରି ୧୯୦୦ ମସିହା ଜୁନ ୯ରେ ଶହୀଦ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଗୋବର୍ଦ୍ଧନ ମାଝୀ, ଜୀବନ୍ତ ମାଝୀ, ଚିତ୍ରସେନ ମାଝୀ, ବିଶ୍ୱମ୍ବର ଶବର, ଦିଲୀପ ପୂଜାରୀ, ମନୋଜ ମାଝୀ, ପ୍ରଦୀପ ମାଝୀ, ଦୁର୍ଜନ ଶବର, ଶ୍ୟାମ ସୁନ୍ଦର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଖ୍ ସମ୍ପ୍ରଦାୟ ପକ୍ଷରୁ ଗୁରୁ ନାନକ ଜୟନ୍ତୀ

**ଖଡ଼ିଆଳ,୧୫ା୧୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳର ଶିଖ୍ ସମ୍ପ୍ରଦାୟ ପକ୍ଷରୁ ୫୫୫ତମ ଗୁରୁ ନାନକ ଜୟନ୍ତୀ ପାଳିତ ହୋଇଯାଇଛି। ୯ଦିନ ଧରି ପ୍ରତ୍ୟହ ସକାଳ ସମୟରେ ଖଡ଼ିଆଳ ସହରରେ ପ୍ରଭାତ ଫେରି ଓ ଗୁରୁଦ୍ୱାରଠାରେ ସ୍ୱତନ୍ତ୍ର ପୂଜା ହୋଇଥିଲା। ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିବା ବେଳେ ଅପରାହ୍ନରେ ଗୁରୁ ଗ୍ରନ୍ଥ ସାହେବଙ୍କୁ ଏକ ସୁସଜ୍ଜିତ ରଥରେ ନଗର ପରିକ୍ରମା କରାଯାଇଥିଲା। ଶିଖ୍ ସମ୍ପ୍ରଦାୟର ସଭାପତି ସତ୍‌ପାଲ ସିଂ ଛାବଡା, ସମ୍ପାଦକ ଅମୃତ ସିଂ ଖଣ୍ଡୁଜା, କୁଳଦୀପ ସିଂ ଖଣ୍ଡୁଜା, ରବୀନ୍ଦ୍ର ସିଂ ଖଣ୍ଡୁଜା, ବଳବିନ୍ଦର ସିଂ ଖଣ୍ଡୁଜା, ମଞ୍ଜିତ ସିଂ ଖଣ୍ଡୁଜାଙ୍କ ସମେତ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ।

### କାର୍ତ୍ତିକ ପୂର୍ଣ୍ଣମୀରେ ଅଷ୍ଟପ୍ରହର ନାମଯଜ୍ଞ


**ପଲମ, ୧୫ା୧୧(ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ଗିଗିନା ରାସ୍ତା ପଡ଼ାଠାରେ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୩ତାରିଖରେ ଅଧିବାସ ପରେ ୧୪ ଓ ୧୫ରେ ନାମ ସଂକୀର୍ତ୍ତନ କରାଯାଇଥିଲା। ଏଥିରେ ୬ଟି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। କର୍ତ୍ତା ଭାବରେ ଗ୍ରାମର ସମିର ପଣ୍ଡା ଓ ତାଙ୍କ ସ୍ତ୍ରୀ ରାଜଶ୍ରୀ ପଣ୍ଡା ରହି ପୂଜାକାର୍ଯ୍ୟ କରିଥିଲେ। ପୂଜକ ଭାବରେ ଚିଦାନନ୍ଦ ବିଶି ଦାୟିତ୍ୱ ତୁଲାଇଥିଲେ। ସପ୍ତଋଷି ଭାବରେ କ୍ଷମାସାଗର ଗଡ଼ତିଆ, ବେଦ ଗଡ଼ତିଆ, ବସନ୍ତ ସାହୁ, ରାମ ନାଏକ, ଗଣେଶ ମାଝୀ, ବାମୁନୁ କଟା ସହଯୋଗ କରିଥିଲେ। କମିଟି ସଭାପତି ବୁଲୁ ଗଡ଼ତିଆ ଓ ସମ୍ପାଦକ ଜଗା ମାଝୀ ପ୍ରତ୍ୟେକ କାର୍ଯ୍ୟ ତୁଲାଇଥିଲେ।

### କୃଷକ ସାଥୀ ଉତ୍ପାଦକ କମ୍ପାନୀର ବୈଠକ

**କର୍ଲାମୁଣ୍ଡା,୧୫ା୧୧(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସ. ମାଳପଡାସ୍ଥିତ କର୍ଲାମୁଣ୍ଡା କୃଷକ ସାଥୀ ଉତ୍ପାଦକ କମ୍ପାନୀ ଲିମିଟେଡ୍‌ର ବୋର୍ଡ ମେମ୍ବରଙ୍କ ବୈଠକ ଶୁକ୍ରବାର ବିଜାପାଟିଠାରେ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ତିରଞ୍ଜି ମେର୍ଲିଙ୍କ ଅଧ୍ୟକ୍ଷତାରେ ବୋର୍ଡ ମେମ୍ବର ବାଲ୍ମୀକି ଛତ୍ରିଆ, ଯତୀନ୍ଦ୍ର ନାଥ ସାହୁ, ନିଳେନ୍ଦ୍ରୀ ସାହୁ, ଗୌରୀ ଦୀପ, ଭୂପିନ୍ଦ୍ର ଚୌଧୁରୀ, କ୍ଷୀରସାଗର କୁମାର, ବୀରେନ୍ଦ୍ର ସାହୁ ଯୋଗଦେଇ ଚଳିତମାସ ୩୦ରେ କମ୍ପାନୀର ବାର୍ଷିକ ସାଧାରଣ ସଭା କରାଯିବା ନେଇ ଆଲୋଚନା କରିଥିଲେ। ଆସନ୍ତା ରବିଚାଷ ପାଇଁ ଚାଷୀମାନେ ଧାନ ବିହନ ମହଜୁଦ ରଖିବାକୁ ନିଷ୍ପତ୍ତି ନେଇଥିଲେ।

# ବିର୍ସା ମୁଣ୍ଡାଙ୍କ ବଳିଦାନ ଅତୁଳନୀୟ

**ଭବାନୀପାଟଣା,୧୫ା୧୧(ଉତ୍ତମ କୁମାର ଦାଶ)**


ଜନଜାତୀୟ ଗୌରବ ଦିବସ ସମାରୋହରେ ଅତିଥିଗଣ।

**ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ସମାରୋହ**

କଳାହାଣ୍ଡି ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲା ପ୍ରଶାସନ, ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ପ୍ରଦର୍ଶନୀ ମେଳା ଉଦ୍‌ଘାଟନ କରିଥିଲେ। ପ୍ରଥମେ ମନ୍ତ୍ରୀ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ, ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମନ୍ତ୍ରୀ ସୂରଜ ତାଙ୍କ ଅଭିଭାଷଣରେ ଜନଜାତୀୟ ଗୌରବ ଦିବସ ସମ୍ପର୍କରେ ଉଲ୍ଲେଖ କରିଥିଲେ। ନିଜ ମାଟି ମା', ଦେଶ ପାଇଁ ଇଂରେଜ ସରକାର ବିରୋଧରେ ଲଢେଇ କରି ଜୀବନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ବଳିଦାନ ଅତୁଳନୀୟ ବୋଲି କହିଥିଲେ। ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଷୀ, ଭାଜପା ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇତାରୁ ଦୀପ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଚେତା ପାଣି, ଧର୍ମଗଡ଼ ଉପଜିଲାପାଳ ଧୀମାନ ଚାକମା, ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବରିଷ୍ଠ ନାଗରିକ, ଜନପ୍ରତିନିଧି, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ।


**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ବିବେକାନନ୍ଦ


@ ରୋମାଞ୍ଚଳ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ସମବାୟ ମନ୍ତ୍ରୀଙ୍କୁ ୫ ଦଫା ଦାବିପତ୍ର

**କୋକସରା,୧୫ା୧୧ (ଦୁଷ୍ମନ୍ତ କୁମାର ପାଟଯୋଷୀ)**



ଅଲ୍ ଓଡ଼ିଶା ପ୍ୟାକ୍ସ ଓ ଲାମ୍ପ୍ସ କର୍ମଚାରୀ ଫେଡେରେଶନ କର୍ମକର୍ତ୍ତା ୫ ଦଫା ଦାବି ଉପସ୍ଥାପନା କରିଆସୁଛନ୍ତି। ପୂର୍ବ ସରକାର ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିବାବେଳେ ବର୍ତ୍ତମାନ ସରକାର ବଦଳିବା ପରେ କର୍ମଚାରୀମାନେ ଆଶା ଓ ଆଶଙ୍କାରେ ରହିଛନ୍ତି। ଏପରିସ୍ଥଳେ ପଶ୍ଚିମ ଓଡ଼ିଶା ପ୍ୟାକ୍ସ ଓ ଲାମ୍ପ୍ସ ଫେଡେରେଶନର ସଭାପତି ନାଉରି ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱରଠାରେ ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ସାକ୍ଷାତକାର କରି ୫ ଦଫା ଦାବି ଉପରେ ଆଲୋଚନା କରିଥିଲେ। ପରେ ମନ୍ତ୍ରୀ ସମସ୍ତ ଦାବି ପର୍ଯ୍ୟାୟକ୍ରମେ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାରେ ସଂଘ ତରଫରୁ ରାଜ୍ୟ ସମ୍ପାଦକ ନୀତେଶ କୁମାର ସାହୁ, ଉପସଭାପତି ସମ୍ବଲପୁର, କଳାହାଣ୍ଡିରୁ ନିରଞ୍ଜନ ପ୍ରସାଦ ବାଗ, ହେମନ୍ତ କୁମାର ନାଏକ, ଭଦ୍ରକ ଜିଲାରୁ ଉପସଭାପତି ଅରୁଣ ଉଦୟ ପାତ୍ର, ବାଲେଶ୍ୱର ଜିଲାରୁ ବିଧାନ ଚନ୍ଦ୍ର ଘୋଷ, ଢେଙ୍କାନାଳ ଜିଲାରୁ ମନୋଜ ମିଶ୍ର, ରାଧା ମୋହନ ସାମଲ ପ୍ରମୁଖ ସାମିଲ ଥିଲେ।

# ବିଜେଡିର ମଣ୍ଡଳସ୍ତରୀୟ ସଭ୍ୟ ସଂଗ୍ରହ ଅଭିଯାନ

**କେସିଙ୍ଗା,୧୫ା୧୧(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ପାଣ୍ଡିକୁଡି ଓ କାମଠଣାଠାରେ ବିଜେଡିପକ୍ଷରୁ ୨ ଦିନ ଧରି ଭବାନୀପାଟଣା ନିର୍ବାଚନମଣ୍ଡଳୀସ୍ତରୀୟ ସଭ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁବାର କର୍ମୀମାନଙ୍କୁ ନେଇ ଏକ ସଭା କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଜିଲା ମହିଳା ସଭାନେତ୍ରୀ ଲଳିତା ନାଏକ, ବିଜେଡି ନେତା ବଦ୍ରିନାରାୟଣ ପଟ୍ଟନାୟକ, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ଜିଲା ସାଧାରଣ ସମ୍ପାଦକ ଯଯାତି କେଶରୀ ନାୟକ, ଜିଲା ଏସ୍‌ସି ସେଲ୍ ସଭାପତି ପ୍ରଶାନ୍ତ ନାଏକ, ଭବାନୀପାଟଣା ନିର୍ବାଚନମଣ୍ଡଳୀ ସଭାପତି ସୁରେନ୍ଦ୍ର ପ୍ରଧାନ, ସଦର ବ୍ଲକ୍ ସଭାପତି ପ୍ରେମରଞ୍ଜନ ପାଣିଗ୍ରାହୀ, ଯୁବନେତା ଦିନେଶ ବର୍ଗଡ଼ି, କେସିଙ୍ଗା ଜୋନ୍ ନଂ. ୨ ଜିଲା ପରିଷଦ ସଭ୍ୟ ନରୋତ୍ତମ ଭାଟିଙ୍କ ସମେତ କେସିଙ୍ଗା ବ୍ଲକ ଅନ୍ତର୍ଗତ ୧୭ ଗ୍ରାମପଞ୍ଚାୟତ ଓ ସଦର ବ୍ଲକ ୨୮ ଗ୍ରାମ ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ରହି ସଭ୍ୟ ସଂଗ୍ରହ ବିଷୟରେ ଆଲୋଚନା କରିଥିଲେ। ପ୍ରତ୍ୟେକ ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରି ଆଗାମୀ ଦିନରେ ବିଜେଡିର ସଭ୍ୟ ସଂଖ୍ୟା କେମିତି ବଢିବ ସେ ନେଇ ଆଲୋଚନା କରାଯାଇଥିଲା। ଶେଷରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ଧନ୍ୟବାଦ ଦେଇଥିଲେ।

# ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ


କୋମନାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଜନସାଧାରଣ।

**ନୂଆପଡ଼ା/କୋମନା,୧୫ା୧୧ (ମକାରୁ ବେମାଲ/ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନାଠାରେ ଶୁକ୍ରବାର ଜିଲାସ୍ତରୀୟ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। କୋମନା ବ୍ଲକ ପଡ଼ିଆରେ ଆୟୋଜିତ ସଭାରେ ଜିଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିଲେ। ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟ ଅତିଥି ଓ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝୀ, ଜିଲା ପରିଷଦ ସଦସ୍ୟ ଭାନୁ ମାଝୀ, ଆଦିବାସୀ ପ୍ରତିନିଧି ହୋମ ସିଂ ମାଝୀ, ଦୃଷ୍ଟି ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ବିର୍ସା ମୁଣ୍ଡାଙ୍କ ଫୋଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ ଓ କୋମନା ବିଡିଓ ହିତାଂଶୁ ଶେଖର ସାମଲ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ଜନଜାତି ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଏକ ପ୍ରଚାର ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେହିପରି ଖରିଆର ରୋଡ଼ଠାରେ ନୂଆପଡ଼ା ଜିଲା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସଂଘ ଏବଂ ଓଡ଼ିଶା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ମିଳିତ ଆନୁକୂଲ୍ୟରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ଦେବରାଜ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ଅଧିବେଶନରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର ମୁଖ୍ୟ ଅତିଥି, ଡ. ବାସୁଦେବ ସୁନାନୀ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଯୁଗ୍ମ ସଚିବ ଜୟ ବସନ୍ତ ଖାଲକୋ ଓ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ବିଦ୍ୟାଧର ନାଗ ଯୋଗଦାନ କରି ମାନବିକ ଅଧିକାର ପ୍ରତିଷ୍ଠାରେ ର୍ବିସା ମୁଣ୍ଡା ଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ମୁଖ୍ୟ ଅତିଥି, ଉପଜିଲାପାଳ ଯୋଗେନ୍ଦ୍ର ମାଝୀ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ।


# ମହାବୀର ମହୋତ୍ସବ ଉଦ୍‌ଯାପିତ

**ଭବାନୀପାଟଣା, ୧୫ା୧୧ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନର ୬୦ତମ ଜନ୍ମବାର୍ଷିକରେ ମହାବୀର ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଐକ ଆଲୋଚନା ଚକ୍ର ସମାଜସେବୀ ଅଶୋକ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବର୍ଷୀୟାନ ଖବରଦାତା ଉମାଶଙ୍କର କର ଯୋଗଦେଇଥିବା ବେଳେ ଭିତ୍ତି ପ୍ରବନ୍ଧ ଉପସ୍ଥାନ କରିଥିଲେ ଅଧ୍ୟାପକ ପରମେଶ୍ୱର ମୁଣ୍ଡ। ଆଲୋଚକ ଭାବରେ ପ୍ରାଣିସମ୍ପଦ ବିଭାଗର ଡା. କେଦାରନାଥ ଖମାରୀ, କୃଷି ବିଜ୍ଞାନ କେନ୍ଦ୍ରର ତ୍ରିବିଜୟ ବଡଜେନା, ଜିଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଦୌପଦୀ ମାଝୀ ଭାଗନେଇଥିଲେ। ଉଦ୍‌ଯାପନୀ ଉତ୍ସବର ଉଦ୍‌ଘାଟକ ଭାବରେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଯୋଗଦେଇଥିବା ବେଳେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ ମୁଖ୍ୟଅତିଥି ଥିଲେ। ଚଳିତବର୍ଷ ରାଜ୍ୟସ୍ତରୀୟ ମହାବୀର ସମ୍ମାନ ବର୍ଷୀୟାନ କ୍ରୀଡାବିତ୍ ଦୁର୍ଗାଚରଣ ମିଶ୍ର, ରାଜ୍ୟସ୍ତରୀୟ ପ୍ରଫେସର ଭୁବନେଶ୍ୱର ବେହେରା ସାହିତ୍ୟ ସମ୍ମାନ କୋରାପୁଟର ଡ. ପିଣ୍ଡିଧାରା ସାମଲ, ନାଟ୍ୟରଶ୍ମି ପ୍ରଫୁଲ୍ଲରଥ ନାଟ୍ୟ ସମ୍ମାନ ଭୁବନେଶ୍ୱର ନିର୍ଦ୍ଦେଶକ ଦେବବ୍ରତ ପଟ୍ଟନାୟକ, ସୁଗୃହିଣୀ ସମ୍ମାନ ଜୁନାଗଡ଼ର ସଂଯୁକ୍ତା ବେହେରା, କଳାହାଣ୍ଡି ଯୁବ ପ୍ରତିଭା ସମ୍ମାନ ଏଲ୍. ଈଶ୍ୱର ରାଓଙ୍କୁ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ପୁରାତନ ଛାତ୍ର ସଂଘର ଦାବିପତ୍ର

**ଭବାନୀପାଟଣା,୧୫ା୧୧(ଉତ୍ତମ କୁମାର ଦାଶ)**


ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍ୱାଭିମାନ ଓ ଅସ୍ମିତା ରକ୍ଷା ପାଇଁ ଶୁକ୍ରବାର ପୁରାତନ ଛାତ୍ରସଂଘ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭବାନୀପାଟଣା ସର୍କିଟ ହାଉସଠାରେ ମନ୍ତ୍ରୀଙ୍କୁ କର୍ମକର୍ତ୍ତାମାନେ ସାକ୍ଷାତ କରି ବିଶ୍ୱବିଦ୍ୟାଳୟରେ ହେଉଥିବା ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ସହ ଶୀଘ୍ର ନୂତନ କୁଳପତି ନିଯୁକ୍ତି ପାଇଁ ନିବେଦନ କରଥିଲେ। ତେବେ ଭୁବନେଶ୍ୱର ଗଲାପରେ ଏହା ଉପରେ ସମୀକ୍ଷା ବୈଠକ କରି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସଂଘର ଉପଦେଷ୍ଟା ଜଗନ୍ନାଥ ମୁଣ୍ଡ, ପୁରାତନ ଛାତ୍ରସଂଘ ସମ୍ପାଦକ ଅବିନାଶ ଠାକୁର, ଉପସଭାପତି ଭବେନ୍ଦ୍ର ପଣ୍ଡା, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ବରିଷ୍ଠ ଖବରଦାତା ପ୍ରଶାନ୍ତ ପଣ୍ଡା, ପୂର୍ବତନ ଛାତ୍ରସଂସଦ ସଭାପତି ପ୍ରଦୀପ ମୁଣ୍ଡ, ଅଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବୋଇତ ବନ୍ଦାଣ ଉତ୍ସବ

**ରିଷିଡ଼ା,୧୫ା୧୧ (ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ଗ୍ରାମର ଶ୍ରୀ ଶ୍ରୀ ରାମଚନ୍ଦ୍ର ସ୍ୱାମୀ ଗ୍ରାମ୍ୟ ସମିତି ତୈଳିକ ବଳଦିଆ ବୈଶ୍ୟ ସମାଜ ତରଫରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ରାମଚନ୍ଦ୍ର ଗ୍ରାମ୍ୟ ସମିତି ସମ୍ପାଦକ ପଦ୍ମକିଶୋର ସାହୁଙ୍କ ପରିଚାଳନାରେ ସଭା ହୋଇଥିଲା। ଦଧିବାବନ ଗ୍ରାମ୍ୟ ସମିତି କଣ୍ଟାମାଳର ସଭାପତି ରାମେଶ୍ୱର ସାହୁ ମୁଖ୍ୟ ଅତିଥି, ଶ୍ରୀ ଶ୍ରୀ ଭୀମା ଭୈରବୀ ଗ୍ରାମ୍ୟ ସମିତି ସଭାପତି ପ୍ରକାଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଓ ଶ୍ରୀ ଶ୍ରୀ ରାମଚନ୍ଦ୍ର ସମିତି ବେହେରା ଢୋଲାମଣି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ବୋଇତକୁ ପୂଜାର୍ଚ୍ଚନାକରି ନଗର ପରିକ୍ରମା କରିବା ପରେ ସମସ୍ତ ଅତିଥିଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଆୟୁଷ ସାହୁ, କିଡିରାଣୀ ସାହୁ, ଯୁକ୍ତ ୨ର ଆଦ୍ୟାଶା ସାହୁ, ଯୁକ୍ତ ୩ର ନିକିତା ସାହୁଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସଂଯୋଜନା କରିଥିଲେ ସହଦେବ ସାହୁ।



# ଇଣ୍ଟର କଲେଜ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଭବାନୀପାଟଣା,୧୫ା୧୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ଼ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଗୁରୁବାର ରାତିରେ ଇଣ୍ଟର କଲେଜ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କଳାହାଣ୍ଡି ଓ ନୂଆପଡ଼ା ଜିଲାର ୨୩ କଲେଜର ମହିଳା ଓ ପୁରୁଷ ଖେଳାଳି ଭାଗ ନେଇଥିଲେ। ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜର ଅଧ୍ୟକ୍ଷ ବିଭୂତି ଭୂଷଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉପ କୁଳ ସଚିବ ମେଜର ଜୟଦେବ ସାହୁ ମୁଖ୍ୟ ଅତିଥି ଓ ଖେଳ ନିର୍ଦ୍ଦେଶକ ଘନଶ୍ୟାମ ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପୁରୁଷ ବିଭାଗରେ ଖରିଆର ଅଟୋନୋମସ କଲେଜ ଚାମ୍ପିୟନ ହୋଇଥିବାବେଳେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଉପବିଜେତା ହୋଇଥିଲା। ସେହିପରି ମହିଳା ବିଭାଗରେ ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜ ଚାମ୍ପିୟନ ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଉପବିଜେତା ହୋଇଥିଲା। ବ୍ୟକ୍ତିଗତ ପ୍ରତିଯୋଗିତାର ପୁରୁଷ ବିଭାଗରେ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜର ସୁବ୍ରତ ପଟ୍ଟନାୟକ ଚାମ୍ପିୟନ ଓ ଖରିଆର ଅଟୋନୋମସ କଲେଜର କିରଣ ଧାରୁଆ ଉପବିଜେତା ହୋଇଥିଲେ। ମହିଳା ବିଭାଗରେ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜର ରୋଜାଲିନ ନାୟକ ଚାମ୍ପିୟନ ଓ ଦମନ୍ତି ବାଗ ଉପବିଜେତା ହେଇଥିଲେ। ଖେଳକୁ ରାକେଶ କୁମାର ବେମାଲ, ସୁମନ ପାଣିଗ୍ରାହୀ, ରୋଜାଲିନ ନାୟକ, ଜଳି ପରାଭୋଇ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ କଳାହାଣ୍ଡି ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ପ୍ରଦୀପ କୁମାର ଦାସ ମୁଖ୍ୟ ଅତିଥି ଓ କଳାହାଣ୍ଡି ଆସୋସିଏଶନ ସମ୍ପାଦକ ସନ୍ଦୀପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଦୀପକ ସାଗର କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ।



କୃତୀ ଖେଳାଳିଙ୍କ ସହ ଅତିଥିଗଣ।

## ପାପକ୍ଷୟ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ବିନିକା,(ରାମଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟରେ ଶୁକ୍ରବାର ବ୍ରତଧାରୀ ଚିରସ୍ରୋତା ମହାନଦୀରେ ବୁଡ଼ ପକାଇ ଡ଼ଙ୍ଗା ଓ ଦୀପ ଭସାଇ ବ୍ରତ ସମାପନ କରିଛନ୍ତି। ଏଠାରେ ବିଶ୍ୱାସ ରହିଛି ପାପକ୍ଷୟ ଘାଟରେ ବୁଡ଼ ପକାଇଲେ ଓ ବଟ ବୃକ୍ଷ ଗଳିଲେ ପାପକ୍ଷୟ ହୋଇଥାଏ। ଏହି ବିଶ୍ୱାସରେ ଦୂର ଦୁରାନ୍ତରୁ ଏପରି କି ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।

## ସଂକ୍ଷେପରେ

### ତ୍ରିବେଣୀ ସଙ୍ଗମରେ ଆଳତି ସମାରୋହ

ସୋନପୁର,୧୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରର ପୁଣ୍ୟ ପୀଠ ରାମେଶ୍ୱର ତ୍ରିବେଣୀ ସଙ୍ଗମରେ ଶୁକ୍ରବାର ରାତିରେ ଆଳତୀ ହୋଇଥିଲା। ପ୍ରତ୍ୟେକ ପୂର୍ଣ୍ଣିମାରେ ଆଳତି କରା ଯାଉଥିବା ବେଳେ କାର୍ତ୍ତିକ ପୂର୍ଣ୍ଣିମା ସନ୍ଧ୍ୟାରେ ମହାନଦୀ ଓ ତେଲ ନଦୀର ସଙ୍ଗମରେ ମହା ଆଳତି କରାଯାଇଥାଏ। ମହାନଦୀ ଓ ତେଲ ନଦୀ ସମେତ ରାଜ୍ୟର ସମସ୍ତ ନଦୀଜଳକୁ ସ୍ୱଚ୍ଛ ଓ ନିର୍ମଳ ରଖିବାର ଆହ୍ୱାନ ସହିତ ନଦୀ ସଭ୍ୟତାର ସୁରକ୍ଷା ଏବଂ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି ଏହି ସମାରୋହର ଲକ୍ଷ୍ୟ। ମୁଖ୍ୟ ପୂଜକ ପଣ୍ଡିତ ରାଜୀବ ଲୋଚନ ପଣ୍ଡା, ବାସୁଦେବ ଶତପଥୀ, ସୁଶାନ୍ତ ପୁରୋହିତ, ରାଧେଶ୍ୟାମ ପୁରୋହିତ ଓ ଦୀନେଶ ଚନ୍ଦ୍ର ତ୍ରିପାଠୀ ପୂଜାର୍ଚ୍ଚନା ସହିତ ଆଳତୀ ସମର୍ପଣ କରିଥିଲେ। ସଙ୍ଗମ ଆଳତୀ କମିଟିର ମୁଖ୍ୟ ଆୟୋଜକ ଶ୍ୟାମାଓଁ ପ୍ରସାଦ ମିଶ୍ରଙ୍କ ସମେତ ଡ. ସୌରଭ ରଞ୍ଜନ ଖମାରୀ, ଗଦାଧର ବାରିକ, ଶ୍ରୀବସ୍ତ ମଲ୍ଲିକ ସହଯୋଗ କରିଥିଲେ।

### ବାଳକ ଭୋଜନ ସମାରୋହ

ସୋନପୁର,୧୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବାଳକ ଭୋଜନ ସମାରୋହ ଆୟୋଜିତ ହୋଇଯାଇଛି। ସୋନପୁର ତେନ୍ତୁଳିଘାଟ ସ୍ଥିତ ଭାଗବତ ପାଠାଗାର ପକ୍ଷରୁ ପାଠାଗାର ପ୍ରାଙ୍ଗଣରେ ଏହା ଆୟୋଜିତ ହୋଇଥିଲା। ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ବାଳିକାବାଳକ ମଧ୍ୟାହ୍ନଭୋଜନ କରିଥିଲେ। ପାଠାଗାରର କର୍ମକର୍ତ୍ତାମାନେ ବାଳିକା ବାଳକଙ୍କ ପାଦ ଧୋଇ ଦେଇ ସସମ୍ମାନେ ମଧ୍ୟାହ୍ନଭୋଜନରେ ଆପ୍ୟାୟିତ କରିଥିଲେ। କଳାପଥର ପଞ୍ଚାୟତର ସମିତି ସଭ୍ୟ ତଥା ପାକ୍ସ ସଭାପତି ଅରବିନ୍ଦ ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଶିବରାମ ସାହୁ, ଚକ୍ରାୟୁଧ ନାଏକ ଓ ଦୀପକ ମହାପାତ୍ର ଯୋଗଦାନ କରିଥିଲେ। ପାଠାଗାର ସଭାପତି ସୂର୍ଯ୍ୟ ନାରାୟଣ ବେହେରା, ହିମାଂଶୁ ନାଏକ, ସମ୍ପାଦକ ପବିତ୍ର କୁମାର ସାହୁ, କୋଷାଧ୍ୟକ୍ଷ ବୃଷଭ ବୁଡେକ, ହେମନ୍ତ କୁମାର ନାଏକ, ମାନଭଞ୍ଜନ ସେଠୀ, ସଭ୍ୟ ବୈଦ୍ୟନାଥ ସାହୁ, ଗୌରିଶଙ୍କର ମହାପାତ୍ର, ମୁନା ବାରିକ, ସିଦ୍ଧାର୍ଥ କୁମାର ସାହୁ, ଅରୁଣ କୁମାର ନାଏକ, ଜିତେନ୍ଦ୍ର ନାୟକ, ପ୍ରଶାନ୍ତ ନାଏକ, ଚନ୍ଦନ ସେଠୀ ଓ ଲିକୁ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ବୌଦ୍ଧ ଆନ୍ତଃକ୍ଲବ ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସରକାର ଧାନ କିଣା ବିଭ୍ରାନ୍ତି ଦୂର କରନ୍ତୁ




ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ସୋନପୁର,୧୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

ଖରିଫ ଧାନ କିଣା ସମ୍ପର୍କରେ ରାଜ୍ୟ ସରକାରଙ୍କ ସ୍ପଷ୍ଟ ସୂଚନା ନାହିଁ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଓ ଧାନର କୁଇଣ୍ଟାଲ ପ୍ରତି ଅତିରିକ୍ତ ୮୦୦ ଟଙ୍କା କେତେ ଦିନ ଅନ୍ତରରେ ଚାଷୀଙ୍କୁ ମିଳିବ ତାର ବିଭ୍ରାନ୍ତି ଦୂର ହୋଇନି। ରାଜ୍ୟ ସରକାର ଅତିରିକ୍ତ ଟଙ୍କା ବୋନସ କିମ୍ବା ସବସିଡି ଆକାରରେ ଦେବେ ତାହା ସ୍ପଷ୍ଟ କରିନାହାନ୍ତି। ସୁବର୍ଣ୍ଣପୁର ଜିଲା ପ୍ରଶାସନ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ କରିନାହାନ୍ତି। ତେଣୁ ଚାଷୀ ଧାନ ବିକ୍ରି ନେଇ ଦ୍ୱନ୍ଦରେ ଥିବା ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ସରକାର ବିଭିନ୍ନ ସମୟରେ ନିଜର ମତ ବଦଳାଉ ଥିବାରୁ ଚାଷୀ ବିଭ୍ରାନ୍ତ ହେଉଛନ୍ତି। ସରକାର ବଦଳିବା ସହ ଚାଷୀ ପ୍ରତିନିଧି ମଧ୍ୟ ବଦଳୁଛନ୍ତି। ଶାସକ ଦଳ ନିଜକୁ ସୁହାଇଲା ଭଳି ଚାଷୀ ପ୍ରତିନିଧିଙ୍କୁ ଚୟନ କରୁଛନ୍ତି।

ଧାନ କିଣାବିକାରେ ମାନନିର୍ଣ୍ଣୟ ପ୍ରକ୍ରିୟା ବିଷୟରେ ଚାଷୀଙ୍କୁ ସଚେତନ କରାଯାଉନି। ଚାଷୀଙ୍କୁ ଠିକ୍ ଭାବେ ସଚେତନ ନ କରି ଧାନ କଟନିଛଟନି କଲେ ଏହାର ଜୋରଦାର ବିରୋଧ ହେବ ବୋଲି ସଙ୍ଗଠନର ନେତ୍ରୀ ସୋନାଲି ବିଶି ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ସରକାର ଚାଷ କ୍ଷେତ୍ରରେ ଯନ୍ତ୍ରପାତିର ବ୍ୟବହାରକୁ ପ୍ରୋତ୍ସାହନ ଦେଉଛନ୍ତି। ଲୋକେ ଧାନ କାଟିବା ଯନ୍ତ୍ର ବ୍ୟବହାର ମଧ୍ୟ କରୁଛନ୍ତି। ହେଲେ ସେଠାରୁ ବାହାରୁଥିବା ଧାନ ଏଫ୍‌ଏକ୍ୟୁ ମାନର ହେଉନି। ଧାନ ଅମଳ ପରେ ଶୁଖାଇବା, ଧାନ ସଫା କରିବା ଆଦି କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଖଳାର ଜିଲାରେ ଘୋର ଅଭାବ ଅଛି। ପର୍ଯ୍ୟାୟ କ୍ରମେ ଚାଷୀମାନଙ୍କୁ ସଚେତନ କରାଇ ବିଭିନ୍ନ ଗ୍ରାମରେ ମଣ୍ଡି କମିଟିମାନ ଗଠନ କରିବାକୁ ସଙ୍ଗଠନ ପରାମର୍ଶ ଦେଇଛି। ତେବେ ଅଣଦେଖା କଲେ ଅନ୍ୟାୟର ପ୍ରତିବାଦ ଚାଷୀ କରିବେ ବୋଲି ସଙ୍ଗଠନର ସଚେତକ ସୁଧିର ବଘାର କହିଛନ୍ତି।

ସରକାର ପ୍ରଥମେ କହିଲେ, ଧାନ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଚାଷୀ ଆକାଉଣ୍ଟରେ ପଡ଼ିବାର ୫ ମିନିଟ ପରେ ୮୦୦ ଟଙ୍କା ବୋନସ ରାଶି ସେହି ଆକାଉଣ୍ଟରେ ଦିଆଯିବ। ପୁଣି ସରକାର କହିଲେଣି ୨୩୦୦ ଟଙ୍କା ଆସିବାର ୪୮ ଘଣ୍ଟା ମଧ୍ୟରେ ୮୦୦ ଟଙ୍କା ବୋନସ ଆସିବ। ସରକାର ବାରମ୍ବାର ନିଜ କଥା ବଦଳାଇ ଚାଷୀମାନଙ୍କୁ ଭ୍ରମିତ ନ କରିବାକୁ ଜିଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ ସରକାରଙ୍କ ପାଖରେ ଦାବି ରଖିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଙ୍ଗଠନ ଉପଦେଷ୍ଟା ରାଜେନ୍ଦ୍ର ମିଶ୍ର ଓ ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ବିବେକାନନ୍ଦ



@ ରୋମାଞ୍ଚଳ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୌକାଚାଳନା ପ୍ରତିଯୋଗିତା: ବିକାଶ-ଆଲୋକ ଯୋଡ଼ି ପ୍ରଥମ



ସୋନପୁର ନିକଟସ୍ଥ ମହାନଦୀର ଲଙ୍କେଶ୍ୱରୀ ଗଣ୍ଡରେ ଆୟୋଜିତ ନୌକା ପ୍ରତିଯୋଗିତା ।

ସୋନପୁର,୧୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସ୍ୱଚ୍ଛ, ସୁସ୍ଥ ଓ ସବୁଜ ମହାନଦୀ ବାର୍ତ୍ତା ନେଇ ପ୍ରତିବର୍ଷ ଭଳି ଚଳିତଥର ସୋନପୁର ସହର ତେନ୍ତୁଳିଘାଟସ୍ଥିତ ଭାଗବତ ପାଠାଗାର ପକ୍ଷରୁ ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା ଶୁକ୍ରବାର ଆୟୋଜିତ ହୋଇଥିଲା। ମହାନଦୀର ଲଙ୍କେଶ୍ୱର ଗଣ୍ଡ ନିକଟରେ ଆୟୋଜିତ ପ୍ରତିଯୋଗିତାରେ ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡା, ସୁନ୍ଦରଗଡ, ବୌଦ୍ଧ ଓ ଅନୁଗୋଳ ଭଳି ଜିଲାରୁ ୩୦ ଯୋଡି ପ୍ରତିଯୋଗୀ ଭାଗ ନେଇଥିଲେ। ବଲାଙ୍ଗୀର ଜିଲା ଠେଲ୍‌କାମୁଣ୍ଡାର ବିକାଶ ଛତ୍ରିଆ ଓ ଆଲୋକ ତରିଆ ଯୋଡି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସମ୍ବଲପୁରର ବିଶ୍ୱନାଥ ଦଣ୍ଡସେନା ଓ ବିକାଶ ସାହୁ ଦ୍ୱିତୀୟ ଏବଂ ସୁବର୍ଣ୍ଣପୁରର ଅଭି ବେହେରା ଓ ସୁରଜ ତରିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସୋନପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରତାପ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନନ୍ଦିନୀ ଶତପଥୀ, ଡାକ୍ତର ଆଭାସ ଚନ୍ଦ୍ର ବାବୁ, ନିଶାନ୍ତ କୁମାର ମହାନ୍ତି, ଅମୀୟ ରଞ୍ଜନ ଦାଶ ଯୋଗଦାନ କରିଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯାଇଥିଲା। ପାଠାଗାର ସଭାପତି ସୂର୍ଯ୍ୟନାରାୟଣ ବେହେରା, ସମ୍ପାଦକ ପବିତ୍ର କୁମାର ସାହୁଙ୍କ ନେତୃତ୍ୱରେ ପାଠାଗାର କର୍ମକର୍ତ୍ତା ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। ସରୋଜ ଦଣ୍ଡସେନା ଓ ଗିରିଧାରୀ ତରିଆ ରେଫେରି ଦାୟିତ୍ୱ ତୁଲାଇଥିଲେ ।

# ୬୧୨ ବ୍ରାହ୍ମଣଙ୍କ ଦିବ୍ୟ ଗ୍ରନ୍ଥ ପାଠ

### ବୀରମହାରାଜପୁରରେ ୫୧୨୦ତମ ନିମ୍ବାର୍କ ଜୟନ୍ତୀ

ଅମରପାଲି,୧୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଦର ମହକୁମା ମିନି ଷ୍ଟାଡିୟମ ସ୍ଥିତ ନିମ୍ବାର୍କ ନଗରଠାରେ ଶୁକ୍ରବାର ନିମ୍ବାର୍କ ଜୟନ୍ତୀ ସହିତ ଚାରି ଗ୍ରନ୍ଥ ଓ ଅଷ୍ଟାଦଶ ପୁରାଣ ପଠନ, ବିଷ୍ଣୁ ସହସ୍ରନାମ, ଗୋପାଳ ସହସ୍ରନାମ, ରାଧା ସହସ୍ରନାମ, ହନୁମାନ ଚାଳିଶା, ହଂସଗୀତା, ଶ୍ରୀମଦ୍ଭାଗବଦ ଗୀତା ପାଠ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାତଃ ସମୟରେ ଆଚାର୍ଯ୍ୟମାନଙ୍କ ଦ୍ୱାରା ଦେବ ଗୁରୁ ନିମନ୍ତ୍ରଣ ପରେ ଯଜ୍ଞ ମଣ୍ଡପ, ବ୍ୟାସ ମଣ୍ଡପ, ଆଦିରେ ପୂଜାର୍ଚ୍ଚନା ହୋଇଥିଲା। ପରେ ଗୁରୁ ପୂଜନ ମଣ୍ଡପରେ ଯୁଗଳ କିଶୋର ମିଶ୍ର, ଦ୍ୱିତୀକୃଷ୍ଣ ପଣ୍ଡା, ବାଚସ୍ପତି ପଣ୍ଡା ଓ ଗିରିଧାରୀ ହୋତାଙ୍କ ଦ୍ୱାରା ଗୁରୁ ବନ୍ଦନା ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପରେ ଗୁରୁ ବଂଶୀଧର ଦାସ୍ଜୀ ମହାରାଜ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ନିମ୍ବାର୍କ ଜୟନ୍ତୀ କେନ୍ଦ୍ରୀୟ କମିଟିର ସମ୍ପାଦକ ଲକ୍ଷ୍ମଣ କୁମାର ପାଣ୍ଡିଆ ବାର୍ଷିକ ବିବରଣୀ ପଠନ କରିଥିଲେ। ପୁରାଣ ପାଠ କାର୍ଯ୍ୟକ୍ରମରେ ବିନିକା, ସୋନପୁର, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ୬୧୨ ଜଣ ନିମନ୍ତ୍ରିତ ତଥା ବ୍ରାହ୍ମଣ ଦିବ୍ୟ ଗ୍ରନ୍ଥ ପାଠ କରିଥିଲେ। ଦିବ୍ୟ ଗ୍ରନ୍ଥ ପଠନ ପରେ ଅଳତୀ, ପୁଷ୍ପାଞ୍ଜଳି, ପୂର୍ଣ୍ଣାହୁତି ସହିତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ପ୍ରାୟ ୩୦,୦୦୦ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଆଶ୍ରମ ସ୍କୁଲରେ ଜନଜାତି ଗୌରବ ଦିବସ




କୁଞ୍ଜାପାଲି ଆଶ୍ରମ ସ୍କୁଲରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ଅମରପାଲି,୧୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାପାଲି ଆଶ୍ରମ ସ୍କୁଲରେ ୧୫୦ତମ ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ ଓଡ଼ିଶା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୁଲ୍ୟରେ ଜନଜାତି ଗୌରବ ଦିବସ ପାଳନ କରାଯାଇଛି। ସ୍ଥାନୀୟ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା ମୁଖ୍ୟ ଅତିଥି ଏବଂ ସୁବର୍ଣ୍ଣପୁର ଡିପିଓ ଅର୍ଜୁନ ମାଝୀ, ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା କୁମ୍ଭାର, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଭାତୀ ବଗର୍ତ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଶହୀଦ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ବିଷୟରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମଧ୍ୟ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅତିଥିମାନେ ବିର୍ସା ମୁଣ୍ଡାଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଷ୍ଟଲ ଲାଗିବାକୁ ଥିବାବେଳେ ମିଶନ ଶକ୍ତି ଓ ଆଇସିଡିଏସ୍ ବିଭାଗ ତରଫରୁ ଷ୍ଟଲ ଖୋଲାଯାଇ ଲୋକଙ୍କୁ ସମ୍ପୃକ୍ତ ବିଭାଗର ବିଭିନ୍ନ ଯୋଜନା ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶିକ୍ଷକ ଗିରିଧାରୀ ନାଏକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଆଶ୍ରମ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷକ ମାନସ କଲେତ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ବିଜୟୀ

ବୌଦ୍ଧ,୧୫।୧୧(ଅଜିତ କୁମାର ବାରିକ)



ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଜିଲା ଷ୍ଟାଡିୟମ ପଡିଆରେ ଚାଲିଥିବା ଆନ୍ତଃକ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଜୟ ଭୈରବୀ କ୍ଲବ ଓ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଇନିଂସରେ ଜୟ ଭୈରବୀ କ୍ଲବ ବୌଦ୍ଧ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୮୮ ରନ୍ କରିଥିଲା। ଦଳ ତରଫରୁ ଆସୁତୋଶ ବାରିକ ୩୭ ରନ୍ ଓ ଇସାନସୁ ନାମଦେବ ୩୫ ରନ୍ କରିଥିଲେ। ଗ୍ରାମ୍ୟ ବିକାଶ ପରିଷଦ ତରଫରୁ ଡିକେନ କୁମାର ନାୟକ ଓ ତନୁଷ ଦେ ଉଭୟ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଦ୍ୱିତୀୟ ଇନିଂସରେ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ୩୨ ଓଭରରେ ୮ଟି ଉଇକେଟ ହରାଇ ୧୯୨ ରନ୍ କରି ଦଳକୁ ବିଜୟୀ କରିଥିଲା। ଦଳ ତରଫରୁ ସଞ୍ଜୟ କୁମାର ସାହୁ ୩୯ ଓ ସୌରଭ ତ୍ରିପାଠୀ୫୬ ରନ୍ କରିଥିଲେ। ଜୟ ଭୈରବୀ କ୍ଲବ ଇସାଙ୍ଗସୁ ନାମଦେବ ଓ ବିଶ୍ୱଜିତ ମହାଲିକ ଉଭୟେ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଡିକେନ କୁମାର ନାୟକ ପୁରସ୍କୃତ ହୋଇଥିଲେ। ଅମ୍ପାୟାର ଭାବେ ମ୍ୟାଚ୍‌କୁ ଗିତ ରଞ୍ଜନ ଚାନ୍ଦ ଓ ସ୍ୱାଧୀନ ବେହେରା ପରିଚାଳନା କରିଥିବାବେଳେ ସ୍ୱାଗତ ଦେହୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଶନିବାର ଗେହ୍ଲାମା କ୍ଲବ ବୌଦ୍ଧ ଓ ମହାନଦୀ ସ୍ପୋଟିଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ବୌଦ୍ଧରେ ଜନଜାତୀୟ ଗୌରବ ଦିବସ ପାଳିତ

ବୌଦ୍ଧ,୧୫।୧୧(ଅଜିତ କୁମାର ବାରିକ)

ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ବୌଦ୍ଧ କଚେରୀ ପଡିଆଠାରେ ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ, ସମ୍ମାନିତ ଅତିଥିଭାବେ ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡାଙ୍ଗ ନିଶାମୁକ୍ତ ରାଜ୍ୟ, ନିଶାମୁକ୍ତ ଦେଶ ଗଠନ ପାଇଁ ଆହ୍ୱାନ କରିବା ସହ ଧରିତ୍ରୀ ମା ପାଇଁ ଗଛଟିଏ ଲଗାଇବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମ ଭାଜପା ସରକାର ଆଦିବାସୀମାନଙ୍କ ଲାଗି ବିଭିନ୍ନ ଜନହିତକାରୀ ଯୋଜନାର ସଫଳ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହା ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହ ଭଗବାନ ବିର୍ସା ମୁଣ୍ଡା ଆଦିବାସୀଙ୍କ କଲ୍ୟାଣ ଓ ଅଧିକାର ପାଇଁ ଲଢେଇ କରିବା ସହିତ ଦେଶ ପାଇଁ ଇଂରେଜ ସରକାର ବିରୋଧରେ ସଂଗ୍ରାମ କରିଥିଲେ ବୋଲି ଡାଙ୍ଗ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବଡବନ୍ଧ ସରକାରୀ ବାଳିକା ବିଦ୍ୟାଳୟ ଓ ମେଣ୍ଟିମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ ହୋଇଥିଲା। ସଂସ୍କୃତ ଶିକ୍ଷକ ମେଣ୍ଟିମାଳ ଉଚ୍ଚ ବିଦ୍ୟାଳୟ ପ୍ରମୋଦ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓ ସମବାୟ ସହକାରୀ ଉପନିବନ୍ଧକ ସମବାୟ ସମିତି ସମୁହ ହାଡିବନ୍ଧୁ ମହାଖୁଡ ଧନ୍ୟବାଦ ପ୍ରଦାନ କରିଥିଲେ। ଆୟୋଜିତ ସମାରୋହରେ ହିତାଧିକାରୀମାନଙ୍କୁ ଜାତିଗତ ପ୍ରମାଣପତ୍ର, ଜଙ୍ଗଲ ଜମି ପଟ୍ଟା, ଭିନ୍ନକ୍ଷମ, ବିଧବା ଭତ୍ତା ସହିତ ହୁଇଲଚେୟାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଛାତ୍ରୀମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

# ସୁବର୍ଣ୍ଣପୁରରେ ବୋଇତ ବନ୍ଦାଣ

### ଡଙ୍ଗା ଭସାଣ ପାଇଁ ତ୍ରିବେଣୀ ସଙ୍ଗମରେ ଭିଡ଼

ସୋନପୁର,୧୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୁବର୍ଣ୍ଣପୁର ସହରବାସୀ ସହର ପାର୍ଶ୍ୱରେ ପ୍ରବାହିତ ମହାନଦୀ ଓ ତେଲନଦୀରେ ଡଙ୍ଗା ଭସାଇଛନ୍ତି । ଆ-କା-ମା-ବୈ ଧ୍ୱନିରେ ଶୁକ୍ରବାର ଭୋର ପ୍ରକମ୍ପିତ ହୋଇଥିଲା ମହାନଦୀ କୂଳ। ଓଡ଼ିଶାର ସ୍ୱର୍ଣ୍ଣପ୍ରୟାଗ ଭାବେ ଖ୍ୟାତ ପୁଣ୍ୟ ପୀଠ ସୁବର୍ଣ୍ଣପୁରର ରାମେଶ୍ୱର ତ୍ରିବେଣୀ ସଙ୍ଗମ ଠାରେ ଡଙ୍ଗା ଭସାଇବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗିଥିଲା। ଭୋର ୪ଟାରୁ ଜିଲା ତଥା ଜିଲା ବାହାରୁ ଲୋକେ ଆସି ରାମେଶ୍ୱର ସଙ୍ଗମଠାରେ ଭଳିକି ଭଳି ରଙ୍ଗ ବେରଙ୍ଗର ଡଙ୍ଗା ଭସାଇଥିଲେ। ସେ ଦିନର ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ପୂଜା ଆରାଧନା କରିବା ସହିତ ଦୀପ ପ୍ରଜ୍ୱଳନ କରିଥିଲେ ଶ୍ରଦ୍ଧାଳୁ। ମହାନଦୀର ଚତୁର୍ଦ୍ଦିଗ ଡଙ୍ଗା ଏବଂ ଦୀପମୟ ହୋଇ ଯାଇଥିଲା। ସହରର ରାମେଶ୍ୱର ଘାଟ, ତେନ୍ତୁଳିଘାଟ, ବ୍ରିଜ୍ ଘାଟ, ଦଶମତୀ ଘାଟ, ରାଜାପଡା ଘାଟ, ଘୋଡାଘାଟପଡା ମହାନଦୀ ଘାଟରେ ପାଣିରେ ଭାସୁଥିବା ଦୀପର ସୁନ୍ଦରତା ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଥିଲା। ସେହିପରି ତେଲନଦୀର ସୁବର୍ଣ୍ଣମେରୁ ମନ୍ଦିର ଘାଟରେ ମଧ୍ୟ ଅନେକ ଶ୍ରଦ୍ଧାଳୁ ଡଙ୍ଗା ଭସାଇଥିଲେ। ତ୍ରିବେଣୀ ସଙ୍ଗମରେ ବୁଡ ପକାଇବା ସହ ଡଙ୍ଗା ଭସାଇ ବାବା ରମେଶ୍ୱରଙ୍କୁ ଦର୍ଶନ କଲେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଜିଲାର ବିଭିନ୍ନ ପ୍ରାନ୍ତ ସହ ପଡୋଶୀ ଜିଲାରୁ ଲୋକେ ଡଙ୍ଗା ଭସାଇବା ପାଇଁ ଆସିଥିଲେ।



ସୁବର୍ଣ୍ଣପୁର ସହରସ୍ଥିତ ରାମେଶ୍ୱର ସଙ୍ଗମ ସ୍ଥଳରେ ଶ୍ରଦ୍ଧାଳୁମାନେ ପ୍ରାତଃରେ ଡଙ୍ଗା ଭସାଉଛନ୍ତି ।

## ସଂକ୍ଷେପରେ

### ଜିଏମ୍ୟୁରେ ଜନଜାତୀୟ ଗୌରବ ଦିବସ

**ସମ୍ବଲପୁର,୧୫।୧୧(ବି.ଶଙ୍କର)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ଇତିହାସ ବିଭାଗ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ତଥା ଜନଜାତୀୟ ଗୌରବ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଭାରତ ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ସଂଗ୍ରାମୀମାନଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ୨୦୨୧ ମସିହାଠାରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ନଭେମ୍ବର ୧୫ ତାରିଖକୁ ଏହି ଦିବସ ରୂପେ ପାଳନ କରାଯାଉଛି। ଏହି କ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଛି। ଇତିହାସ ବିଭାଗର ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମ ରୂପରେଖ ଏବଂ ଲକ୍ଷ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ମହିଳା ମହାବିଦ୍ୟାଳୟର ଅତିଥି ଅଧ୍ୟାପିକା ସୋହାନି ମିଶ୍ର, ଆଇଶା ପଣ୍ଡା ଏବଂ ଇତିହାସ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

### ମହାନଦୀର ଅଯୋଧ୍ୟା ସରୋବର ଘାଟରେ ମହାଆଳତି

**ସମ୍ବଲପୁର,୧୫।୧୧(ପ୍ରମୋଦ ବହିଦାର)**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମହାନଦୀର ଅଯୋଧ୍ୟା ସରୋବରରେ ଶୁକ୍ରବାର ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭା, ଶ୍ରୀପର୍ଶୁରାମ ଯୁବକ ସଂଘ ଓ ବ୍ରାହ୍ମଣ ମହିଳା ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ ମହାଆଳତୀ ଅନୁଷ୍ଠିତ ହୋଇଥିଲା। ଅଯୋଧ୍ୟା ସରୋବର ଘାଟରେ ଶୁକ୍ରବାର ସନ୍ଧ୍ୟାରେ ପଣ୍ଡିତ ମହାସଭାର ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମହାଆଳତୀରେ ପଣ୍ଡିତ ଜିତେନ୍ଦ୍ର ନନ୍ଦ, ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର, ସରୀତ ପାଢ଼ୀ, ମନବୋଧ ପାଢ଼ୀ, ରମେଶ ପୁରୋହିତ, ଗୋପାଳ ଶର୍ମା, ଦୀପକ ପାଣିଗ୍ରାହୀ, ଆଶୁତୋଷ ହୋତା, ନେପାଲ ପଣ୍ଡା, ଅମରେନ୍ଦ୍ର ପୂଜାରୀ, ଶ୍ରୀପର୍ଶୁରାମ ଯୁବକ ସଂଘର ବିନୋଦ ଶର୍ମା, ଅନୁପ ଲାଟା, ବ୍ରାହ୍ମଣ ମହିଳା ପ୍ରକୋଷ୍ଠର ଚନ୍ଦ୍ରମୁଖି ଲାଟା, ସଙ୍ଗୀତା ଶର୍ମା ସାମିଲ ହୋଇଥିବା ବେଳେ ବ୍ରାହ୍ମଣ ଯୁବଗୋଷ୍ଠୀର ମୁକେଶ ଜରିୱାଲ, ତରୁଣ ଗାନ୍ଧୀ, ଶଙ୍କରଶର୍ମା ପ୍ରମୁଖ ସହଯୋଗ କରିଥିଲେ।

### ଯୁବପିଢ଼ି ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଜରୁରୀ

**ସମ୍ବଲପୁର, ୧୫।୧୧(ବି.ଶଙ୍କର)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଜନଜାତି ଗୌରବ ଦିବସ ତଥା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏବିଭିପି ଓଡିଶା ପ୍ରାନ୍ତ ସହ ସଙ୍ଗଠନ ମନ୍ତ୍ରୀ ନିକୁଞ୍ଜ ବିହାରୀ ପଣ୍ଡା ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଐତିହାସିକଜୀବନ ଗାଥା ଓ ଦେଶ ପାଇଁ ତାଙ୍କର ବଳିଦାନଏବଂଆନ୍ଦୋଳନ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ବର୍ତ୍ତମାନର ଛାତ୍ର ସମାଜ ଓ ଯୁବ ପିଢ଼ି ବିର୍ସା ମୁଣ୍ଡାଙ୍କ ଆଦର୍ଶକୁ ନିଜ ଜୀବନ ଶୈଳୀରେ ଅନୁପ୍ରାଣିତ କରିବା ଆବଶ୍ୟକତା ରହିଛି । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଦସ୍ୟ ଶ୍ୱେତାଂଶୁ ଶେଖର ବରାଇ, ରାଜ୍ୟ ସହସମ୍ପାଦକ ସିମରାନ ପ୍ରଧାନ ଉପସ୍ଥିତ ଥିଲେ।

### ବନ ବିଭାଗର ଚଢ଼ାଉ: ବନ୍ଧୁକ ଜବତ, ଜଣେ ଗିରଫ

**କୁଚିଣ୍ଡା,୧୫।୧୧(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ଗୋବିନ୍ଦପୁର ସେକ୍ସନ କହପାଣି ସଂରକ୍ଷିତ ଜଙ୍ଗଲରୁ ବନବିଭାଗ ଜଣଙ୍କୁ ଗିରଫ କରି ଏକ ଦେଶୀ ବନ୍ଧୁକ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦପୁର ଥାନା ବାଦପଡାର ଖଗେଶ୍ୱର ବାଘ(୨୭)। ଏନେଇ ବନବିଭାଗ ଗୋବିନ୍ଦପୁର ଫରେଷ୍ଟ ସେକ୍ସନରେ ଏକ ମାମଲା ରୁଜୁକରି ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରି କୁଚିଣ୍ଡା ଏସଡିଜେଏମ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ,ଗୁରୁବାର ବନବିଭାଗ ଟିମ୍ ରେଞ୍ଜର ଦୀପକ ମହାନନ୍ଦଙ୍କ ତତ୍ତ୍ୱାବଧାନରେ କହପାଣି ସଂରକ୍ଷିତ ଜଙ୍ଗଲରେ ପାଟ୍ରୋଲିଂ କରୁଥିଲେ। ଅଭିଯୁକ୍ତ ଜଣକ ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ବନ୍ଧୁକ ଧରି ବୁଲୁଥିବା ସମୟରେ ବନବିଭାଗ ତାଙ୍କୁ ଗିରଫ କରିଥିଲା।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ



କ୍ଷେତରାଜପୁର ଧର୍ମଶାଳା ନିକଟରେ ମୃତଦେହ ରଖି ଲୋକେ ରାସ୍ତାରୋକୋ କରିଛନ୍ତି।

- କ୍ଷେତରାଜପୁର ବାଣଫୁଟାକୁ ନେଇ ହତ୍ୟା ମାମଲା
- ବିଧବା ପତ୍ନୀଙ୍କୁ ଏସ୍‌ଏମ୍‌ସିରେ ନିଯୁକ୍ତି
- ଜିଲା ପ୍ରଶାସନ ପକ୍ଷରୁ ସନ୍ତାନଙ୍କ ପାଠପଢ଼ା ପାଇଁ ମାସିକ ୪ ହଜାର

**ସମ୍ବଲପୁର,୧୫।୧୧(ପ୍ରମୋଦ ବହିଦାର)**

ବାଣଫୁଟାକୁ ନେଇ ଗତ ୧ ତାରିଖରେ କ୍ଷେତରାଜପୁର ଥାନା ଅନ୍ତର୍ଗତ ବିହାରିପଡ଼ାରେ ସଂଘଟିତ ଗୋଷ୍ଠୀ ସଂଘର୍ଷରେ ଆହତ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଯୁବକଙ୍କ ମୃତଦେହ ଗ୍ରହଣ କଲା ପରେ ପୀଡ଼ିତ ପରିବାଙ୍କୁ କ୍ଷତିପୂରଣ ଦାବିରେ ଶତାଧିକ ସଂଖ୍ୟାରେ ମହିଳା ଓ ପୁରୁଷ ଷ୍ଟେଶନପଡ଼ାବାସୀ କ୍ଷେତରାଜପୁର ଧର୍ମଶାଳା ନିକଟରେ ମୃତଦେହ ରଖି ଅପରାହ୍ନ ସାଢ଼େ ୩ଟାରୁ ମୁଖ୍ୟରାସ୍ତାକୁ ଅବରୋଧ କରି ରଖିଥିଲେ। ପଡ଼ାବାସୀ ପୀଡ଼ିତ ପରିବାରଙ୍କୁ ୧ କୋଟି ଟଙ୍କା କ୍ଷତିପୂରଣ ସହିତ ଭରପୋଷଣ ପାଇଁ ସହାୟତା, ପୀଡ଼ିତ ପରିବାରର ଜଣକୁ ସରକାରୀ ଚାକିରୀ, ଫେରାର ଅଭିଯୁକ୍ତଙ୍କୁ ଗିରଫ ଓ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାରୋକୋ ଫଳରେ ଉକ୍ତ ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଥିଲା। ପୋଲିସ ଯେତେ ବୁଝାଶୁଝା କଲେ ମଧ ସେମାନେ ସେମାନଙ୍କ ଜିଦ୍‌ରୁ ଓହରି ନ ଥିଲେ। ପରେ ପ୍ରାୟ ୮ଟା ସମୟରେ ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରେଶ ଚନ୍ଦ୍ର ପାଣ୍ଡେ ଓ ଅଜୟ କୁମାର ମିଶ୍ର ଏବଂ ସଦର ଏସ୍‌ଡିପିଓ ତୋଫାନ ବାଗ ଅନ୍ୟାନ୍ୟ ପୋଲିସ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରଶମିତ ହୋଇଥିଲା। ଏହାବାଦ ରାତିରେ ସ୍ଥାନୀୟ ରାଜଘାଟରେ ମୃତକଙ୍କ ଅନ୍ତିମ ସତ୍କାର କରାଯାଇଛି। ସଦର ଉପଜିଲାପାଳ ପଣ୍ଡାଙ୍କ ସୂଚନା ଅନୁସାରେ ପୀଡ଼ିତ ପରିବାରଙ୍କ ଭରଣ ପୋଷଣ କରି ମୃତକଙ୍କ ଦୁଇ ଝିଅ ପୁଅଙ୍କ ପାଠ ପଢ଼ା ପାଇଁ ଜିଲା ପ୍ରଶାସନ ପକ୍ଷରୁ ମାସିକ ୪ ହଜାର ଟଙ୍କା, ମୃତକଙ୍କ ବିଧବା ପତ୍ନୀଙ୍କୁ ଯୋଗ୍ୟତା ଅନୁସାରେ ସମ୍ବଲପୁର ମହାନଗର ନିଗମରେ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଏହାସହ ଅନ୍ତିମ ସତ୍କାର ନିମନ୍ତେ ତତ୍‌କ୍ଷଣାତ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଦୀପାବଳି ରାତିରେ ମୃତକ ବାଦଲ ତାଣ୍ଡି ତାଙ୍କର ଦୁଇ ଜଣ ବନ୍ଧୁ ବିହାରୀପଡ଼ା ଦେଇ ଯିବା ସମୟରେ ସେଠାରେ ବାଣ ଫୁଟାଉଥିବା କେତେକ ଯୁବକଙ୍କ ସହ ତାଙ୍କର ବଚସା ହୋଇଥିଲା। ଉକ୍ତ ବଚସା ପରବର୍ତ୍ତି ସମୟରେ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଏଥିରେ ବାଦଲ ଗୁରୁତର ଆହତ ହୋଇଥିବା ବେଳେ ଉଭୟ ପକ୍ଷରୁ ୧୦ରୁ ଅଧିକ ଯୁବକ ଆହତ ହୋଇଥିଲେ। ବାଦଲଙ୍କୁ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। ମାତ୍ର ଗୁରୁବାର ୧୩ଦିନ ପରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।







ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜନଜାତିଙ୍କ ଅଧିକାର ପାଇଁ ଏକଜୁଟ ହେବାକୁ ଆହ୍ୱାନ



ମନ୍ତ୍ରୀ ରବିନାରାୟଣ ନାଏକ ବିର୍ସା ମୁଣ୍ଡା ଜୟନ୍ତୀ ସମାରୋହରେ ଉଦ୍‌ବୋଧନ ଦେଉଛନ୍ତି।

**କୁଚିଣ୍ଡା,୧୫।୧୧(ବିରଞ୍ଚି ଦର୍ଶୀ)**

### ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶୁକ୍ରବାର କୁଚିଣ୍ଡା କଲେଜ ପଡିଆରେ ସମ୍ବଲପୁର ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ରାଜ୍ୟସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ,ଶହୀଦ ବୀର ବିର୍ସା ମୁଣ୍ଡା ଜଣେ ବିପ୍ଲବୀ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ।ଫିରିଙ୍ଗି ଶାସନ ବିରୋଧରେ ଦେଶମାତୃକା ପାଇଁ ଲଢେଇ କରି ସେ ଶହୀଦ ହୋଇଥିଲେ। ଭାରତ ସରକାର ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ସ୍ମରଣ କରିବା ପାଇଁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରୁଛନ୍ତି। ଏହି ଜୟନ୍ତୀ ଅବସରରେ ପ୍ରତି ପଞ୍ଚାୟତରେ ଗ୍ରାମସଭା ସହ ୨୦ରୁ ୨୬ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରି ପେସା ଆଇନ, ଜଙ୍ଗଲ ଅଧିକାର ଆଇନ ଉପରେ ସଚେତନତା ସୃଷ୍ଟି କରାଯିବାର ଯୋଜନା ରହିଥିବା ମନ୍ତ୍ରୀ ନାଏକ କହିଥିଲେ। ଏତଦ ବ୍ୟତୀତ ଜନଜାତିଙ୍କ ହକ ଓ ଅଧିକାର ପାଇଁ ଏକଜୁଟ ହେବାକୁ ସେ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ଜନଜାତିୟ ଗୌରବ ଦିବସର ଜିଲାସ୍ତରୀୟ ନୋଡାଲ ଅଫିସର ତଥା କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ବାମରା ବ୍ଲକ ଅଧ୍ୟକ୍ଷା ପିଙ୍କି ଧୂରୁଆ, ଭାଜପା ଜିଲା ଆଦିବାସୀ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଅନୁପମା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ୩୦ଜଣ ଯୁବ ଉଦ୍ୟୋଗୀଙ୍କୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପକ୍ଷରୁ ୧ଲକ୍ଷ ଟଙ୍କାର ମାଗଣା ଚେକ ପ୍ରଦାନ କରି ଜିଲା କୃଷିବିଭାଗ ଦ୍ୱାରା ମନୋନୀତ ୨ଜଣ ଚାଷୀଙ୍କୁ ମୃତ୍ତିକା ପରୀକ୍ଷଣ ପତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ ବାମରା, କୁଚିଣ୍ଡା, ଜମନକିରା ବ୍ଲକର ବିଡିଓ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଭୋଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସମାଜସେବୀ ମଳୟ ବେହେରା ସଭାପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଘରେ ସଶସ୍ତ୍ର ଡକାୟତି

### ୮ଭରି ସୁନା ସହ ନଗଦ ଟଙ୍କା ଲୁଟ୍

**କୁଚିଣ୍ଡା,୧୫।୧୧(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅନ୍ତର୍ଗତ ସାନଡୁମ୍ବେରମୁଣ୍ଡା ଗ୍ରାମର ସରୋଜ ନାଏକ ନାମକ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ୬ଜଣ ମୁଖାପିନ୍ଧା ଡକାୟତ ସେନା ଅଧିକାରୀଙ୍କ ଘରେ ପଶିଥିଲେ। ପ୍ରଥମେ ତାଙ୍କ ଘରେ ଭଡାରହୁଥିବା ୪ଜଣଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ସମସ୍ତଙ୍କୁ ବାନ୍ଧି ଦେଇ ଏକ କୋଠରୀରେ ବନ୍ଦ କରିଦେଇଥିଲେ। ଡକାୟତମାନେ ନାଏକଙ୍କ ସବୁମହଲାରେ ପଶି ଆଲମିରା ଭାଙ୍ଗି ୮ଭରି ସୁନା ଓ ନଗଦ ଟଙ୍କା ନେଇ ଫେରାର୍ ମାରିଥିଲେ। ଅବସରପ୍ରାପ୍ତ ସେନା ଅଧିକାରୀ ନାଏକଙ୍କଠାରୁ ରିପୋର୍ଟ ପାଇ ସକାଳେ କୁଚିଣ୍ଡା ଏସଡିପିଓ ଅମିତାଭ ପଣ୍ଡା,ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର ବେହେରା, ଗଡପୋଷ ଫାଣ୍ଡି ଅଧିକାରୀଙ୍କ ସହ ପୋଲିସ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।ଡକାୟତ ମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

## ଜ୍ୟୋତିର ୩୭ତମ ପ୍ରତିଷ୍ଠା ଦିବସ




ଜ୍ୟୋତି ଅନୁଷ୍ଠାନର ପ୍ରତିଷ୍ଠା ଦିବସ ଉତ୍ସବରେ ଅତିଥି ଓ ବକ୍ତାମାନେ।

**ସମ୍ବଲପୁର,୧୫।୧୧(ବି.ଶଙ୍କର)**

### ଚକ୍ଷୁ ସୁରକ୍ଷା ଓ ଚକ୍ଷୁର ଯତ୍ନ ଶୀର୍ଷକ ସଚେତନତା ସଭା

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଜ୍ୟୋତି ଅନୁଷ୍ଠାନର ୩୭ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ସମ୍ବଲପୁର ସହର ଗୋବିନ୍ଦତୋଲା ସ୍ଥିତ ଆନନ୍ଦ ମାର୍ଗ ଆଶ୍ରମରେ ପାଳିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଚକ୍ଷୁ ସୁରକ୍ଷା ଓ ଚକ୍ଷୁର ଯତ୍ନ ଉପରେ ଏକ ସଚେତନତା ସଭା ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ସଂଯୋଜକ କଳ୍ପନା ମିଶ୍ର ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ ପୂର୍ବକ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଉପସ୍ଥାପନା କରିଥିଲେ। ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ଚକ୍ଷୁ ସୁରକ୍ଷା ଓ ଚକ୍ଷୁର ଯତ୍ନ ଉପରେ ବିସ୍ତୃତ ବର୍ଣ୍ଣନା କରି ବୁଝାଇ କହିଥିଲେ। ଆନନ୍ଦ ମାର୍ଗ ଆଶ୍ରମର ମୁଖ୍ୟ ସଞ୍ଚାଳକ ଆଚାର୍ଯ୍ୟ ରୁଦ୍ର ଦେବାନନ୍ଦ ତାଙ୍କ ବକ୍ତବ୍ୟରେ ଆଧ୍ୟାତ୍ମିକ ସଚେତନତା ଉପରେ ସୂଚନା ଦେଇଥିଲେ। ସେ କହିଥିଲେ, ଆଜିର ସମାଜରେ ସୁନାଗରିକ ହେବା ପାଇଁ ଚରିତ୍ର ଗଠନର ଆବଶ୍ୟକତା ରହିଛଇ ବୋଲି କହିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସମ୍ବନ୍ଧୟ ଏକ ପ୍ରଶ୍ନୋତ୍ତୋରୀ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଉପସ୍ଥିତ ଛାତ୍ରୀଛାତ୍ର ଓ ବ୍ୟକ୍ତି ବିଶେଷଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଅତି ସରଳ ଭାବରେ ଦେଇଥିଲେ । କେତେକ ବ୍ୟକ୍ତି ସ୍ୱଇଚ୍ଛାରେ ଚକ୍ଷୁଦାନ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର ମଧ କରିଥିଲେ । ସଭା ଶେଷରେ ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଚକ୍ଷୁ ପରୀକ୍ଷା ଶିବିର ଆରମ୍ଭ ହୋଇଥିଲା। ଏହାକୁ ତାପସ ଦାସ ପରିଚାଳନା ଏବଂ ଡ. ସତ୍ୟନାରାୟଣ ଠାକୁର ସହଯୋଗ କରିଥିଲେ। ବରଷ୍ଠ ସଦସ୍ୟ ରତ୍ନଭୂଷଣ ପୃଷ୍ଟେଠ, ଅଶୋକ ମିଶ୍ର, ପ୍ରଶାନ୍ତ ପାଟଯୋଶୀ, ବଦ୍ରିନାରାୟଣ ହୋତା, ନିଗମାନନ୍ଦ ଚକ୍ଷୁ ପରୀକ୍ଷା ଶିବିର ପରିଚାଳନାରେ ପ୍ରମୂଖ ଭୂମିକା ଗ୍ରହଣ କରିଥିଲେ।

## ଜେଏସ୍‌ଡବ୍ଲ୍ୟୁ ପିବିଏସ୍‌ଏଲ୍ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ



ଜେଏସ୍‌ଡବ୍ଲ୍ୟୁ ପିବିଏସଏଲ ଆୟୋଜିତ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବରେ ଅତିଥି ଓ କର୍ମକର୍ତ୍ତାମାନେ।

**ସମ୍ବଲପୁର,୧୫।୧୧(ବି.ଶଙ୍କର)**

ଜେଏସ୍‌ଡବ୍ଲ୍ୟୁ ପିବିଏସ୍‌ଏଲ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । ରଙ୍ଗବେରଙ୍ଗର ଆଲୋକମାଳା, ପୁଷ୍ପ ସାଜସଜ୍ଜାରେ ସୁଶୋଭିତ ହୋଇଥିଲା ଉତ୍ସବ ସ୍ଥଳି। ଜେଏସ୍‌ଡବ୍ଲ୍ୟୁ ପିବିଏସଏଲ ପ୍ରେସିଡେଣ୍ଟ ଅନିଲ କୁମାର ସିଂ ଏବଂ ଆକାଂକ୍ଷା ଲେଡିଜ କ୍ଲବର ସଭାନେତ୍ରୀ ନୀଲମ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ତ୍ତିକ ପୂର୍ଣ୍ଣିମାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଦିନ ଓଡିଶାର ବଣିକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସେହିପରି ଓଡିଶାର ସାମୁଦ୍ରିକ ବାଣିଜ୍ୟ, ଐତିହ୍ୟ, ପରମ୍ପରା, ଘଟଣାକୁ ସ୍ମୃତିଚାରଣ କରିବା ଉଦ୍ଦେଶ୍ୟରେ ଐତିହାସିକ ଯାତ୍ରା କରାଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ତ୍ତିକ ଉତ୍ସବ କମିଟି କର୍ମକର୍ତ୍ତାମାନେ ସକାଳେ ଚିତ୍ରକଳା ପୋଖରୀରେ ସମବେତ ହୋଇ ଉତ୍ସବ ପାଳନ କରିଥିଲେ । ବିଶେଷ କରି ପିଲାମାନେ ପାରମ୍ପାରିକ ସାଧବ ପୋଷାକ ପିନ୍ଧିଥିଲେ। ପୋଖରୀ ଭିତରେ ରଙ୍ଗୀନ ନୌକା ସମସ୍ତଙ୍କୁ ଆକୃଷ୍ଟ କରିଥିଲା । ବାଳିକାମାନେ ଦୀପ ଥାଳି ଧରି ନୌକା ବନ୍ଦାଣ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

# ସମ୍ବଲପୁର ଜିଲା କୁସ୍ତି ପ୍ରତିଯୋଗିତା

**ସମ୍ବଲପୁର,୧୫।୧୧(ବି.ଶଙ୍କର)**

ସମ୍ବଲପୁର ଜିଲା ସ୍ତରୀୟ କୁସ୍ତି ପ୍ରତିଯୋଗିତା ସ୍ଥାନୀୟ କଚେରି ସ୍ଥିତ ଜିଲା ଜୁଡୋ ହଲଠାରେ ଗୁରୁବାର ରାତି ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଲୋକସଭା ସାଂସଦ ପ୍ରତିନିଧି ନାଉରି ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀତାକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କୁସ୍ତିରେ ବିଜୟୀ ପ୍ରତିଯୋଗୀମାନଙ୍କୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିରେ ୩୪ ଜଣ ପ୍ରତିଯୋଗୀ ବିଜୟ ଲାଭ କରି ଆସନ୍ତା ୧୯ ଓ ୨୦ ତାରିଖ କଟକ ସ୍ଥିତ ବାରବାଟି ଷ୍ଟାଡିୟମଠାରେ ହେବାକୁ ଥିବା ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପ୍ରତିଯୋଗିତାକୁ ପୁଷ୍ପାଞ୍ଜଳି ସାହୁ ପରିଚାଳନା କରିଥିବା ବେଳେ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ବିଚାରକ କାର୍ଯ୍ୟ ସମ୍ପାଦନ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଆଶିଷ କୁମାର ସାହୁ ଓ ତମନ୍ନା ଗୋପ ବିବେଚିତ ହୋଇ ସମ୍ମାନିତ ହୋଇଥିଲେ। ବୈଷ୍ଣବୀ ପଟ୍ଟନାୟକ, କିଞ୍ଜଲ ଅଗ୍ରୱାଲ, ଅବଦୁଲ ଫରହାନ ଅଜିଜ, ସମୀର ବେହେରା, ଦୀପେଶ ଦାଶ, ନାନୁ କେୱଟ, ଭାରତୀ ଟଣ୍ଡନ, ଆଶିଷ କୁମାର ସାହୁ, ଲିଙ୍ଗରାଜ ମାଝୀ, ନିତୁ କେୱଟ, ପ୍ରତ୍ୟୁଷମାନ ଗୁରୁଙ୍ଗ, ଆର୍ଯ୍ୟନ ଦେବ ସାହା, ସ୍ନିଗ୍ଧା ରାନୀ ଭାଜି, ହର୍ଷବର୍ଦ୍ଧନ କର୍ଣ୍ଣ, ଏମ ସୟଦ, ସୋୟମ ଦେହେରୀ, ସୁମିତ ମହାନନ୍ଦ, ଭାଗ୍ୟଶ୍ରୀ ସାହୁ, ଯମୁନା ମିର୍ଦ୍ଧା ପ୍ରୀତି ମିର୍ଦ୍ଧା, ନନ୍ଦିନୀ ମାଝି, ଜିଶାନ ଅହମ୍ମଦ, ଯଶମିତ କୌର, ଶୁଭଶ୍ରୀ ମେହେର, ବିଦ୍ୟାଧର ବାଦୀ, ପ୍ରଣବ ସାହୁ, ବିଦ୍ୟାଶ୍ରୀ ଦାସ, ତେଜଲ ତ୍ରିପାଠୀ ଓ ତପସ୍ୱିନୀ ପଟେଲ କୃତିତ୍ୱ ହାସଲ କରିଥିଲେ । ସମ୍ମାନିତ ଅତିଥି ଭାବେ ଲଜପତ ରାୟ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟାନନ୍ଦ ବେହେରା, ଡାକ୍ତର ପ୍ରତ୍ୟୁଷ ରଞ୍ଜନ ବିଶି, ଡ. ସରୋଜ ପଧାନ, ଡ. ପିତାମ୍ବର ବେହେରା ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ପ୍ରଶିକ୍ଷକ ସ୍ୱାଗତ କୁମାର ଘଡାଇ, ସଞ୍ଜିବ ପଟ୍ଟନାୟକ, ସ୍ନିଗ୍ଧା ଭାଜି ଓ ଲକ୍ଷ୍ମଣ କୁମାର ମେହେର, ଜି ମେହେର ପ୍ରମୁଖ ସହଯୋଗ କରିଥିଲେ ।



ସମ୍ବଲପୁର ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ଅତିଥି ଓ ପ୍ରତିଯୋଗୀମାନେ।

### ଆଶିଷ କୁମାର ସାହୁ ଓ ତମନ୍ନା ଗୋପ ଶ୍ରେଷ୍ଠ ଖେଳାଳି

# ବିର୍ସା ମୁଣ୍ଡାଙ୍କ ତ୍ୟାଗପୂତ ଜୀବନୀ ଅନୁକରଣୀୟ

**୧୫୦ତମ ଜୟନ୍ତୀରେ ସ୍ମୃତିଚାରଣ**

ରାଉରକେଲା,୧୫।୧୧(ବିପ୍ଲବ ରଞ୍ଜନ ଦାଶ)



ବିଶ୍ରା ଛକସ୍ଥିତ ବିର୍ସା ମୁଣ୍ଡା ସ୍ମାରକୀ ସମ୍ମୁଖରେ ଅତିଥିଗଣ।

ଇଂରେଜମାନଙ୍କ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ଖୁଣ୍ଟକାଟି ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସଂଗ୍ରାମ କରିଥିବା ୨୫ ବର୍ଷୀୟ ବିର୍ସା ମୁଣ୍ଡା ଆଦିବାସୀମାନଙ୍କ ଭଗବାନ ଭାବେ ପୂଜିତ ହେବା ଅତ୍ୟନ୍ତ ସୌଭାଗ୍ୟର ବିଷୟ। ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ପକ୍ଷରୁ ଆୟୋଜିତ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଉରକେଲା ଇସ୍ପାତ କାରଖାନା ନିର୍ଦ୍ଦେଶକ ଅତନୁ ଭୌମିକ ଏହା ମତବ୍ୟକ୍ତ କରିଛନ୍ତି। ସେହିପରି ଆଭାସୀ ମାଧମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିର୍ସା ମୁଣ୍ଡାଙ୍କ ବିରତ୍ୱ ଓ ସଂଗ୍ରାମୀ ଜୀବନୀକୁ ଆହୁରି ଆଦୃତ କରିବା ପାଇଁ ସହରରେ ୧୫୦ ଫୁଟ୍‌ର ପ୍ରତିମୂର୍ତ୍ତି ସ୍ଥାପନ ନିଷ୍ପତ୍ତି ଆଦିବାସୀ ସମ୍ପ୍ରଦାୟକୁ ଉତ୍ସାହିତ କରିଛି ବୋଲି କହିଥିଲେ। ଷ୍ଟାଚ୍ୟୁ କମିଟିର ସମ୍ପାଦକ ପ୍ରଫେସର ବିଜୟ କୁମାର ଟପ୍ପୋ ସ୍ୱାଗତ ଭାଷଣ ପ୍ରଦାନ କରି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡାଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କମିଟିର ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥି ଭାବେ ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ତ୍ୟାଗପୁତ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀ ବିର୍ସା ମୁଣ୍ଡାଙ୍କ ଦେଶ ପ୍ରତି ରହିଥିବା ନିଷ୍ଠା, ତ୍ୟାଗ ଓ ବିକଶିତ ଚିନ୍ତାଧାରା ସମାଜ ପାଇଁ ଉଦାହରଣ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆରଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ ତପନ ମିଶ୍ର ତାଙ୍କ ସଂଗ୍ରାମୀ ଜୀବନ ସମ୍ପର୍କରେ ଆଲୋକପାତ କରି ମାତ୍ର ୨୫ ବର୍ଷ ବୟସରେ ବିର୍ସା ମୁଣ୍ଡା ଏକ ଜାତିର ଭଗବାନ ଭାବେ ପୂଜିତ ହେବା କମ୍ କଥା ନୁହଁ ଓ ତାଙ୍କ ଉତ୍ସର୍ଗୀକୃତ ତ୍ୟାଗ ସଦା ସ୍ମରଣୀୟ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସିଜିଏମ ବିଜୟ କୁମାର ଯୋଯୋ ଉପସ୍ଥିତ ଥିଲେ। ବିର୍ସା ମୁଣ୍ଡା ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରବି ଦେହୁରୀ, ପ୍ରଭାତ ମହାପାତ୍ର, ଶଙ୍କର ଓରାମ, ମହାପ୍ରବନ୍ଧକ ଜେ. ପି.ମହାପାତ୍ର, ଉପମହାପ୍ରବନ୍ଧକ ଏସ୍.ଏସ୍. ମହାପାତ୍ର, ଏଜିଏମ୍ ପୁରୁଷୋତ୍ତମ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କା, ଭାଜପା ପାନପୋଷ ମଣ୍ଡଳ ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ଅର୍ବାନ ବ୍ୟାଙ୍କ ସଭାପତି ଦିଲୀପ ମହାପାତ୍ର, ରାଜ୍ୟ ବିଜେଡି ସମ୍ପାଦକ ପ୍ରଶାନ୍ତ ସେଠୀ, ବରିଷ୍ଠ ବିଜେଡି ନେତା ବିରେନ ସେନାପତି ପ୍ରମୁଖ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଉପରେ ଆଧାରିତ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଷ୍ଟାଚ୍ୟୁ କମିଟି ପକ୍ଷରୁ ମାର୍ସିଲ କାଣ୍ଡୁଲାନା, ଡା. ଏମ୍. ସୋରେନ, ମାର୍ଶଲ ପୂର୍ତ୍ତି, ପି. ଏଲ୍. ନାୟକ, ଆଇ. କାଣ୍ଡୁଲାନା, ସୁନିଲ କୁମାର ପଟ୍ଟନାୟକ, ଦେବହରି ଲେଙ୍କା, ପିତାମ୍ବର ହେମ୍ବ୍ରମ, ପ୍ରମୋଦ କୁମାର ବକ୍ସି, ଦୀପକ ରାଉତରାୟ, ଅନିରୁଦ୍ଧ ସ୍ୱାଇଁ, ସିମ୍ପଲ ପୂର୍ତ୍ତି, ଲଳିତ କୁଜୁର ପ୍ରମୁଖ ସହଯୋଗ କରିଥିଲେ। ପ୍ରସନ୍ନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ୱେଷା ଛାତ୍ରାବାସ ପକ୍ଷରୁ ଜନଜାତୀୟ ଗୌରବ ଦିବସ



କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ସହ ଅତିଥିଗଣ।

ରାଉରକେଲା,୧୫।୧୧
(ବିପ୍ଲବ ରଞ୍ଜନ ଦାଶ)

ବୀର ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଉରକେଲା ଉଦିତନଗରସ୍ଥିତ ଅନ୍ୱେଷା ଛାତ୍ରାବାସ ପକ୍ଷରୁ ଜନଜାତୀୟ ଗୌରବ ଦିବସ ଶୁକ୍ରବାର ଛାତ୍ରାବାସ ପରିସରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ରାବାସରେ ରହୁଥିବା ବିଦ୍ୟାର୍ଥୀଙ୍କ ଅଭିଭାବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାନପୋଷ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଗୁରୁ ଯୋଗଦାନ ଦେଇ ଦେଶ, ଜାତି ଓ ଜଙ୍ଗଲରେ ରହୁଥିବା ଜନଜାତି ସମ୍ପ୍ରଦାୟଙ୍କ ଅଧିକାର ସାବ୍ୟସ୍ତ ପାଇଁ ଗୋରା ସିପାହୀମାନଙ୍କ ସହ ଲଢେଇ କରି ବିର୍ସା ମୁଣ୍ଡା ଦେଇଥିବା ପ୍ରାଣବଳିର ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ମିନାକ୍ଷୀ ସାହୁ ଏବଂ କମଳା ଦେହୁରୀ ଯୋଗଦେଇ ଆଦିବାସୀ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶରେ ଅଭିଭାବକମାନଙ୍କ ସହଭାଗିତାର ଦାୟିତ୍ୱବୋଧ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ଏଥିସହିତ ଜନଜାତି ବର୍ଗର ଛାତ୍ରୀଛାତ୍ରମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତ କ୍ଷେତ୍ରରେ ରହିଥିବା ସରକାରୀ ଯୋଜନା ଉପସ୍ଥାପନା କରିଥିଲେ। ଶେଷରେ ଛାତ୍ରାବାସ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ ହୋଇଥିଲା। ପରେ ଛାତ୍ରାବାସର ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୱେଷା ଛାତ୍ରାବାସର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ କୁମାର ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଦୁର୍ବ୍ୟବହାର କରି ଯୁବକ ଗିରଫ

ରାଉରକେଲା,୧୫।୧୧(ଦିନେଶ ମିଶ୍ର)

ଜଣେ ଯୁବତୀଙ୍କୁ ସୋସିଆଲ ମିଡିଆରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗରେ ବନ୍ଧମୁଣ୍ଡା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଭିଜିତ ଏଲିୟାସ ରାଜା ମଜୁନଦାର(୩୬)। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୧୩/୨୪) ରୁଜୁ କରିଛି। ସୂଚନା ଅନୁସାରେ, ବନ୍ଧମୁଣ୍ଡାସ୍ଥିତ ସେକ୍ଟର-ସିର ଅଭିଯୁକ୍ତ ରାଜା ସିଭିଲଟାଉନଶିପ୍ ଅଞ୍ଚଳରେ ଥିବା ଏକ ଘରୋଇ କମ୍ପାନୀରେ ହିସାବ ରକ୍ଷକ ଭାବେ କାମ କରନ୍ତି। ଗତ ୩ ବର୍ଷ ତଳେ ରାଜା ବନ୍ଧମୁଣ୍ଡା ଅଞ୍ଚଳର ଜଣେ ଯୁବତୀଙ୍କୁ ତାଙ୍କ ପ୍ରେମ ଜାଲରେ ଫସାଇଥିଲେ। ପରେ ଯୁବତୀ ଜଣଙ୍କ ଅନ୍ୟ ଜଣେ ଯୁବକଙ୍କୁ ବିବାହ କରିବାରୁ ରାଜା ଉକ୍ତ ଯୁବତୀଙ୍କୁ ସୋଶିଆଲ ମିଡ଼ିଆରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ସ୍ୱାମୀ ଓ ଭାଇଙ୍କୁ ମାରିଦେବାକୁ ଧମକ ଦେଉଥିଲେ। ପରେ ଯୁବତୀଙ୍କ ଭାଇ ବନ୍ଧମୁଣ୍ଡା ଥାନାରେ ଏ ନେଇ ଅଭିଯୋଗ କରିଥିଲେ।





ବେଦବ୍ୟାସରେ ବୋଇତକୁ ଶୋଭାଯାତ୍ରାରେ ନିଆଯାଉଛି (ବାମ)। ମହିଳାମାନେ ଶୋଭାଯାତ୍ରାରେ ବୈକୁଣ୍ଠ ଘାଟକୁ ଯାଉଛନ୍ତି।

# ବୋଇତ ବନ୍ଦାଣ ଉତ୍ସବ ସମ୍ପନ୍ନ

ରାଉରକେଲା,୧୫।୧୧(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସଂସ୍କୃତି ଜାଗରଣ ସଙ୍ଗଠନ ପକ୍ଷରୁ ଶୁକ୍ରବାର ବେଦବ୍ୟାସରେ ୧୬ତମ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ସମାଜସେବୀ ଆକୁଳି ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ ଡ. ହିରଣ୍ମୟୀ ଲୁଗୁନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ସହିତ ଦକ୍ଷିଣ-ପୂର୍ବ ଏସିଆରେ କଳିଙ୍ଗ ସାମ୍ରାଜ୍ୟର ସଂସ୍କୃତି ଉପରେ ଐତିହାସିକ ତଥ୍ୟାବଳୀ ଉପସ୍ଥାପନ କରିଥିଲେ। ରାଜେଶ କୁମାର ଅଗ୍ରୱାଲ, ଦିଲୀପ ମିଶ୍ର, ଉମାଶଙ୍କର ତିୱାରୀ, ରାମଚନ୍ଦ୍ର ସାହୁ, ଚନ୍ଦନ ବେହେରା ଓ ବାଳ ଗୋବିନ୍ଦ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୋଇତ ବନ୍ଦାଣର ଐତିହ୍ୟ, ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସୁସଜ୍ଜିତ ବୋଇତକୁ ପୂଜାର୍ଚ୍ଚନା କରି ଭସାଯାଇଥିଲା। ବେଦବ୍ୟାସ ସଂସ୍କୃତ କଲେଜ ଅଧକ୍ଷ ଡ. ଉମାକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଉତ୍କଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭୋର୍ ୫ଟା ସମୟରେ ଅନୁଷ୍ଠାନର କର୍ମକର୍ତ୍ତା ତଥା ମହିଳା ପୁରୁଷମାନେ ଏକ ସୁସଜ୍ଜିତ ବୋଇତକୁ ଶୋଭାଯାତ୍ରାରେ କୋଏଲ ନଗର ବୈକୁଣ୍ଠ ଘାଟକୁ ନେଇଥିଲେ। ସେଠାରେ ପୂଜାର୍ଚ୍ଚନା କରି ଭସାଇଥିଲେ। ଅନୁଷ୍ଠାନର ଅଧକ୍ଷ ସୁନୀଲ କୟାଲ, ସଭାପତି ରଶ୍ମିତ ସାହାଣୀ ଓ ସାଧାରଣ ସମ୍ପାଦକ ଶଙ୍କର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଦ୍ୱିଦିବସୀୟ ବିଜ୍ଞାନ, କଳା ଉତ୍ସବ ପାଳିତ

ରାଉରକେଲା,୧୫।୧୧(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ଦ୍ୱିଦିବସୀୟ ବିଜ୍ଞାନ ଓ କଳା ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବିଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନୀଳଶୈଳ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ. ପି. କେ. ନନ୍ଦ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ଦିଲ୍ଲୀ ପବ୍ଲିକ ସ୍କୁଲର ପ୍ରାକ୍ତନ ଭାରପ୍ରାପ୍ତ ଅଧ୍ୟକ୍ଷା ଡକ୍ଟର ଶାନ୍ତା ମଜୁମଦାର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଆର୍ଟ ଏଣ୍ଡ କ୍ରାଫ୍ଟ ବିଭାଗରେ ପ୍ରାୟ ୩ ହଜାର, ବିଜ୍ଞାନରେ ୧୪୩, ଗଣିତରେ ୧୪୦, କୃତ୍ରିମ ବୁଦ୍ଧିମତାରେ ୧୭ ଓ ଇତିହାସ ଭୂଗୋଳରେ ୪୭, ସାଲାଡ ଓ ପୁଷ୍ପ ପ୍ରଦର୍ଶନୀରେ ୪୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ବିଚାରକ ଭାବେ ଅର୍ଦ୍ଧେନ୍ଦୁ ଷଡଙ୍ଗୀ, ଅରବିନ୍ଦ ଦାସ, ଡକ୍ଟର ଦୀପକ ଦାସ, ଭାସ୍କର ରାଉତ, ସୁରେନ୍ଦ୍ର ଲେଙ୍କା, ଅମିତ ମିଶ୍ର ପ୍ରମୁଖ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଶିକ୍ଷୟିତ୍ରୀ ରୀନା ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ, ସମ୍ପାଦକ ରମାକାନ୍ତ ପଣ୍ଡା, ଆଲୋକ ରଞ୍ଜନ ମଲ୍ଲିକ, ସୁବ୍ରତ ମହାପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-43-24

କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ସ୍ଥିତ ଜିଲ୍ଲା ପ୍ରଶିକ୍ଷଣ ଏବଂ କ୍ୟାମ୍ପିଙ୍ଗ୍ କମ୍ପ୍ଲେକ୍ସ, ପୂର୍ବ ତଟ ରେଳପଥ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସରେ ସମ୍ମିଳନୀ ହଲ ଏବଂ ସେବା ଭବନ ଗୁଡ଼ିକର ନିର୍ମାଣ ସମ୍ବନ୍ଧୀୟ ବିଦ୍ୟୁତୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 30,33,383.99, EMD (ଟଙ୍କାରେ): 60,700/-, ଶେଷ ହେବା ଅବଧି: 03 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.04.12.2024 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G)/ ଖୋର୍ଦ୍ଧା ରୋଡ଼
PR-727/P/24-25

# ୧୮ରୁ ଶିଶୁ ମହୋତ୍ସବ

ରାଉରକେଲା,୧୫।୧୧(ଦିନେଶ ମିଶ୍ର)

ଆରଏସ୍‌ପି ଆନୁକୂଲ୍ୟରେ ସ୍ପନ୍ଦନ ଓ ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ସହଯୋଗରେ ଆସନ୍ତା ୧୮ ଓ ୧୯ ତାରିଖ ଦୁଇଦିନ ଧରି ୧୯ତମ ଶିଶୁ ମହୋତ୍ସବ ସିଭିକ୍ ସେଣ୍ଟରେ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଶିଶୁମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହାର ଉଦ୍ଦେଶ୍ୟ ବୋଲି ସ୍ପନ୍ଦନର ସାଧାରଣ ସମ୍ପାଦକ ସମର ମୁଦୁଲି କହିଛନ୍ତି।

**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 23/2024-25/9774 Date : 12.11.2024

**NOTICE INVITING TENDER - 24/2024-25**

No. CAD-1604 : Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed firms/Printers having minimum 03 (three) years experience of printing and supply of Calendars for PSUs/Govt. Departments/ autonomous bodies for the work as mentioned below.

| Description of Services | Cost of tender papers (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|
| Printing & Supply of OHPC Wall Calandar - 2025 | 2360.00 (Rs. 2000.00 + GST @ 18%) | 4,000.00 |

For details of the tender documents, terms & conditions please visit our website www.ohpcltd.com from 19.11.2024

OIPR-04012/11/0019/2425 C&P Head

# ଶିଶୁ ଦିବସରେ ୪୦ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ରାଉରକେଲା,୧୫।୧୧(ସଙ୍ଗୀତା ଜେନା)



ରାଉରକେଲାର ସାଇ ଟ୍ୟୁଟୋରିଆଲରେ ଶିଶୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗତ ଯୁକ୍ତ ୨ ପରୀକ୍ଷାରେ କୃତୀ ବିଦ୍ୟାର୍ଥୀଙ୍କୁ ପ୍ରଗତି ପତ୍ର ସହ ମେଡାଲ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୪୦ ବିଦ୍ୟାର୍ଥୀ ପୁରସ୍କୃତ ହୋଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଉତ୍ତମ କୁମାର ବେହେରା, ସମସ୍ତ ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାସହିତ ଗତ ଯୁକ୍ତ ୨ ପରୀକ୍ଷାରେ କୃତୀ ବିଦ୍ୟାର୍ଥୀଙ୍କୁ ପ୍ରଗତି ପତ୍ର ସହ ମେଡାଲ ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିବା ୪୦ ବିଦ୍ୟାର୍ଥୀ ଅନୁଷ୍ଠାନ ର ଅଧ୍ୟାପକ ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଶେଷରେ ଅନୁଷ୍ଠାନର ମୁଖ୍ୟ ପିଲାମାନଙ୍କୁ ଉତ୍ତମ ଭବିଷ୍ୟତ ଗଠନ ଏବଂ ପିତାମାତାଙ୍କ ଆଦେଶ ମାନିବା ପାଇଁ ଉପଦେଶ ଦେଇଥିଲେ। ଯୁକ୍ତ ୨ ଏବଂ ଯୁକ୍ତ ୩ର କଳା, ବାଣିଜ୍ୟ ଏବଂ ବିଜ୍ଞାନ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁସ୍ତକ ଆଦାନପ୍ରଦାନ ବଡ଼ସାନପଣିଆକୁ ଦୂର କରିବ

**ପୁସ୍ତକ ଆଦାନ ପ୍ରଦାନ ଦିବସ ପାଳିତ**

ରାଉରକେଲା,୧୫।୧୧(ଦିନେଶ ମିଶ୍ର)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ବାସନ୍ତୀ କଲୋନୀ ସ୍ଥିତ ଯୁବବାର୍ତ୍ତା କାର୍ଯ୍ୟାଳୟ ପରିସରରେ ଶିଳ୍ପାଞ୍ଚଳ ଲେଖକ ସମାଜ ପକ୍ଷରୁ ପୁସ୍ତକ ଆଦାନପ୍ରଦାନ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅଧ୍ୟାପିକା ଶାନ୍ତି ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୁସ୍ତକ ଆଦାନପ୍ରଦାନ ହିଁ ସାହିତ୍ୟ ସ୍ରଷ୍ଟାଙ୍କଠାରେ ପରିଲକ୍ଷିତ ବଡ଼ସାନପଣିଆକୁ ଦୂର କରିପାରିବ ଓ ସମାଜର ସାହିତ୍ୟ ପ୍ରତି ସ୍ନେହ ବୃଦ୍ଧି କରିବ ବୋଲି ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ କବି ତ୍ରିନାଥ ସିଂ ଏହାକୁ ଅଭିନବ ପ୍ରୟୋଗ ଭାବେ ନାମିତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଗୀତିକବି ସମାଜର ସାଧାରଣ ସମ୍ପାଦକ ଭୋଲେଶ୍ୱର ବେହେରା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଶ୍ରୀନାଥ ଚନ୍ଦ୍ର ନାୟକ ଯୋଗଦେଇ ଏଭଳି ମହତ ପ୍ରୟାସ ଯୋଗୁ ପ୍ରତ୍ୟେକ ସାହିତ୍ୟ ସ୍ରଷ୍ଟାଙ୍କ ଅକ୍ଳେଶରେ ଜ୍ଞାନପାଠକ ମିଳିବ ବୋଲି କହିଥିଲେ। ଗାଳ୍ପିକ ସଞ୍ଜୀବ କୁମାର ଭୋଇ, ବ୍ରଜବିହାରୀ ଦାଶ, ସୁଶାନ୍ତ ନାୟକ, ବିଜୟ କୁମାର ସେନାପତି, ମୋହନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ବଳରାମ ଦାଶ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ମିଶ୍ର ଏହି ଦିବସ ପାଳନର ଆଭିମୁଖ୍ୟ ଉପରେ କହିଥିଲେ। ଦେବେନ୍ଦ୍ର କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
E-mail ID : cebuildings_orissa@yahoo.co.in, cebuildings@rediffmail.com, Tel. - (0674)-2391523
No.B-604

**INVITATIONS FOR BIDS (IFB)**

File No. B-I-Home-07/2024 Lr. No. 43566 Dt. 12 Nov. 2024

Invitations for Bids

Bid Identification No. C.E.-CUM-ADDL. SECY. (B)-18/2024-25

| | | | |
|---|---|---|---|
| 1 | The Chief Engineer-cum-Addl. Secretary, Works Dept., Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work **"Construction of 40 Nos. of E-Type Staff Quarters (2 Blocks of S+5) at Baripada" amounting to Rs. 12,10,00,000/- (Approximate)** as detailed below. | | |
| 2 | Nature of work | : | Building Work |
| 3 | No. of work | : | 01 No. |
| 4 | Bid Cost | : | Rs. 10,000/- (Each) |
| 5 | Class of Contractor | : | **'A' / Special Class** |
| 6 | Availability of Bid Documents in the website | : | **From dt. 18.11.2024 to 17.00 Hours of dt. 02.12.2024** |
| 7 | Date of Opening of Bids | : | **Dt. 03.12.2024 at 11:30 A.M.** |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Chief Engineer-cum-Addl. Secretary, Works Dept., Odisha
OIPR-34117/11/0039/2425

# ସୁରୁଚି ବଜାରରେ ଅଗ୍ନିକାଣ୍ଡ

ରାଉରକେଲା,୧୫।୧୧(ଦିନେଶ ମିଶ୍ର)

ରାଉରକେଲା ସିଭିଲଟାଉନଶିପ୍‌ରେ ଥିବା ସୁରୁଚି ବଜାରରେ ଶୁକ୍ରବାର ଅଗ୍ନିକାଣ୍ଡ ଯୋଗୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଛି। ସକାଳ ସାଢେ ୭ଟାରେ ସ୍ଥାନୀୟ ଲୋକେ ବଜାର ଭିତରୁ ଧୂଆଁ ବାହାରୁଥିବା ଦେଖିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ନିଆଁ ଆୟତ୍ତ ନ ହେବାରୁ ଆର୍‌ଏସ୍‌ପି ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିଲେ ମଧ ଶର୍ଟ ସର୍କିଟ୍ ଯୋଗୁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଉଛି।

# ସକାରାତ୍ମକ ଭାବନା ଖୁସି ଦେଇଥାଏ

ରାଉରକେଲା,୧୫।୧୧(ଦିନେଶ ମିଶ୍ର)

ବନ୍ଧମୁଣ୍ଡା ସ୍ଥିତ ରେଲୱେ ଲୋକପାଇଲଟ୍ ଶେଡ୍ ହାଉସ୍ ପ୍ରେକ୍ଷାଳୟରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବନ୍ଧମୁଣ୍ଡା ଶାଖା ପକ୍ଷରୁ ଶୁକ୍ରବାର ବି.କେ ଜ୍ୟୋତି ଦିଦିଙ୍କ ଅଧ୍ୟକ୍ଷତାରେ 'ଖୁସାଲ ଜୀବନ ଜିନେକା କଲା' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରାଜଯୋଗିନୀ ବ୍ରହ୍ମାକୁମାରୀ ସୁନିତା ଦିଦି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବସ୍ତୁବାଦୀ ଦୁନିଆରେ କୌଣସି ବସ୍ତୁ ବା ବ୍ୟକ୍ତିବିଶେଷ କେବେବି ଖୁସି ଦେଇ ପାରିବନାହିଁ। ପ୍ରତ୍ୟେକ ମଣିଷ ନିଜର ଆତ୍ମିକ ସ୍ଥିତିକୁ ପରଖି ମନରେ ସକାରାତ୍ମକ ଭାବନା ଆଣିଲେ ପ୍ରକୃତ ଖୁସି ପାଇଥାଏ ବୋଲି ବି.କେ ସୁନିତା ତାଙ୍କ ବକ୍ତବ୍ୟରେ କହିଥିଲେ। କର୍ମଶାଳାରେ ବନ୍ଧମୁଣ୍ଡା କେନ୍ଦ୍ରର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆରମ୍ଭରେ ଅଞ୍ଜଳି ଦିଦି କର୍ମଶାଳାର ଆଭିମୁଖ୍ୟ କହିଥିଲେ। ଜ୍ୟୋତି ଦିଦି ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟ୍‌ପାଥ୍‌କୁ କବ୍‌ଜା, ଯାତାୟାତରେ ସମସ୍ୟା

ରାଉରକେଲା,୧୫।୧୧(ବିପ୍ଲବ ରଞ୍ଜନ ଦାଶ)



ମହତାବ ମୁଖ୍ୟରାସ୍ତା ପାର୍ଶ୍ୱ ଫୁଟ୍‌ପାଥ୍‌ରେ ଲୁଗାପଟା ଶୁଖାଯାଇଛି।

ସ୍ମାର୍ଟସିଟି ରାଉରକେଲାର ପ୍ରାୟ ସମସ୍ତ ମୁଖ୍ୟରାସ୍ତା ପାର୍ଶ୍ୱ ଫୁଟ୍‌ପାଥ୍‌ରେ ଯାତାୟାତ ପାଇଁ ପଥଚାରୀଙ୍କ ପାଇଁ ଜାଗା ନାହିଁ। ଫଳରେ ସେମାନେ ରାସ୍ତା ଉପରେ ଯିବାଆସିବା କରୁଥିବାବେଳେ ଅଧିକାଂଶ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ଫୁଟ୍‌ପାଥ୍‌କୁ କେଉଁଠି ସ୍ଥାନୀୟ ବାସିନ୍ଦା ତ ଆଉ କେଉଁଠି ବ୍ୟବସାୟୀମାନେ କବ୍‌ଜା କରି ରଖିଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ରାଉରକେଲା ମହତାବ ରୋଡ୍‌ର ଉଭୟ ପାର୍ଶ୍ୱରେ ଥିବା ଫୁଟ୍‌ପାଥ୍‌ରେ ଏଭଳି ଦେଖିବାକୁ ମିଳିଛି।

ମହତାବ ରୋଡ୍ ଫୁଟ୍‌ପାଥ୍‌କୁ ସ୍ଥାନୀୟ ଲୋକମାନେ ଅକ୍ତିଆର କରି ନିଜ ଦୋକାନ ସାମଗ୍ରୀ ରଖିବା ସହ ଲୁଗାପଟା ମଧ ଶୁଖାଉଛନ୍ତି। କେବଳ ଯେ ମହତାବ ରୋଡ୍ ନୁହେଁ ସହରର ଅଧିକାଂଶ ମୁଖ୍ୟରାସ୍ତା ଉଭୟ ପାର୍ଶ୍ୱରେ ଥିବା ଫୁଟ୍‌ପାଥ୍‌କୁ ଏଭଳି କବ୍‌ଜା କରି ରଖାଯାଇଛି। ଯାହାର ପ୍ରଭାବ ସିଧାସଳଖ ସାଧାରଣ ପଥଚାରୀ ଓ ଟ୍ରାଫିକ୍ ବ୍ୟବସ୍ଥା ଉପରେ ପଡ଼ୁଛି। ସାଧାରଣ ପଥଚାରୀମାନେ ଫୁଟ୍‌ପାଥ୍‌ରେ ନ ଯାଇ ମୁଖ୍ୟ ରାସ୍ତାରେ ଯାଉଛନ୍ତି। ଫଳରେ ମୁଖ୍ୟରାସ୍ତା ଜନଗହଳି ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ରୋଗୀମାନଙ୍କୁ ଆର୍‌ଜିଏଚ୍‌କୁ ଆମ୍ବୁଲାନ୍ସରେ ନେବା ଆଣିବା କାର୍ଯ୍ୟ ମଧ ପ୍ରଭାବିତ ହେଉଛି। ଏମିତିକି ସହରରେ ବିଭିନ୍ନ ପୂଜାପାର୍ବଣ ତଥା ଶୋଭାଯାତ୍ରା ସମୟରେ ମଧ ବହୁବିଧ ସମସ୍ୟା ସୃଷ୍ଟି ହେଉଛି। ଏଣୁ ତୁରନ୍ତ ସହରର ସମସ୍ତ ଫୁଟ୍‌ପାଥ୍‌କୁ ଜବରଦଖଲ ଉଚ୍ଛେଦ କରାଗଲେ ଯାତାୟାତ ସୁଗମ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ତଥା ସ୍ମାର୍ଟସିଟି ଚେୟାରମ୍ୟାନ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ତୁରନ୍ତ ସହର ସାରା ଫୁଟ୍‌ପାଥଗୁଡ଼ିକରୁ ଜବରଦଖଲ ଉଚ୍ଛେଦ ପାଇଁ ଯୋଜନା ପ୍ରସ୍ତୁତ କରାଯିବ ବୋଲି ସେ କହିଥିଲେ।

**OFFICE OF THE SUPERINTENDING ENGINEER, PORTS & INLAND WATER TRANSPORT, CIVIL DIVISION, NEAR STPI, AMBAPUA, BERHAMPUR-11**
Phone - 0680-2404455/E-mail - ees.piwt@yahoo.in
No.JJ-27

**"e" PROCUREMENT NOTICE**

| Sl. No. | Name of work | Approximate value of work (In Rs.) |
|---|---|---|
| 01 | Construction of Protection wall to the left side of IWT Jetty at Chandbali in Bhadrak District vide Bid Identification No-02/2024-25 | 67,46,320.00 |
| 02 | Construction of Retaining wall for launch lifting Basin (by mechanical crane) near IWT Jetty at Chandbali in Bhadrak District, vide Bid ID No-03/2024-25 | 39,54,662.00 |

| | | | |
|---|---|---|---|
| 03 | No. of Covers | : | **Double cover** |
| 04 | Bid Cost | : | **Rs. 10,000.00 & Rs. 6,000.00** |
| 05 | Period of Completion | : | **03 (Three) Calendar Months** |
| 06 | Date & Time of availability of bid document in the portal | : | **From 18.11.2024 to 02.12.2024 upto 5.00 P.M.** |
| 07 | Last date & time for receipt of bids in the portal | : | **02.12.2024 Up to 5.00 P.M.** |
| 08 | Date of opening of bid document (Cover-I) | : | **03.12.2024 from 12 Noon onwards** |
| 09 | Date of transparent lottery process (If situation arises) | : | **Intimation will be given through online** |
| 10 | Class of Contractor | : | "B" Class Contractor for Sl. No. 01 & "C" & "B" Class Contractor for Sl. No. 02 |
| 11 | Name and address of officer inviting Tender (OIT) | : | **Superintending Engineer, Ports & Inland Water Transport, Civil Division, Berhampur, Pin - 760010, Phone - 0680-2404455, e-Mail - ees.piwt@yahoo.in** |

Further details can be seen from the e-Procurement market place, https//tendersodisha.gov.in. The Addendum / Corrigendum if any will be hosted in the website only.

Sd./- Superintending Engineer
Ports & IWT, Civil Division, Berhampur
OIPR-38041/11/0002/2425

## ସଂକ୍ଷେପରେ

### ଗୁରୁ ନାନକ ଜୟନ୍ତୀ ପାଳିତ

**ବ୍ରଜରାଜନଗର,୧୫।୧୧(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଅନ୍ତର୍ଗତ ବୁଢ଼ୀ ଜାମଠାରେ ଥିବା ଗୁରୁ ଦ୍ୱାରାରେ ଗୁରୁ ନାନକଙ୍କ ଜୟନ୍ତୀ ପାଳନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶିଖମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପରେ ମହିଳାପୁରୁଷମାନେ କୀର୍ତ୍ତନ କରିଥିଲେ। ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଲକା ମହାନ୍ତି ଅତିଥି ଭାବରେ ଯୋଗଦେଇ ଗୁରୁ ନାନକଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଗୁରୁଦ୍ୱାରା ସଭାପତି ଶୁଖ ୱାଣ୍ଟ ସିଂଙ୍କ ସହିତ ଗୁରୁ ଗୋବିନ୍ଦ ସିଂ ନିଶାନ ସିଂ, ବଳଦେବ ସିଂ, ସରବଜିତ ସିଂ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

### ବୀର୍ସା ମୁଣ୍ଡାଙ୍କ ଜୟନ୍ତୀ

**ବ୍ରଜରାଜନଗର,୧୫।୧୧(ବିଜୟ ବରାଡ଼)**

ସ୍ଥାନୀୟ ରାଜପୁର ପଞ୍ଚାୟତ ଆମଦରହଠାରେ ସ୍ୱାଧୀନତା ସଂଗ୍ରାମୀ ବୀର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରାଯାଇଛି। ଅୟୋଜିତ କାର୍ଯ୍ୟକ୍ରମରେ ବୀର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ରାଜପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆମଦରହ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମ ସଭା ଏବଂ ଆଦିବାସୀମାନଙ୍କ ଅଧିକାର ବିଷୟରେ ଆଲୋଚନା କରାଗଲା। ଏଥିରେ ସରପଞ୍ଚ ସରସ୍ୱତୀ ନାଏକଙ୍କ ସହିତ ଜିଲା ପଞ୍ଚାୟତ ଅଧିକାରୀ ଚିନ୍ମୟ ପାଣିଗ୍ରାହୀ, ଗୋଷ୍ଠି ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଭୋଇ, ଅତିରିକ୍ତ କାର୍ଯ୍ୟ ଅଧିକାରୀ ନିବେଦିତା ପଣ୍ଡା, ପିଇଓ ରବିନାରାୟଣ ମେହେର, ୱାର୍ଡମେମ୍ବର ଲିଳି ଖଡିଆ, ସୀତା ମୁଣ୍ଡା, ଏଡିଓ ସୁରେଶ ବୁଢ଼ା, ଏମ୍‌ମିକେ, ସିଆର୍‌ପି, ଯୋଗାଣ ସହଯୋଗ, ଅଙ୍ଗନୱାଡି କର୍ମୀ ଯୋଗଦାନ କରିଥିଲେ।

### ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

**ବ୍ରଜରାଜନଗର,୧୫।୧୧(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଇଟାଭଟାରୁ ଗତମାସ ୧୪ ତାରିଖରୁ ନାବାଳକ ପୁଅ ସହିତ ଫେରାର୍ ହୋଇଥିବା ନାବାଳିକାଙ୍କୁ ଉଦ୍ଧାର କରିଛି ବ୍ରଜରାଜନଗର ପୋଲିସ। ଥାନା ଅଧିକାରୀ ଧବଳେଶର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ଅଭୟ ମହାନ୍ତି ପୁଅର ମୋବାଇଲ ଟ୍ରାକ୍ କରି ବରଗଡ଼ ଜିଲା ଭଟଲିର ଏକ ବସ୍ତିରୁ ଉଦ୍ଧାର କରି ବ୍ରଜରାଜନଗର ଆଣିଥିଲା। ଏଠାରେ ମା'ବାପାଙ୍କ ଉପସ୍ଥିତିରେ ପଚରାଉଚରା ପରେ ଝିଅଙ୍କୁ ପରିବାର ସହିତ ଓ ପୁଅଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଛି।

### କୋଲାବିରା ଅଞ୍ଚଳରେ ୪ ହାତୀଙ୍କ ଉପସ୍ଥିତି



**କୋଲାବିରା,୧୫।୧୧(ଚିନ୍ମୟ କୁମାର ବହିଦାର)**

ଦିନକ ପୂର୍ବରୁ ଏକ ଦନ୍ତା ହାତୀ ବେଡ଼ଁରା ଜଙ୍ଗଲ ପଟୁ କୋଲାବିରା ଅଞ୍ଚଳରେ ପ୍ରବେଶ କରି ମହୁଲମୁଣ୍ଡା ଜଙ୍ଗଲରେ ରହିଥିବାବେଳେ ଶୁକ୍ରବାର ପୁଣି ଆଉ ୩ଟି ହାତୀ ବାଗଡିହି ରେଞ୍ଜ ଅଞ୍ଚଳରୁ କୋଲାବିରାକୁ ପହଞ୍ଚିଛନ୍ତି। ବର୍ତ୍ତମାନ କୋଲାବିରା ଅଞ୍ଚଳରେ ସମୁଦାୟ ୪ଟି ହାତୀଙ୍କ ଉପସ୍ଥିତି ବିଷୟରେ ବନ ବିଭାଗ ପାଖରେ ସୂଚନା ରହିଛି। ହାତୀଙ୍କୁ ଘଉଡାଇବାକୁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଥିବା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଗୋଟିଏ ହାତୀକୁ କୋଲାବିରା ନିକଟସ୍ଥ ଚନ୍ଦନିମାଲ ଗ୍ରାମପଟ ଦେଇ ଘଉଡାଇ ଦିଆଯାଇଛି ଏବଂ ଅନ୍ୟ ଦୁଇଟି ହାତୀଙ୍କୁ ଘଉଡାଇବା ସମୟରେ କୋଲାବିରା ସଂଲଗ୍ନ ସନ୍ୟାସିପାଲି ପତ୍ରା ଜଙ୍ଗଲରେ ପଶିଯାଇଛନ୍ତି। ତେବେ ରାତି ହୋଇଯାଇଥିବାରୁ ହାତୀଙ୍କ ଚାଲିଚଳନ ଠଉରାଯାଇପାରୁନାହିଁ। ଅନ୍ୟ ଏକ ଦନ୍ତା ମହୁଲମୁଣ୍ଡା ଜଙ୍ଗଲରେ ରହିଥିବା ଜଣାପଡିଛି। ଏପର୍ଯ୍ୟନ୍ତ ହାତୀ ଜନିତ କୌଣଷି କ୍ଷୟକ୍ଷତିର ସୂଚନା ମିଳି ନ ଥିବା ବେଳେ ଚାଷ ଅମଳ ସମୟରେ ପାଚିଲା ଧାନ ଖାଇବା ସହିତ ମାଡିଦଳି ନଷ୍ଟ କରିବା ଭୟ ଚାଷୀଙ୍କ ମନରେ ରହୁଛି। ଯଥାଶୀଘ୍ର ଅଞ୍ଚଳରୁ ହାତୀପଲ ଦୂର ସ୍ଥାନକୁ ଘଉଡାଇବାକୁ ଦାବି ହେଉଛି।

# ଜନଜାତୀୟ ଗୌରବ ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି ମନ୍ତ୍ରୀ, ବିଧାୟକ ଏବଂ ଅନ୍ୟମାନେ।

**ଦେବଗଡ଼,୧୫।୧୧(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମଠାରେ ଶୁକ୍ରବାର ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ବରେଣ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଅଧକ୍ଷ ଜିଲା ପରିଷଦ କୋଷିକ କୁମାର ପ୍ରଧାନ, ଏମ୍‌ପିଙ୍କ ନମିନୀ ଯୋଗେଶ ପ୍ରଧାନ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ରହି ଧରିତୀ ଆବା ଭଗବାନ ବୀର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିପ୍ଳବୀ ଶହୀଦ ଆଦିବାସୀ ନେତା ବୀର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସ ଜନଜାତୀୟ ଲୋକମାନେ ତାଙ୍କର ସଂସ୍କୃତି ଏବଂ ଇତିହାସକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପାଳନ କରାଯାଇଥାଏ ବୋଲି ମନ୍ତ୍ରୀ ଓ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଜନଜାତୀୟ ଲୋକମାନଙ୍କୁ ପର୍ବତାରୋହୀ ଶଶୀ ଭୂଷଣ ମାଝି ବ୍ରଜମୋହନପୁର ବଣିଆକିଲିଣ୍ଡା, ଲୋକକଳା ଓ ଲୋକ ସଙ୍ଗୀତରେ ପାରଦର୍ଶୀ ସରସ୍ୱତୀ କିଷାନ ଗୌଡ଼ନାଳି ବାରକୋଟ, ୨୬ଜଣଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା, ୨ଟି ଗ୍ରାମବାସୀଙ୍କୁ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପ୍ରଦାନ, ୭ଜଣଙ୍କୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଓ ଉଦ୍ୟାନ ବିଭାଗ ପକ୍ଷରୁ ୨ଜଣ ହିତାଧିକାରୀଙ୍କୁ ଜଳ ସେଚନ ପାଇଁ ସ୍ପ୍ରିଙ୍କଲର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଜିଲା ଭାଜପା ସଭାପତି ଅରୁଣ ସାହୁ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ପୌର ପରିଷଦ ଉପନଗରପାଳ ପ୍ରଜିତ ଭୋଜ, ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ୩ବ୍ଲକର ଜନଜାତି ସମ୍ପ୍ରଦାୟ ଲୋକମାନେ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିୟ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଆଇଟିଡିଏ ସନ୍ଧ୍ୟା ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ବୀର୍ସା ମୁଣ୍ଡା ସଂଗ୍ରାମୀ କ୍ଲବ, ନେହେରୁ ଯୁବକେନ୍ଦ୍ର ପକ୍ଷରୁ ହକି ଟୁର୍ନାମେଣ୍ଟ

**ଦେବଗଡ଼,୧୫।୧୧(ଶଶାଙ୍କ ଶେଖର ଝାଙ୍କର)**



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

**ଜାତୀୟ ଜନଜାତି ଗୌରବ ଦିବସ ପାଳନ କରାଗଲା**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ଗୁଣ୍ଡିଆପାଲି ଗ୍ରାମପଞ୍ଚାୟତ ବରଡ଼ାତଇଲାଠାରେ ବୀର୍ସା ମୁଣ୍ଡା ସଂଗ୍ରାମୀ କ୍ଲବ୍ ଓ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଚାରି ଦିନ ଧରି ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଜିଏମ କ୍ଲବ୍ ପ୍ରଭାଶୁଣି ଓ ୟୁଥ୍ କ୍ଲବ୍ କଟେଇ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁଥ୍ କ୍ଲବ୍ କଟେଇ ବିଜୟୀ ଲାଭ କରିଥିଲା। ଖେଳ ପରିଚାଳନା ନିମନ୍ତେ ମାର୍ସେଲ ଟୁଟି, ଆନନ୍ଦ ମାସି ଗୁଡ଼ିଆ, ଗସ ନାର ଭେଙ୍ଗେରା, ପ୍ରକାଶ ହେନେ, ଯୋହାନ୍ କେରକେଟା, ଜିୱାନ ଭେଙ୍ଗରା ସହଯୋଗ କରିଥିଲେ। ବୀର୍ସା ମୁଣ୍ଡାଙ୍କ ଜନ୍ମ ଦିନକୁ ଜାତୀୟ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଇଛି। କ୍ଲବ୍ ସଭାପତି ସନ୍ତୋଷ କୁମାର ପାନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବୀର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରକାଶ କୁମାର ଆଚାର୍ଯ୍ୟ, ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ ଯୋଗଦେଇ ବୀର୍ସା ମୁଣ୍ଡାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ଲବ୍ ସମ୍ପାଦକ ଜିଡେନ ସଏ ଧନ୍ୟବାଦ ଅର୍ପଣ କରିଥିଲେ।

## ଓପିଜିସି ଦ୍ୱାରା ଛାତ୍ରୀମାନଙ୍କୁ ସାଇକେଲ ବଣ୍ଟନ

**ଝାରସୁଗୁଡ଼ା,୧୫।୧୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଖନପୁର ପଞ୍ଚାୟତ ସମିତି ଅନ୍ତର୍ଗତ ତିଲିଆ ଗ୍ରାମପଞ୍ଚାୟତ ଅର୍ଜୁନଗୁପ୍ତା ବାଳିକା ଉଚ୍ଚ ବିଦ୍ୟାଳୟ, ପଟାପାଲିର ୩୦ଜଣ ଛାତ୍ରୀଙ୍କୁ ଶିକ୍ଷାର ବିକାଶରେ ସହାୟକ ହେବା ନିମନ୍ତେ ଓଡ଼ିଆ ଶକ୍ତି ଉତ୍ପାଦନ କାରୀ ସଂସ୍ଥା ଦ୍ୱାରା ସାଇକେଲ ବଣ୍ଟନ କରାଯାଇଥିଲା। ଏଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସାଇକେଲ ବଣ୍ଟନ କରିଥିଲେ। ବଣ୍ଟନ କାର୍ଯ୍ୟକ୍ରମରେ ଓପିଜିସିର ପ୍ରବନ୍ଧ ନିର୍ଦ୍ଦେଶକ ମାନସ ରଞ୍ଜନ ରାଉତ ଉପସ୍ଥିତ ଥିଲେ। ଉତ୍ସାହିତ ହୋଇ ଛାତ୍ରୀମାନେ ଭଲ ପାଠ ପଢିବା ସହିତ ନିଜର ବାପାମାଙ୍କ ନାମ ରଖିବା ସହିତ ନିଜ ଜାତି ତଥା ଦେଶର ଟେକ ରଖିବା ପାଇଁ ଉପଦେଶ ଦେଇଥିଲେ। ରାଉତ ସ୍କୁଲର ଉନ୍ନତ ମାନର ଫଳାଫଳ ଯେପରି ଅତି ଉତ୍ତମ ଭାବରେ ଆସିବା ଓ ଏହା ପାଇଁ ଯାହା ସାହାଯ୍ୟ ଦରକାର ଓପିଜିସି ପ୍ରସ୍ତୁତ ଅଛି ବୋଲି କହିଲେ। ମାନବ ସମ୍ବଳ ଓ ପ୍ରଶାସନିକ ମୁଖ୍ୟ ଡ଼ ରତିକାନ୍ତ ଦାସ ତିଲିଆ, ଗ୍ରାମପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳି ପ୍ରଧାନ, ଲଖନପୁର ଗୋଷ୍ଠୀ ଶିକ୍ଷ୍ୟା ଅଧିକାରୀ ସଂଯୁକ୍ତା ପାଟଯୋଷୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟିକେଶ୍ୱର ଜଗତ, ଉଚ୍ଚ ବିଦ୍ୟାଳୟ ସଭାପତି ରଘୁନନ୍ଦନ ପଣ୍ଡା, ହିମାଂଶୁ ଭୂଷଣ ବେହେରା, ରାଜେନ୍ଦ୍ର ସା, ତାପସ କୁମାର ପଣ୍ଡା, ରମିୟାନ ଛତ୍ରିଆ ଓ ବୀରେନ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

## ଫାଇନାଲ୍‌ରେ ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଲ

**ଦେବଗଡ଼,୧୫।୧୧(ଶଶାଙ୍କ ଶେଖର ଝାଙ୍କର)**

**ଆନ୍ତଃ ଜିଲା କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟ**

ଓଡ଼ିଶା କ୍ରିକେଟ୍ ଆସୋସିଏଶନର ନିଷ୍ପତ୍ତିକ୍ରମେ ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତଃ ଜିଲା କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ପଞ୍ଚମ ଦିବସ। ଏହି ଦିନ ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଲ ବନାମ ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଲ ୨ ଉଇକେଟ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରବୀଣ ଟିର୍କୀ ୫୬ ରନ କରିଥିବା ବେଳେ ବୁଢ଼ାପାଲ ଦଳର ରାଜା ବେହେରା ୪, ହରିଚନ୍ଦ୍ର ଭୋଇ ଓ ଓମ୍‌ରାଜ୍ ପ୍ରଧାନ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ବୁଢ଼ାପାଲ ୨୬.୫ ଓଭରରେ ୮ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପପୁ ଘଟୁଆଲ ୪୩ ଓ ରାଜେନ୍ଦ୍ର ପ୍ରଧାନ ୩୧ ରନ କରିଥିବା ବେଳେ ରାଇଜିଂ ଷ୍ଟାର୍ ଦଳର ଶୁଭମ୍ ଦାସ, ରୁଦ୍ର ନାରାୟଣ ଭଞ୍ଜ ଓ ଏସ୍.କେ.ଏମ୍ ନକିବ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ମ୍ୟାଚ ଅମ୍ପାୟର ସଞ୍ଜୟ ନାୟକ ଓ ରାଜା ରାଣା ପରିଚାଳନା କରିଥିଲେ। ସେହିପରି ରୋମି ନାୟକ ଓ ରିତିକ ଦେହୁରୀ ସ୍କୋରର ଏବଂ ବେଣୁଧର ଗଡ଼ନାୟକ ଧାରବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଜିଲା କ୍ରିକେଟ୍ ସଂଘ ସମ୍ପାଦକ ସୁଜିତ୍ କୁମାର ପ୍ରଧାନ, ଅଶୋକ ନନ୍ଦ, ଅଭୟ ନନ୍ଦ, ଅଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ଚତୁର୍ଥ ଦିବସରେ ବାମଣ୍ଡା କ୍ରିକେଟ୍ କ୍ଲବ୍ ବନାମ ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ବାମଣ୍ଡା କ୍ରିକେଟ୍ କ୍ଲବ୍ ୬୩ ରନ୍‌ରେ ବିଜୟୀ ହୋଇଛି। ଶନିବାର ବାମଣ୍ଡା କ୍ରିକେଟ୍ କ୍ଲବ୍ ବନାମ ଦେବଗଡ଼ କ୍ରିକେଟ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ ସଂଘ ପକ୍ଷରୁ ସୂଚନା ମିଳିଛି।

## କୋଲାବିରା ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମା ସମାରରୋହ

**କୋଲାବିରା,୧୫।୧୧(ଚିନ୍ମୟ କୁମାର ବହିଦାର)**

ଝାରସୁଗୁଡ଼ା ଜିଲା କୋଲାବିରା ତଥା ଉପାନ୍ତ ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣୀମାରେ ଶୁକ୍ରବାର ପ୍ରତ୍ୟୁଷରୁ ଶ୍ରଦ୍ଧାଳୁ ତେଲେନ ନଦୀ ତଥା ପୋଖରୀ ଗାଡିଆରେ ବୋଇତ ଭସାଇଥିଲେ। କଦଳି ବାହୁଙ୍ଗାରେ ତିଆରି ଡଙ୍ଗା ନଈରେ ଭସାଇ ପ୍ରଚୀନ ସ୍ମୃତି ଚାରଣ କରିଛନ୍ତି। ଓଡ଼ିଆଙ୍କ ପବିତ୍ର ପର୍ବ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ବହୁ ସ୍ଥଳରେ ପୂଜାଅର୍ଚ୍ଚନା, ଦେବନୀତି, ଭଜନ ସମାରୋହ, ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୋଲାବିରାସ୍ଥିତ ମିଳନ ଛକ ଯାତ୍ରା ମଣ୍ଡପ, କୁଲିଡା ସମାସିଂହା, ରଘୁନାଥପାଲି, ବେଲମୁଣ୍ଡାଠାରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ କୋଲାବିରା



ଗୌରଭକ୍ତ ବୃନ୍ଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବଡବାହାଲ କାର୍ତ୍ତିକେଶ୍ୱର ପୂଜା କମିଟି ଦ୍ୱାରା ରିତେଶ ପଟେଲ, ସୁରଜ ପଟେଲ ଓ ଅନିରୁଦ୍ଧ ନାଏକଙ୍କ ନେତୃତ୍ୱରେ ରାତିତମାମ ସଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବୈଠକ ମିର୍ତନ ସହ ପୂର୍ଣ୍ଣମୀ ସ୍ନାନ ପଶ୍ଚାତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## 'ଅଭିଭାବକ ଆମ ଅଂଶୀଦାର-୨୦୨୪' କାର୍ଯ୍ୟକ୍ରମ

**ଦେବଗଡ଼,୧୫।୧୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ କଂସର ସରକାରୀ ହାଇସ୍କୁଲରେ ଶୁକ୍ରବାର ଧରତୀ ଆବା ଭଗବାନ ବୀର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ 'ଅଭିଭାବକ ଆମ ଅଂଶୀଦାର-୨୦୨୪' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଯାଦବଙ୍କ ଅଧକ୍ଷତା ଓ ଶିକ୍ଷକ ନବୀନ କୁମାର ନନ୍ଦଙ୍କ ପରିଚାଳନାରେ ଆୟୋଜିତ ମୁଖ୍ୟଅତିଥି ଭାବେ କଂସର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ଚିତରଞ୍ଜନ ସାହୁ, ସମ୍ମାନିତ ଅତିଥି କଂସର କ୍ଲଷ୍ଟରର ସିଆର୍‌ସିସି ମହାବୀର ନାୟକ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ଘନଶ୍ୟାମ ପ୍ରଧାନ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ଯାଦବ 'ଅଭିଭାବକ ଆମ ଅଂଶୀଦାର-୨୦୨୪' କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଉପରେ ଅଭିଭାବକମାନଙ୍କୁ ଛାତ୍ରୀଛାତ୍ରମାନଙ୍କ ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବିଦ୍ୟାଳୟ ପରିସରରେ ବିଭିନ୍ନ ବିଭାଗ ପକ୍ଷରୁ ୩ଟି ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ଦାଶ, ରୋହିତ କୁମାର ସାହୁ, ଉଦ୍ଧବ ପ୍ରଧାନ, ଗୌରାଙ୍ଗ ବିଶ୍ୱାଳ, ରାଜୀବ ମହାପାତ୍ର, ଶିକ୍ଷୟିତ୍ରୀ ମଥୁରା ବେହେରା, ସୁନୀତା ଧଳ, ସ୍ମିତାରେଖା ଦାସ, ଜୟଶ୍ରୀ ଦେବତା, ଲିଜା ସାହୁ, ପବିତ୍ର ମୋହନ ବେହେରା, ଦିପ୍ତୀମୟୀ ପଟ୍ଟା, ଭାରତୀ ଧରୁଆ, ରମଣି ବରିହା, ମମତା ନାୟକ ଓ ସୁବାସିନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବାରକୋଟ ବ୍ଲକ ଅନ୍ତର୍ଗତ କାଳିଆପାଳ ଆଶ୍ରମ ବିଦ୍ୟାଳୟରେ ମଧ 'ଅଭିଭାବକ ଆମ ଅଂଶୀଦାର-୨୦୨୪' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ବେହେରାଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ବାରକୋଟ ବ୍ଲକ କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବାରକୋଟ ବନାଞ୍ଚଳ ଅଧିକାରୀ ଚିତ୍ତରଞ୍ଜନ ପୁରୋହିତ, ସାମାଜିକ କର୍ମୀ ମାୟାଧର ଗଡନାୟକ, ବୈସାଖୁ ନାୟକ ଓ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଉତରାୟ ମୁଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦଳଗତ ଆଦିବାସୀ ନୃତ୍ୟ ପରିବେଷିତ ହୋଇଥିଲା। ଶିକ୍ଷକ ଶୁକଦେବ ବାଙ୍କିରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ତପନ କୁମାର ପ୍ରଧାନ, ହରିହର ସାହୁ ଓ ତିରଞ୍ଜନ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।




ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଦେବଗଡ଼ ଜିଲାର ଛାତ୍ରୀଛାତ୍ରଙ୍କ ସଫଳତା



ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ କୃତୀ ଛାତ୍ରୀଛାତ୍ର।

**ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'**

**ଦେବଗଡ଼,୧୫।୧୧(ଶଶାଙ୍କ ଶେଖର ଝାଙ୍କର)**

ଭୁବନେଶ୍ୱର ୟୁନିଟ ୩ କ୍ୟାପିଟାଲ ହାଇସ୍କୁଲଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ଦେବଗଡ ଜିଲାର ୫ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବର୍ଗରେ ସଫଳତା ମିଳିଛି। କନିଷ୍ଠ ବର୍ଗ ଶୃଜନଶିଳ ଲିଖନ ପ୍ରତିଯୋଗିତାରେ ରୋଜାଲିନ ସାହୁ ପ୍ରଥମ, ବରିଷ୍ଠ ବର୍ଗ ଶୃଜନଶୀଳ ଲିଖନ ପ୍ରତିଯୋଗିତାରେ ପ୍ରିୟଦର୍ଶନୀ ସାହୁ ଦ୍ୱିତୀୟ, ବରିଷ୍ଠ ମାଧ୍ୟମିକ ବର୍ଗ ଏଲୋକେସନ ପ୍ରତିଯୋଗିତାରେ ଉର୍ମିଳା ମହାନନ୍ଦ ଦ୍ୱିତୀୟ, ବରିଷ୍ଠ ବର୍ଗ କୁଇଜ ପ୍ରତିଯୋଗିତାରେ ସ୍ୱାଗତ କୁମାର ସାହୁ ତୃତୀୟ ଏବଂ କନିଷ୍ଠ ବର୍ଗ ସଙ୍ଗୀତ ପ୍ରତିଯୋଗିତାରେ ରୋଶନି ରଞ୍ଜିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଶିଶୁ ଦିବସ ଉପଲକ୍ଷେ ଗୁରୁବାର ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ରାତି ପ୍ରାୟ ୮ଟାରେ ଉଦ୍‌ଯାପିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ଆୟୁକ୍ତ ତଥା ଶାସନ ସଚିବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସାଳିନୀ ପଣ୍ଡିତ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଓସେପା ଅନନ୍ୟା ଦାଶ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ଏବଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ କୃତୀ ପ୍ରତିଯୋଗୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-43-24

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ଼ ସ୍ଥିତ ଜିଲ୍ଲା ପ୍ରଶିକ୍ଷଣ ଏବଂ କ୍ୟାମ୍ପିଙ୍ଗ୍ କମ୍ପ୍ଲେକ୍ସ, ପୂର୍ବ ତଟ ରେଳପଥ, ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସରେ ସମ୍ମିଳନୀ ହଲ ଏବଂ ସେବା ଭବନ ଗୁଡ଼ିକର ନିର୍ମାଣ ସମ୍ବନ୍ଧୀୟ ବିଦ୍ୟୁତୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 30,33,383.99, EMD (ଟଙ୍କାରେ): 60,700/-, ଶେଷ ହେବା ଅବଧି: 03 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.04.12.2024 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G)/ ଖୋର୍ଦ୍ଧା ରୋଡ଼

PR-727/P/24-25

**ODISHA HYDRO POWER CORPORATION LTD.**
(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com
No. OHPC : TECH : C&P : 23/2024-25/9774 Date : 12.11.2024

**NOTICE INVITING TENDER - 24/2024-25**

**No. CAD-1604** : Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed firms/Printers having minimum 03 (three) years experience of printing and supply of Calendars for PSUs/Govt. Departments/ autonomous bodies for the work as mentioned below.

| Description of Services | Cost of tender papers (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|
| Printing & Supply of OHPC Wall Calandar - 2025 | 2360.00 (Rs. 2000.00 + GST @ 18%) | 4,000.00 |

**For details of the tender documents, terms & conditions please visit our website www.ohpcltd.com from 19.11.2024**

OIPR-04012/11/0019/2425 C&P Head

**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
E-mail ID : cebuildings_orissa@yahoo.co.in, cebuildings@rediffmail.com, Tel. - (0674)-2391523
No.B-604

**INVITATIONS FOR BIDS (IFB)**

File No. B-I-Home-07/2024 Lr. No. 43566 Dt. 12 Nov. 2024

**Invitations for Bids**

**Bid Identification No. C.E.-CUM-ADDL. SECY. (B)-18/2024-25**

| | | | |
|---|---|---|---|
| 1 | The Chief Engineer-cum-Addl. Secretary, Works Dept., Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work **"Construction of 40 Nos. of E-Type Staff Quarters (2 Blocks of S+5) at Baripada" amounting to Rs. 12,10,00,000/- (Approximate)** as detailed below. | | |
| 2 | Nature of work | : | Building Work |
| 3 | No. of work | : | 01 No. |
| 4 | Bid Cost | : | Rs. 10,000/- (Each) |
| 5 | Class of Contractor | : | **'A' / Special Class** |
| 6 | Availability of Bid Documents in the website | : | **From dt. 18.11.2024 to 17.00 Hours of dt. 02.12.2024** |
| 7 | Date of Opening of Bids | : | **Dt. 03.12.2024 at 11:30 A.M.** |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Sd./- Chief Engineer-cum-Addl. Secretary, Works Dept., Odisha**

OIPR-34117/11/0039/2425

**OFFICE OF THE SUPERINTENDING ENGINEER, PORTS & INLAND WATER TRANSPORT, CIVIL DIVISION, NEAR STPI, AMBAPUA, BERHAMPUR-11**
Phone - 0680-2404455/E-mail - ees.piwt@yahoo.in
No.JJ-27

**"e" PROCUREMENT NOTICE**

| Sl. No. | Name of work | Approximate value of work (In Rs.) |
|---|---|---|
| 01 | Construction of Protection wall to the left side of IWT Jetty at Chandbali in Bhadrak District vide Bid Identification No-02/2024-25 | 67,46,320.00 |
| 02 | Construction of Retaining wall for launch lifting Basin (by mechanical crane) near IWT Jetty at Chandbali in Bhadrak District, vide Bid ID No-03/2024-25 | 39,54,662.00 |

| | | |
|---|---|---|
| 03 | No. of Covers | : **Double cover** |
| 04 | Bid Cost | : **Rs. 10,000.00 & Rs. 6,000.00** |
| 05 | Period of Completion | : **03 (Three) Calendar Months** |
| 06 | Date & Time of availability of bid document in the portal | : **From 18.11.2024 to 02.12.2024 upto 5.00 P.M.** |
| 07 | Last date & time for receipt of bids in the portal | : **02.12.2024 Up to 5.00 P.M.** |
| 08 | Date of opening of bid document (Cover-I) | : **03.12.2024 from 12 Noon onwards** |
| 09 | Date of transparent lottery process (If situation arises) | : **Intimation will be given through online** |
| 10 | Class of Contractor | : **"B"** Class Contractor for Sl. No. 01 & **"C" & "B"** Class Contractor for Sl. No. 02 |
| 11 | Name and address of officer inviting Tender (OIT) | : **Superintending Engineer, Ports & Inland Water Transport, Civil Division, Berhampur, Pin - 760010, Phone - 0680-2404455, e-Mail - ees.piwt@yahoo.in** |

Further details can be seen from the e-Procurement market place, https//tendersodisha.gov.in. The Addendum / Corrigendum if any will be hosted in the website only.

**Sd./- Superintending Engineer Ports & IWT, Civil Division, Berhampur**

OIPR-38041/11/0002/2425

**ପ୍ରଧାନମନ୍ତ୍ରୀଙ୍କ ବିମାନରେ ବୈଷୟିକ ତ୍ରୁଟି** ଝାଡ଼ଖଣ୍ଡର ଦେଓଘରଠାରେ ଶୁକ୍ରବାର ଅପରାହ୍ଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମାନରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ନୂଆଦିଲ୍ଲୀରୁ ଦେଓଘରକୁ ଭାରତୀୟ ବାୟୁସେନାର ଆଉ ଏକ ବିମାନ ପଠାଯାଇଥିଲା। ଫଳରେ ପ୍ରଧାନମନ୍ତ୍ରୀଙ୍କ ଦିଲ୍ଲୀ ଫେରିବା ବିଳମ୍ବିତ ହୋଇଛି।



# ସମୁଦ୍ର ମନ୍ଥନରୁ 'ବିଷ'

## ଗୁଜରାଟ ଜଳପଥରେ ଚାଲାଣ ହେଉଛି ବିପୁଳ ଡ୍ରଗ୍ସ



**ହିନ୍ଦୁଧର୍ମର ପୌରାଣିକ ମତାନୁସାରେ ଦେବତା ଏବଂ ଅସୁରଗଣ ସମୁଦ୍ର ମନ୍ଥନ କରି ଉଭୟ ଅମୃତ ଓ ବିଷ ବାହାର କରିଥିଲେ। ଏହାର ଅନେକ ହଜାର ବର୍ଷ ପରେ ଏବେ ସମୁଦ୍ରରୁ କେବଳ ହଳାହଳ ରୂପକ ନିଷିଦ୍ଧ ନିଶାଦ୍ରବ୍ୟ ବାହାରୁଛି। ବିଶେଷକରି ଗୁଜରାଟ ଉପକୂଳ ଡ୍ରଗ୍ସ ଚାଲାଣକାରୀଙ୍କ ପାଇଁ ସୁଗମ ଜଳପଥ ପାଲଟିଛି। ଶ୍ରୀକୃଷ୍ଣଙ୍କ ବାଲ୍ୟବନ୍ଧୁ ସୁଦାମା ଓ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ମହାତ୍ମା ଗାନ୍ଧୀଙ୍କ ଜନ୍ମସ୍ଥାନ ପୋରବନ୍ଦରକୁ ବିଦେଶରୁ ବିପୁଳ ପରିମାଣର ଡ୍ରଗ୍ସ ଚାଲାଣ ହେଉଛି। ଏହା ଗୁଜରାଟ ପୋଲିସ, ତଟରକ୍ଷୀ ବାହିନୀ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ବିଫଳତାକୁ ପଦାରେ ପକାଇଛି। ନିର୍ଦ୍ଦିଷ୍ଟ ଭାବେ ଗୁଜରାଟ ଉପକୂଳରେ ନିଶାଦ୍ରବ୍ୟ ଚାଲାଣ ବଢ଼ିବାରେ ଲାଗିଥିବାରୁ ଏହାକୁ ଲକ୍ଷ୍ୟକରି ସମାଲୋଚକ ପ୍ରଶ୍ନ କରୁଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜ ରାଜ୍ୟକୁ ଏତେ ଡ୍ରଗ୍ସ କେଉଁଠୁ ଆସୁଛି, ଆଣୁଛି କିଏ?**



ଅପରେଶନ 'ସାଗର ମନ୍ଥନ'ବେଳେ ବୋଟ୍‌ରୁ ଧରାପଡ଼ିଥିବା ଇରାନ ନାଗରିକ।

ନୂଆଦିଲ୍ଲୀ/ଅହମଦାବାଦ,୧୫।୧୧

ଦେଶର ସୁନାମଧନ୍ୟ ନିଶାଦ୍ରବ୍ୟ ନିରୋଧୀ ଏଜେନ୍ସି ଏନ୍‌ସିବି ଶୁକ୍ରବାର ୭୦୦ କେ.ଜି. ମେଥାମ୍ଫେଟାମାଇନ୍ ଜବତ କରିଛି। ମେଥ୍ ବା ମେଥାମ୍ଫେଟାମାଇନ୍ ହେଉଛି ମାନସିକ ସ୍ଥିତି, ଚିନ୍ତାଶକ୍ତି ଓ ଧାରଣାକୁ ପ୍ରଭାବିତ କରୁଥିବା ଏକ ନିଷିଦ୍ଧ ଔଷଧ, ଯାହାକି ଡାକ୍ତରଙ୍କ ବିନା ପ୍ରେସ୍କ୍ରିପ୍‌ଶନ୍‌ରେ ବିକ୍ରି କରାଯାଇ ନ ଥାଏ। ଧଳାରଙ୍ଗର ଏହି ରାସାୟନିକ ପାଉଡର ପାଣି ବା ଆଲ୍‌କୋହଲରେ ସହଜରେ ମିଳେଇଯାଇଥାଏ। ଭାରତୀୟ ଜଳପଥରେ ଏକ ଅଣପଞ୍ଜୀକୃତ ଇରାନୀୟ ବୋଟ୍‌ରୁ ଜବତ କରିଥିବା ଏହି ଡ୍ରଗ୍ସର ଆନୁମାନିକ ମୂଲ୍ୟ ୧,୭୦୦ କୋଟି ଟଙ୍କା ହେବ ବୋଲି ଏନ୍‌ସିବି ଆକଳନ କରିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ବିଶେଷଜ୍ଞଙ୍କ ମତରେ ଅନ୍ତର୍ଜାତୀୟ ବଜାରରେ ଜବତ ଡ୍ରଗ୍ସର ମୂଲ୍ୟ ୧,୪୦୦-୩,୫୦୦ କୋଟି ଟଙ୍କା ହେବ।

ଅପରେଶନ୍ ବେଳେ ୮ ଇରାନୀୟଙ୍କୁ ଗିରଫ କରାଯାଇଛି। ଏନ୍‌ସିବି ଉପମହାନିର୍ଦ୍ଦେଶକ ଜ୍ଞାନେଶ୍ୱର ସିଂ କହିଛନ୍ତି, ଗୋଇନ୍ଦା ସୂଚନା ଆଧାରରେ ଏଜେନ୍ସି ପକ୍ଷରୁ 'ସାଗର ମନ୍ଥନ-୪' ନାମରେ ଏକ ମିଳିତ ଅପରେଶନ୍ କରାଯାଇଥିଲା। ଏଥିରେ ଗୁଜରାଟ ପୋଲିସର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଏବଂ ଭାରତୀୟ ନୌସେନା ସାମିଲ ହୋଇଥିଲା। ଗିରଫ ହୋଇଥିବା ୮ ଅଭିଯୁକ୍ତ ବିନା କୌଣସି ଦସ୍ତାବିଜରେ ଡ୍ରଗ୍ସ ନେଇ ଭାରତୀୟ ଜଳପଥର ଇଣ୍ଟରନ୍ୟାନାଲ ମାରିଟାଇମ୍ ବାଉଣ୍ଡରି ଲାଇନ୍ (ଆଇଏମ୍‌ବିଏଲ୍)ରେ ଅନୁପ୍ରବେଶ କରୁଥିଲେ। ବୋଟ୍‌କୁ ପୋରବନ୍ଦରକୁ ଅଣାଯାଇ ଅଭିଯୁକ୍ତମାନଙ୍କୁ ପଚରାଉଚରା ଚାଲିଛି। ଜେରାବେଳେ ସେମାନେ ଇରାନ୍ ନାଗରିକ ବୋଲି ସ୍ୱୀକାର କରିଛନ୍ତି। ଏହି ଡ୍ରଗ୍ସ କେଉଁଠୁ ଆସିଥିଲା ଏବଂ ନିର୍ଦ୍ଦିଷ୍ଟ ଭାବେ କେଉଁ ସ୍ଥାନକୁ ଯାଉଥିଲା; ପାକିସ୍ତାନ ସହ ଏହାର ସମ୍ପୃକ୍ତି ରହିଛି କି ଏବଂ ଏଥିରୁ ମିଳିବାକୁ ଥିବା ଅର୍ଥକୁ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣରେ ବ୍ୟବହାର କରାଯାଇଥାଆନ୍ତା କି? ଅଧିକାରୀମାନେ ବର୍ତ୍ତମାନ ଏହାର ଉତ୍ତର ଖୋଜିବା ପାଇଁ ତନାଘନା ଚଳାଇଛନ୍ତି।

### ଡ୍ରଗ୍ସମୁକ୍ତ ଭାରତ ପାଇଁ ପ୍ରତିଶ୍ରୁତିବଦ୍ଧ

ବେଆଇନ ଡ୍ରଗ୍ସ ଚାଲାଣ ବିରୋଧରେ ଲଗାତର ଗୋଟିଏ ପରେ ଗୋଟିଏ ସଫଳତା। ଗୋଟିଏ ଦିନରେ ନୂଆଦିଲ୍ଲୀରେ ୮୨.୫୩ କେ.ଜି.ର ହାଇଗ୍ରେଡ୍ କୋକେନ୍ ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୮୦୦ କୋଟି ଟଙ୍କା ହେବ। ଏହା ଡ୍ରଗ୍ସମୁକ୍ତ ଭାରତ ନିର୍ମାଣରେ ମୋଦି ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ସୂଚାଉଛି। ଡ୍ରଗ୍ସ ରାକେଟ ବିରୋଧରେ ଆମ କାର୍ଯ୍ୟାନୁଷ୍ଠାନ ଜାରି ରହିବ। ଏହି ସଫଳତା ପାଇଁ ଏନ୍‌ସିବିକୁ ଅଭିନନ୍ଦନ।

**-ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

- ➡୨୦୨୪ରେ ଆରମ୍ଭ ହୋଇଥିବା 'ସାଗର ମନ୍ଥନ' ଅପରେଶନ୍‌ରେ ଅଦ୍ୟାବଧି ୩,୪୦୦ କେ.ଜି.ର ବିଭିନ୍ନ ପ୍ରକାର ନାର୍କୋଟିକ୍ ଡ୍ରଗ୍ସ ଓ ସାଇକୋଟ୍ରୋପିକ୍ ପଦାର୍ଥ ଜବତ କରାଗଲାଣି। ଚଳିତବର୍ଷ ୩ଟି ମାମଲାରେ ୧୧ ଇରାନୀ ଓ ୧୪ ପାକିସ୍ତାନୀ ଗିରଫ ହୋଇ ଜେଲ ଯାଇଛନ୍ତି।
- ➡ଅକ୍ଟୋବର ୧୩ରେ ଗୁଜରାଟ ଉପକୂଳ ଭାରୁଚ୍ ଜିଲା ଅଙ୍କଲେଶ୍ୱରସ୍ଥିତ ଅବସର ଏଣ୍ଟରପ୍ରାଇଜେସ୍‌ରୁ ୮୧୫ କେଜିର କୋକେନ ଜବତ ହୋଇଥିଲା, ଯାହାର ଆନୁମାନିକ ମୂଲ୍ୟ ୨୫୦ କୋଟି ଟଙ୍କା ହେବ। ରାଜ୍ୟର ଭାଜପା ସରକାର ଏହି ଡ୍ରଗ୍ସ କାରବାର ପାଇଁ ଅନୁମତି ଦେଇଥିବା ସେତେବେଳେ ଗୁଜରାଟ କଂଗ୍ରେସ ନେତ୍ରୀ ମୁମ୍‌ତାଜ ପଟେଲ ଅଭିଯୋଗ ଆଣିଥିଲେ। ଗୁଜରାଟ ଏବେ ଭାରତକୁ ଡ୍ରଗ୍ସର ପ୍ରବେଶପଥ ପାଲଟିଯାଇଥିବା ସେ ସମାଲୋଚନା କରିଥିଲେ।
- ➡ଅକ୍ଟୋବର ୨୦ରେ ଏକ ଅନୁରୂପ ଅପରେଶନ୍ ବେଳେ ଅଙ୍କଲେଶ୍ୱରରେ ଥିବା ଆଭକର ଡ୍ରଗ୍ସ ଲିମିଟେଡ୍‌ରୁ ୪୨୭ କେ.ଜି. (୫,୦୦୦ କୋଟି ଟଙ୍କାର) ଡ୍ରଗ୍ସ ଜବତ ହୋଇଥିଲା।
- ➡ଏପ୍ରିଲ ୨୯ରେ ଭାରତୀୟ ତଟରକ୍ଷା ବାହିନୀ ଏବଂ ଗୁଜରାଟ ଏଟିଏସ୍‌ର ଏକ ମିଳିତ ଟିମ୍ ଗୁଜରାଟ ଉପକୂଳରେ ଚଢ଼ାଉ କରି ଏକ ବୋଟ୍‌ରୁ ୧୭୩ କେ.ଜି. ଡ୍ରଗ୍ସ ଜବତ କରିଥିଲା। ଏହାକୁ ନେଇ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଥିଲେ, ଗୁଜରାଟରେ ପ୍ରଧାନମନ୍ତ୍ରୀଙ୍କ ରାଲି ପୂର୍ବରୁ ଏତେ ପରିମାଣର ଡ୍ରଗ୍ସ ଜବତ ହେବା ଆଶ୍ଚର୍ଯ୍ୟଜନକ। ତାଙ୍କ ରାଜ୍ୟକୁ କିଏ କେଉଁଠୁ ଡ୍ରଗ୍ସ ଚାଲାଣ କରୁଛି ବୋଲି ଜୟରାମ ପ୍ରଶ୍ନ କରିଥିଲେ।
- ➡୨୦୨୧ ସେପ୍ଟେମ୍ବର ୧୩ରେ ଗୁଜରାଟ ଉପକୂଳ ମୁନ୍ଦ୍ରା ପୋର୍ଟରୁ ୩,୦୦୦ କେ.ଜି (୨୦,୦୦୦ କୋଟି ଟଙ୍କା)ର ହେରୋଇନ୍ ଜବତ ହୋଇଥିଲା। ସେତେବେଳେ ମୁନ୍ଦ୍ରା ବନ୍ଦର ପରିଚାଳନାକାରୀ ଆଦାନୀ ପୋର୍ଟ୍ସ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ୍ (ଏପିଏସ୍‌ଇଜେଡ୍) ଇରାନ, ପାକିସ୍ତାନ ଓ ଆଫଗାନିସ୍ତାନରୁ ଆସୁଥିବା କାର୍ଗୋଗୁଡ଼ିକୁ ସେହି ବର୍ଷ ନଭେମ୍ବର ୧୫ରୁ ଆଉ ହ୍ୟାଣ୍ଡଲ କରିବ ନାହିଁ ବୋଲି କହିଥିଲା।
- ➡ଭାରତରୁ ଡ୍ରଗ୍ସ ହଟାଇବା ପାଇଁ କେନ୍ଦ୍ର ସରକାର ଏନ୍‌ସିବିରେ ଗତ ୨ ବର୍ଷରେ ୪୨୫ ପଦବୀ ସୃଷ୍ଟି କରିଥିବାବେଳେ ନିକଟରେ ସୃଷ୍ଟ ଅତିରିକ୍ତ ୧୧୧ ଅଧିକାରୀ ପୋଷ୍ଟ ପାଇଁ ନିଯୁକ୍ତି ଜାରି ରହିଛି।

---

**ସଂକ୍ଷେପରେ**

## ମନ୍ଦିର ଆକ୍ରମଣରେ ସମ୍ପୃକ୍ତ କାନାଡା ପୋଲିସକୁ କ୍ଲିନ୍‌ଚିଟ୍

ନୂଆଦିଲ୍ଲୀ,୧୫।୧୧

କାନାଡାର ବ୍ରାମ୍ପଟନ୍‌ସ୍ଥିତ ହିନ୍ଦୁ ମନ୍ଦିର ଆକ୍ରମଣରେ ଖଲିସ୍ତାନୀ ସମର୍ଥକମାନଙ୍କ ସହ ସାମିଲ ଥିବା ସେଠାର ଜଣେ ପୋଲିସ ଅଫିସରଙ୍କୁ କ୍ଲିନ୍‌ଚିଟ୍ ମିଳିଛି। ଡ୍ୟୁଟିରେ ନ ଥିବା ଅଫିସର ହରିନ୍ଦର ସୋହି ସାଦା ପୋଷାକରେ ଖଲିସ୍ତାନୀ ପତାକା ଧରି ଲୋକଙ୍କୁ ଆକ୍ରମଣ କରିଥିଲେ। ଏହାର ଭିଡିଓ ପ୍ରକାଶ ପାଇବା ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ତେବେ ସେ ବିକ୍ଷୋଭକାରୀଙ୍କୁ ଅଟକାଇବା ସହ ସ୍ଥିତି ସୁଧାରିବା ପାଇଁ ଉଦ୍ୟମ କରୁଥିଲେ କହି କାନାଡାର ପିଲ୍ ରିଜିଅନାଲ୍ ପୋଲିସ୍ ତାଙ୍କୁ ଦୋଷମୁକ୍ତ କରିଦେଇଛି।

## ଶ୍ରୀଲଙ୍କା ନିର୍ବାଚନରେ ଏନ୍‌ପିପିର ବଡ଼ ବିଜୟ



ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ

କଲମ୍ବୋ,୧୫।୧୧(ପି.ଟି.)

ଶ୍ରୀଲଙ୍କା ପାର୍ଲାମେଣ୍ଟ ନିର୍ବାଚନରେ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେଙ୍କ ନ୍ୟାଶନାଲ ପିପୁଲ୍ସ ପାୱାର (ଏନ୍‌ପିପି) ପାର୍ଟି ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଦେଶର ତାମିଲ ସଂଖ୍ୟାଲଘୁମାନଙ୍କ ମୁଖ୍ୟ ଅଞ୍ଚଳ ଜାଫନା ଇଲେକ୍ଟୋରାଲ ଡିଷ୍ଟ୍ରିକ୍ଟରେ ମଧ୍ୟ ଏହି ଦଳ ବଡ଼ ସଫଳତା ହାସଲ କରିଛି। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶିତ ସଦ୍ୟତମ ଫଳାଫଳ ଅନୁଯାୟୀ, ୨୨୫ ଆସନବିଶିଷ୍ଟ ପାର୍ଲାମେଣ୍ଟରେ ଏନ୍‌ପିପି ମେଣ୍ଟକୁ ୧୫୯ ଆସନ ମିଳିଛି। ଏହି ମେଣ୍ଟକୁ ୬.୮ ନିୟୁତରୁ ଅଧିକ ଭୋଟ ଅଥବା ୬୧% ଭୋଟ ମିଳିଛି। ସାଜିଥ୍ ପ୍ରେମଦାସାଙ୍କ ସାମଗି ଜନ ବାଲୱେଗୟା ୪୦ ଆସନ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଇଲାଙ୍କାଇ ତାମିଲ ଆରସୁ କାଡଚିକୁ ୮, ନ୍ୟୁ ଡେମୋକ୍ରାଟିକ୍ ଫ୍ରଣ୍ଟକୁ ୫ ଏବଂ ଶ୍ରୀଲଙ୍କା ପୋଡୁଜନ ପେରାମୁନା ଓ ଶ୍ରୀଲଙ୍କା ମୁସ୍‌ଲିମ୍ କଂଗ୍ରେସକୁ ୩ଟି ଲେଖାଏ ଆସନ ମିଳିଛି।


## ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ଲାଗି ଟ୍ରମ୍ପଙ୍କ ପ୍ରତିଶ୍ରୁତି

ୱାଶିଂଟନ,୧୫।୧୧

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଲୋକମାନଙ୍କ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିଛନ୍ତି। ଏହି ଯୁଦ୍ଧ ବନ୍ଦ କରିବା ଦିଗରେ ତାଙ୍କ ପ୍ରଶାସନ ସର୍ବାଧିକ ଗୁରୁତ୍ୱ ଦେବ ବୋଲି ଟ୍ରମ୍ପ୍ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ପଶ୍ଚିମ ଏସିଆରେ ଶାନ୍ତି ଫେରାଇଆଣିବା ଲାଗି ତାଙ୍କ ପ୍ରଶାସନ କାର୍ଯ୍ୟ କରିବ। ଏଥିପାଇଁ ରୁଷିଆ, ୟୁକ୍ରେନ୍ ଏବଂ ମଧ୍ୟପ୍ରାଚ୍ୟରେ ଆମେ କାର୍ଯ୍ୟ କରିବାକୁ ଯାଉଛୁ ବୋଲି ଗୁରୁବାର ମାର୍-ଏ-ଲାଗୋ ଇଷ୍ଟେଟ୍‌ରେ ଅନୁଷ୍ଠିତ ଆମେରିକା ଫାଷ୍ଟ ପଲିସି ଇନ୍‌ଷ୍ଟିଚ୍ୟୁଟ୍ ଉତ୍ସବରେ ଟ୍ରମ୍ପ୍ କହିଛନ୍ତି।

ଟ୍ରମ୍ପଙ୍କ ପୂର୍ବ ପାଳି ସରକାରରେ ଡେପୁଟି ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିଥିବା ଲିସା କୁର୍ଟିସ୍ କହିଛନ୍ତି, ୟୁକ୍ରେନ୍ ଯୁଦ୍ଧ ଏଭଳି ଭାବେ ବନ୍ଦ ହେବା ଆବଶ୍ୟକ, ଯେପରି ଅନ୍ୟ କୌଣସି ଦେଶ ବେଆଇନ ଭାବେ ପଡୋଶୀ ରାଷ୍ଟ୍ର ଉପରେ ଆକ୍ରମଣ କରିବାକୁ ପ୍ରୋତ୍ସାହିତ ହେବେ ନାହିଁ।

## ଜୁନିୟର କେନେଡି ହେବେ ଆମେରିକା ସ୍ୱାସ୍ଥ୍ୟ ସଚିବ



ରବର୍ଟ ଏଫ୍. କେନେଡି ଜୁନିୟର

ୱାଶିଂଟନ୍,୧୫।୧୧

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ଭାକ୍ସିନ ବିରୋଧୀ ଆକ୍ଟିଭିଷ୍ଟ ରବର୍ଟ ଏଫ୍. କେନେଡି ଜୁନିୟରଙ୍କୁ ଦେଶର ସ୍ୱାସ୍ଥ୍ୟ ସଚିବ ରୂପେ ମନୋନୀତ କରିଛନ୍ତି। କେନେଡିଙ୍କ ଜନସ୍ୱାସ୍ଥ୍ୟ ସମ୍ପର୍କିତ ମତାମତକୁ ବିପଜ୍ଜନକ ମନେକରାଯାଉଥିବାବେଳେ ତାଙ୍କୁ ଡ୍ରଗ୍, ଭାକ୍ସିନ, ଖାଦ୍ୟ ସୁରକ୍ଷା, ଡାକ୍ତରୀ ଗାବେଷଣା ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ଦାୟିତ୍ୱ ଦିଆଯାଇଛି। ଜାନୁଆରୀ ୨୦ରେ ଆରମ୍ଭ ହେବାକୁ ଥିବା ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ପ୍ରାଶାସନରେ ସ୍ୱାସ୍ଥ୍ୟ ଓ ମାନବୀୟ ସେବା ବିଭାଗର ମୁଖ୍ୟ ଭାବେ ସେ କାର୍ଯ୍ୟ କରିବେ। ନିଜ ସୋସିଆଲ ମିଡିଆ ସାଇଟ୍ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ ଏହି ସୂଚନା ଦେଇଛନ୍ତି।

## ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ଅବଦାନକୁ ଉପଯୁକ୍ତ ସ୍ୱୀକୃତି ମିଳିନାହିଁ: ମୋଦି

ଜାମୁଇ,୧୫।୧୧



ଭାରତର ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀମାନଙ୍କ ଅବଦାନକୁ ସ୍ୱୀକୃତି ଦେବାର ପୂର୍ବର କଂଗ୍ରେସ ନେତୃତ୍ୱାଧୀନ ସରକାର ବିଫଳ ହୋଇଥିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସମାଲୋଚନା କରିଛନ୍ତି। ସମସ୍ତ ଶ୍ରେୟ ଗୋଟିଏ ଦଳ ଏବଂ ଗୋଟିଏ ପରିବାରକୁ ଦେବା ପାଇଁ ଉଦ୍ୟମ ହୋଇଥିଲା ବୋଲି ମୋଦି କହିଛନ୍ତି। ଯଦି ଗୋଟିଏ ପରିବାର ଯୋଗୁ ଦେଶକୁ ସ୍ୱାଧୀନତା ମିଳିଥିଲା ତେବେ ବିର୍ସା ମୁଣ୍ଡା 'ଉଲ୍‌ଗୁଲାନ' ଆନ୍ଦୋଳନ ଆରମ୍ଭ କରିଥିଲେ କ'ଣ ପାଇଁ। ସ୍ୱାଧୀନତା ଲଢ଼େଇରେ ବହୁ ଆଦିବାସୀ ନେତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲେ ମଧ୍ୟ ସେମାନଙ୍କୁ ପୂର୍ବରୁ ଉପଯୁକ୍ତ ନ୍ୟାୟ ମିଳିନାହିଁ। ଆଦିବାସୀ ନେତା ଭଗବାନ୍ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଆରମ୍ଭ ସ୍ୱରୂପ ଜନଜାତିୟାଁ ଗୌରବ ଦିବସ କାର୍ଯ୍ୟକ୍ରମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଆଦିବାସୀଙ୍କ ଜୀବନ ଧାରଣ ମାନରେ ଉନ୍ନତି ପାଇଁ ତାଙ୍କ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୋଦି କହିଥିଲେ। ସେମାନଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ପ୍ରତିଷ୍ଠା ହେବା ସହ ବଜେଟକୁ ୧.୨୫ ଲକ୍ଷ କୋଟି ଟଙ୍କା କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ପାର୍ଟିରୁ ଫେରୁଥିବା ୬ ସାଙ୍ଗଙ୍କ ବୀଭତ୍ସ ମୃତ୍ୟୁ

**ଭିଡିଓରେ ଡେରାଡୁନ୍ ଦୁର୍ଘଟଣାର ଭୟଙ୍କର ଦୃଶ୍ୟ**

ଡେରାଡୁନ୍,୧୫।୧୧



ଉତ୍ତରାଖଣ୍ଡର ଡେରାଡୁନ୍‌ରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୬ ଜଣ ସାଙ୍ଗଙ୍କ ବୀଭତ୍ସ ମୃତ୍ୟୁ ଘଟିଛି। ଏହି କଲେଜ ଛାତ୍ରୀଛାତ୍ର ଏକ ପାର୍ଟିରୁ ଫେରୁଥିବାବେଳେ ନିଶାରେ ଥିଲେ। ସେମାନଙ୍କ ଇନୋଭା ଏକ ବିଏମ୍‌ଡବ୍ଲ୍ୟୁକୁ ଓଭରଟେକ୍ କରିବା ପାଇଁ ଦ୍ରୁତ ବେଗରେ ଯାଉଥିବାବେଳେ ଟ୍ରକ୍‌କୁ ଧକ୍କା ଦେଇଥିଲା। କାର୍ ସମ୍ପୂର୍ଣ୍ଣ ଚୂର୍‌ମାର ହୋଇଯାଇଥିବାବେଳେ ୬ ଜଣଙ୍କର ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଏତେ ଜୋରଦାର ଥିଲା ଯେ, ମୃତକଙ୍କ ମଧ୍ୟରୁ ୨ ଜଣଙ୍କ ମୁଣ୍ଡ ଶରୀରରୁ ଅଲଗା ହୋଇଯାଇଛି। ଦୁର୍ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମୃତକମାନେ ହେଲେ କୁନାଲ କୁକ୍ରେଜା(୨୩), ଅତୁଲ ଅଗ୍ରୱାଲ(୨୪), ରିଶଭ ଜୈନ(୨୪), ନଭ୍ୟା ଗୋଏଲ (୨୩), କାମାକ୍ଷୀ(୨୦) ଏବଂ ଗୁନୀତ୍ (୧୯)। ଡେରାଡୁନ୍‌ରେ ପାର୍ଟିର ଆୟୋଜନ କରିଥିବା ସିଦ୍ଧାର୍ଥ ଅଗ୍ରୱାଲ(୨୫)ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପୋଲିସ କହିଛି।

## ୯୦% ମହୁରେ ଚିନିଶିରା ଭଳି ସିରପ୍

ଲଣ୍ଡନ,୧୫।୧୧

**ବ୍ରିଟେନ୍ କର୍ତ୍ତୃପକ୍ଷଙ୍କ ଯାଞ୍ଚ୍‌ରୁ ଜଣାପଡ଼ିଲା**



ସୁପରମାର୍କେଟଗୁଡ଼ିକରେ ବିକ୍ରି ହେଉଥିବା ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମହୁ ଭେଜାଲ। ସେଥିରେ ଚିନିଶିରା ଭଳି ଶସ୍ତା ସିରପ୍ ମିଶାଯାଉଛି, ଯାହା ପ୍ରକୃତିର ଅମୃତକୁ ନକଲି କରିଦେଇଛି। ଠକମାନେ ଏଥିରୁ ଲାଭ ଉଠାଉଥିବାବେଳେ ମହୁମାଛି ଚାଷୀ ଏବଂ ଜୈବବିବିଧତାକୁ ମୂଲ୍ୟ ଦେବାକୁ ପଡୁଛି। ଗତ ମାସରେ ହନି ଅଥେଣ୍ଟିସିଟି ନେଟ୍‌ୱର୍କ ଦ୍ୱାରା ମହୁର ଡିଏନ୍‌ଏ ପରୀକ୍ଷା କରାଯାଇଥିଲା। ବ୍ରିଟେନ୍‌ର ବୃହତ୍ ରିଟେଲରମାନେ ବିକ୍ରି କରୁଥିବା ମହୁ ବୋତଲରୁ ୯୦%ରୁ ଅଧିକ ଚିନିଶିରା ଭଳି ସାମଗ୍ରୀରେ ପୂରଣ ହୋଇଥିବା ଜଣାପଡ଼ିଥିଲା। ସ୍ଥାନୀୟ ବ୍ରିଟିଶ ମହୁମାଛି ଚାଷୀଙ୍କଠାରୁ ସଂଗୃହୀତ ସମସ୍ତ ୫ଟି ନମୁନା ସହ ବଜାର ମହୁ ମେଳ ଖାଇ ନଥିଲା।

ବ୍ରିଟେନ୍‌ରେ ବିକ୍ରି ହେଉଥିବା ମହୁ ଅସୁରକ୍ଷିତ ବୋଲି କୌଣସି ପ୍ରମାଣ ନ ଥିବାରୁ ଏଥିରେ ଜାଲିଆତି ସୁବିଧାଜନକ ବୋଲି ଖାଦ୍ୟ ଗୁଣବତ୍ତା ସଂସ୍ଥା (ଏଫ୍‌ଏସ୍‌ଏ) କହିଛି। ମୁଖ୍ୟତଃ ପ୍ରିମିୟମ ଲେବୁଲ କିମ୍ବା ଜଟିଳ ଯୋଗାଣ ଶୃଙ୍ଖଳା ଥିବା ଉତ୍ପାଦଗୁଡ଼ିକ ଠକମାନଙ୍କୁ ଆକର୍ଷିତ କରିଥାଏ। ସେମାନେ ଚାଉଳ, ବିଟ୍ କିମ୍ବା ଅନ୍ୟାନ୍ୟ ଶସ୍ୟରୁ ଶସ୍ତା ସିରପ୍ ପ୍ରସ୍ତୁତ କରି ଏହାକୁ ମହୁରେ ମିଶାଇଥାନ୍ତି। ଏହା ମହୁ ଭଳି ଦେଖାଯାଉଥିଲେ ମଧ୍ୟ ଏଥିରେ ସ୍ୱାଦ, ପୋଷକ ତତ୍ତ୍ୱ ଏବଂ ଅନନ୍ୟ ଏଞ୍ଜାଇମ୍ ନ ଥାଏ। ଅପମିଶ୍ରଣ ଜଣା ନ ପଡ଼ିବା ପାଇଁ ଅତ୍ୟାଧୁନିକ ପଦ୍ଧତି ଆପଣାଯାଇଥାଏ ବୋଲି ବ୍ରିଟିଶ୍ ବି'କିପର୍ସ ଆସୋସିଏଶନ କହିଛି। ପ୍ରକୃତ ମହୁ ଟନ୍ ପ୍ରତି ମୂଲ୍ୟ ୩,୦୦୦ ଡଲାର ହୋଇଥିବାବେଳେ ସିରପ୍ ଦାମ୍ ୫୦୦ ଡଲାର। ସେଥିପାଇଁ ମହୁରେ ଅଧିକ ଅପମିଶ୍ରଣ କରାଯାଉଛି।

**ଫୁର୍‌ସତ୍**

## ଦାଦାଙ୍କ ସହ ମନାନ୍ତର ଡୁଟିଥିବା ଚର୍ଚ୍ଚା



ଅଲ୍ଲୁ ଅର୍ଜୁନ

**ହାଇଦ୍ରାବାଦ:** ଚଳଚ୍ଚିତ୍ର 'ପୁଷ୍ପା ୨: ଦ ରୁଲ୍'କୁ ନେଇ ଚର୍ଚ୍ଚାରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ। ଡିସେମ୍ବର ୫ରେ ଏହା ରିଲିଜ ହେବ। ପ୍ରଶଂସକ ଏନେଇ ଦିନ ଗଣୁଥିବା ବେଳେ ଏବେ ଭିନ୍ନ ଏକ ଘଟଣାକୁ ନେଇ ଅଭିନେତା ଖବରରେ ଅଛନ୍ତି। ତାଙ୍କର ଗୋଟିଏ ବୟାନ ଭାଇରାଲ ହେଉଛି, ଯେଉଁଥିରୁ ଦାଦା ପବନ କଲ୍ୟାଣଙ୍କ ସହ ମନାନ୍ତରରେ ପୂର୍ଣ୍ଣଚ୍ଛେଦ ପଡ଼ିବାର ସଙ୍କେତ ମିଳିଛି। ଦୀର୍ଘଦିନରୁ ଅଲ୍ଲୁ ଅର୍ଜୁନଙ୍କର ଦାଦା ପବନ କଲ୍ୟାଣଙ୍କ ସହ ମନାନ୍ତର ରହି ଆସିଛି। ଲୋକ ସଭା ନିର୍ବାଚନ ସମୟରୁ ବିବାଦ ଆରମ୍ଭ ହୋଇଥିଲା। କାରଣ ଏଥିରେ ଅଭିନେତା ନିଜ ଦାଦାଙ୍କ ବ୍ୟତିରେକ ଅନ୍ୟଜଣେ ପ୍ରାର୍ଥୀଙ୍କୁ ସମର୍ଥନ କରୁଥିଲେ। ହେଲେ ଏବେ ଅଲ୍ଲୁ ତାଙ୍କୁ ନେଇ ଏମିତି କିଛି କହିଦେଇଛନ୍ତି, ଯାହାକି ଚର୍ଚ୍ଚାକୁ ଆସିଛି। ଅନ୍‌ଷ୍ଟପେବୁଲ୍ ଉଇଥ୍ ଏନ୍‌ବିକେ ସିଜନ ୪ ଏପିସୋଡ୍‌ର ହୋଷ୍ଟ ଅଭିନେତାଙ୍କୁ ପବନ କଲ୍ୟାଣଙ୍କ ଫଟୋ ଦେଖାଇ କିଛି କହିବାକୁ କହିଥିଲେ। ଏହାର ଜବାବରେ ଅଲ୍ଲୁ କହିଥିଲେ 'ସେ ହେଉଛନ୍ତି ସମ୍ମାନନୀୟ କଲ୍ୟାଣ ଗୌଡ଼ା। ମୋତେ ତାଙ୍କ ଶକ୍ତି/ସାମର୍ଥ୍ୟ ପସନ୍ଦ। ଯେବେ ତାଙ୍କୁ ବ୍ୟକ୍ତିଗତ ଭାବେ ଦେଖେ ସେତେବେଳେ ତାଙ୍କ ଶୌର୍ଯ୍ୟ ପସନ୍ଦ ଆସିଥାଏ। ସେ ସବୁଠାରୁ ସାହାସୀ ବ୍ୟକ୍ତି ବୋଲି ଅଲ୍ଲୁ କହିଛନ୍ତି। କହିରଖୁଛୁ, ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା ୨'ର ଟ୍ରେଲର ନଭେମ୍ବର ୧୭ରେ ରିଲିଜ ହେବ। ଏହାକୁ ପ୍ରଶଂସକ ଅପେକ୍ଷା କରିଛନ୍ତି। ଟ୍ରେଲର ଲଞ୍ଚ କାର୍ଯ୍ୟକ୍ରମ ଲାଗି ପାଟଣାରେ ଭବ୍ୟ ଆୟୋଜନ କରାଯାଇଛି।

## ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହନଶୀଳତା ଅପରିହାର୍ଯ୍ୟ

**ଅନ୍ତର୍ଜାତୀୟ ସହନଶୀଳତା ଦିବସ**

ସମାଜରେ ସହନଶୀଳତାର ମୂଲ୍ୟ ବିଷୟରେ ସଚେତନତା ପାଇଁ ପ୍ରତିବର୍ଷ ନଭେମ୍ବର ୧୬ରେ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ କରାଯାଉଛି। ଏହାର ଉଦ୍ଦେଶ୍ୟ ଏକ ଅସହିଷ୍ଣୁ ସଂସ୍କୃତିର ନକାରାତ୍ମକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହି ବାର୍ତ୍ତାର ପ୍ରସାର କରିବା। ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହନଶୀଳତା ଅପରିହାର୍ଯ୍ୟ। ସହନଶୀଳତା ଦ୍ୱାରା ସମନ୍ୱୟ ସୃଷ୍ଟି ହୁଏ। ଅସହିଷ୍ଣୁତା ପୃଥିବୀ ପାଇଁ ବିପଦ ସୃଷ୍ଟି କରେ। ତେଣୁ ପୃଥିବୀରେ ଶାନ୍ତିର ମାର୍ଗକୁ ପ୍ରଶସ୍ତ କରିବା ଲାଗି ସହନଶୀଳତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ କରାଯାଉଛି।

ଅସହିଷ୍ଣୁତାର ନକରାତ୍ମକ ଦିଗ ବିଷୟରେ ସଚେତନତା ସୃଷ୍ଟି ଲାଗି ୟୁନେସ୍କୋ ପକ୍ଷରୁ ୧୯୯୫ରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହିତ ନଭେମ୍ବର ୧୬ରେ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ ଲାଗି ନିଷ୍ପତ୍ତି ହୋଇଥିଲା। ୟୁନେସ୍କୋ ଅନୁଯାୟୀ, ସହନଶୀଳତା ଆମ ବିଶ୍ୱର ବିବିଧ ସଂସ୍କୃତିର ସମୃଦ୍ଧିର ଏକ ରୂପ। ଆମର ଅଭିବ୍ୟକ୍ତିର ସ୍ୱରୂପ ଏବଂ ଆମେ ମାନବ ପରସ୍ପରକୁ ସମ୍ମାନ ଦେବା, ବିବିଧତାକୁ ଗ୍ରହଣ କରିବା ସହ ପ୍ରଶଂସା କରିବା।

ଏହି ଦିବସ ଅବସରରେ ଶାନ୍ତି, ସହନଶୀଳତା, ମିଥ୍ୟା ଖବର, ଅନ୍‌ଲାଇନ ସୁରକ୍ଷା ଏବଂ ଘୃଣା ଭଳି ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇ ଏହାର ନିରାକରଣ କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ସହନଶୀଳତାକୁ ଏକ ଉତ୍ତମ ଗୁଣ ଭାବେ ବିବେଚନା କରାଯାଏ। ସହନଶୀଳତା ଦ୍ୱାରା ବିବାଦୀୟ ପ୍ରସଙ୍ଗର ସହଜ ସମାଧାନର ପଥ ସୃଷ୍ଟି ହୋଇଥାଏ। ତେଣୁ ଏହି ଦିବସରେ ସଭିଏଁ ସଚେତନ ହେଲେ ମନରୁ ଅସହିଷ୍ଣୁତା ଦୂର ହୋଇ ସହନଶୀଳ ମନୋଭାବର ପରିପ୍ରକାଶ ସହଜ ହୁଏ।

# ଚନ୍ଦ୍ରଗିରି ବନାଞ୍ଚଳରେ ବାଘ ପାଦଚିହ୍ନ



ମୋହନା, ୧୫।୧୧ (ମନ୍ମଥ ମିଶ୍ର)

ଗଜପତି ଜିଲା ଚନ୍ଦ୍ରଗିରି ବନାଞ୍ଚଳର ଆକିଲି ଅଞ୍ଚଳରେ ବାଘ ଆତଙ୍କ ଦେଖାଦେଇଛି। କିଛିଦିନ ହେଲା ଗଞ୍ଜାମ ଜିଲାର ଦିଗପହଣ୍ଡି ଓ ଟିକିଟି ଅଞ୍ଚଳରେ ମହାବଳ ଆତଙ୍କ ଖେଳାଇବା ସହ ଗୃହପାଳିତ ପଶୁ ମାରି ଖାଇଥିଲା। ଶୁକ୍ରବାର ସକାଳେ ଚନ୍ଦ୍ରଗିରି ବନାଞ୍ଚଳ ଆକିଲି ଫାର୍ମ ନିକଟରୁ ବନ ବିଭାଗ ବାଘ ପାଦଚିହ୍ନ ଠାବ କରିଛି।

ସକାଳ ପ୍ରାୟ ସାଢ଼େ ୫.୩୦ରେ ଆକିଲି ଗାଁର ଜଣେ ଚାଷୀ ନିଜ କୋବି କିଆରିକୁ ଯାଇଥିଲେ। ସେଠାରେ ବାଘ ପାଦଚିହ୍ନ ଦେଖି ଭୟରେ ଗାଁକୁ ଦୌଡ଼ି ପଳାଇ ଆସିଥିଲେ। ଗାଁ ଲୋକେ ଏହା ଜାଣିବା ପରେ ଚନ୍ଦ୍ରଗିରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର ର୍ୟାପିଡ୍ ରେସ୍‌ପନ୍ସ ଟିମ୍ ପହଞ୍ଚି ବାଘର ପାଦ ଚିହ୍ନ ଠାବ କରି ପ୍ଲାଷ୍ଟର ପ୍ୟାରିସରେ ନମୁନା ସଂଗ୍ରହ କରିଛନ୍ତି। ବାଘ ଭୟରେ ଚାଷୀମାନେ ନିଜ ଚାଷ ଜମିକୁ ଯାଇ ପାରୁନାହାନ୍ତି। ପାଣି ନ ପାଇ କୋବି ଗଛ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଯିବା ସହ ବାଘ ଗତିବିଧି ଉପରେ ନଜର ରଖିଥିବା ସୂଚନା ମିଳିଛି।

# ମତ୍ସ୍ୟ, ପ୍ରାଣୀସମ୍ପଦର ବିକାଶ ମାଧ୍ୟମରେ ଚାଷୀଙ୍କ ଆୟବୃଦ୍ଧି ହେବ

## ଅନୁମୋଦିତ ଯୋଜନାକୁ ସ୍ୱାଗତ କଲେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

ଭୁବନେଶ୍ୱର, ୧୫।୧୧ (ବନ୍ଦନା ସେଠୀ)

ରାଜ୍ୟରେ ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିକାଶ ମାଧ୍ୟମରେ ଗ୍ରାମାଞ୍ଚଳ କୃଷକ ତଥା ମତ୍ସ୍ୟଜୀବୀଙ୍କ ଆୟବୃଦ୍ଧି ସହ ଜୀବିକା ନିର୍ବାହରେ ଉନ୍ନତି ହେବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦିତ ଯୋଜନାଗୁଡ଼ିକୁ ସ୍ୱାଗତ ଜଣାଇ ମନ୍ତ୍ରୀ କହିଛନ୍ତି, ପ୍ରାଣୀସମ୍ପଦ ବିକାଶ ଯୋଜନାରେ ଆସନ୍ତା ୫ବର୍ଷ ମଧ୍ୟରେ ୧ହଜାର ୩୧କୋଟି ଟଙ୍କା ବ୍ୟୟ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରାୟ ୩ଲକ୍ଷ ୭୩ହଜାର ୯୨୮ଜଣ ଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପକୃତ ହେବେ। ସେହିପରି ବ୍ରଏଲର, ଲେୟର କୁକୁଡ଼ା ପାଳନ, ବତକ ପାଳନ, ଘର ଅଗଣାରେ କୁକୁଡ଼ା, ବତକ ପାଳନ, କୁକୁଡ଼ା ଦାନା ପ୍ରସ୍ତୁତି କାରଖାନା ଓ କୁକୁଡ଼ା ଚିଆଁ ପାଳନ ୟୁନିଟ୍ ପାଇଁ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏହାବ୍ୟତୀତ 'ଗୋମାତା' ଯୋଜନାରେ ଆସନ୍ତା ୩ବର୍ଷ ମଧ୍ୟରେ ପ୍ରାୟ ୩୪୩କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ୫ବର୍ଷରେ ୨୨୩୯କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ପ୍ରାଣୀସମ୍ପଦ କ୍ଷେତ୍ରରେ ଭିତ୍ତିଭୂମି ବିକାଶ ପାଇଁ ୩ବର୍ଷରେ ୪୪୯ କୋଟି ଟଙ୍କା ଏବଂ ମତ୍ସ୍ୟଚାଷ ଭିତ୍ତିଭୂମି ପାଇଁ ୬୯୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଫଳରେ ରାଜ୍ୟର ମତ୍ସ୍ୟଚାଷୀ, ପ୍ରାଣୀପାଳକ ଓ ସ୍ୱୟଂସହାୟକ ଗୋଷ୍ଠୀ ଯଥେଷ୍ଟ ଉପକୃତ ହେବେ। ରାଜ୍ୟରେ ଅତିରିକ୍ତ ଭାବେ ବାର୍ଷିକ ପ୍ରାୟ ୯୫.୫୮ ହଜାର ମେଟ୍ରିକ୍ ଟନ୍ କୁକୁଡ଼ା ମାଂସ ଉତ୍ପାଦିତ ହେବା ସହିତ ଦୈନିକ ପ୍ରାୟ ୫.୫ ଲକ୍ଷ ଅଧିକ ଅଣ୍ଡା ଉତ୍ପାଦନ ହେବ। 'ଗୋମାତା' ଯୋଜନାରେ ବାର୍ଷିକ ପ୍ରାୟ ୧.୩୦ କୋଟି ପ୍ରାଣୀଙ୍କ ଚିକିତ୍ସା କରାଯାଇପାରିବ। ରାଜ୍ୟର ପ୍ରାଣୀପାଳକମାନେ ଏହି ଯୋଜନାରେ ପ୍ରାଣୀଚିକିତ୍ସା, ଟିକାକରଣ ଓ ପ୍ରାଣୀରୋଗ ନିୟନ୍ତ୍ରଣର ସୁବିଧା ପାଇପାରିବେ। ୧୭ଟି ଉପଯୋଜନା ଥାଇ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାର ସୁଫଳ ପ୍ରାୟ ୧୪ ଲକ୍ଷ ମତ୍ସ୍ୟଜୀବୀଙ୍କୁ ମିଳିବ। ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହିତ ସେମାନଙ୍କ ଆୟ ବୃଦ୍ଧି ହୋଇପାରିବ। ମତ୍ସ୍ୟଚାଷ ଭିତ୍ତିଭୂମି ବିକାଶ ଯୋଜନାରେ ମାଛ ବଜାର, ମାଛ ଅବତରଣ କେନ୍ଦ୍ର, ଜେଟି ଓ ମାଛ ଫାର୍ମର ଭିତ୍ତିଭୂମିଗୁଡ଼ିକର ବିକାଶ ତଥା ନବୀକରଣ ହେବା ଫଳରେ ପ୍ରାୟ ୧୬ଲକ୍ଷ ମତ୍ସ୍ୟଚାଷୀ ଉପକୃତ ହେବେ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସେହିପରି ପ୍ରାଣୀସମ୍ପଦ କ୍ଷେତ୍ରରେ ଭିତ୍ତିଭୂମି ବିକାଶ ଫଳରେ ରାଜ୍ୟରେ ଅଧିକ ପ୍ରାଣୀ ଚିକିତ୍ସାଳୟ, ପ୍ରାଣୀଧନ ସହାୟକ କେନ୍ଦ୍ର ଏବଂ ପ୍ରାଣୀସେବା ଅନୁଷ୍ଠାନଗୁଡ଼ିକର ନୂତନ ନିର୍ମାଣ, ମରାମତି ଓ ନବୀକରଣ କରାଯାଇପାରିବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସୂଚନା ଦେଇଛନ୍ତି।

# ତେଲକୋଇ ବନାଞ୍ଚଳରେ ଛୁଆ ହାତୀ ମୃତ



ମୃତ ଛୁଆ ହାତୀ

କେନ୍ଦୁଝର, ୧୫।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ଏକ ଛୁଆର ମୃତ୍ୟୁ ହୋଇଛି। ବିମଳା ସେକ୍ସନ ରାଣୀବଡ଼ା ସଂରକ୍ଷିତ ଜଙ୍ଗଲ ଟାଙ୍ଗିରୀ ଗ୍ରାମ ଦୁବନାଳି ସାହି ପତ୍ରଫଡ଼ି ନିକଟରୁ ତା'ର ମୃତଦେହ ଠାବ ହୋଇଛି। ବନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଛୁଆ ହାତୀଟି ୨ରୁ ୩ ମାସର ହୋଇଥିବା ବନ ବିଭାଗ କହିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏକ ପ୍ରାଣୀ ବିଶେଷଜ୍ଞ ଦଳ ଶନିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବେ ବୋଲି ବନ ବିଭାଗ ସୂଚନା ଦେଇଛି। ତେଲକୋଇ ବନାଞ୍ଚଳରେ ଏବେ ଦୁଇଟି ଦଳରେ ୫୮ଟି ହାତୀ ରହିଛନ୍ତି। ଉଭୟ ହାତୀ ପଲ ବିମଳା ସେକ୍ସନ ବନ୍ଧନଝରି ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଛନ୍ତି। ତେବେ ମୃତ ହାତୀ ଛୁଆର ରକ୍ତ ନମୁନା ସଂଗ୍ରହ କରାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି।

# ସୁଲଭ ମୂଲ୍ୟରେ ଉନ୍ନତମାନର ଚକ୍ଷୁ ଚିକିତ୍ସା ସେବା

## ଭୂମିକା ଆଇ ହସ୍ପିଟାଲ ଉଦ୍‌ଘାଟିତ

ଭୁବନେଶ୍ୱର, ୧୫।୧୧ (ଅଭୟ ଦାଶ)



ରାଜ୍ୟର ପ୍ରମୁଖ ଚକ୍ଷୁ ଚିକିତ୍ସା ସେବା ପ୍ରଦାନକାରୀ ପ୍ରତିଷ୍ଠାନ ତଥା ଭୂମିକା ଆଇ ହସ୍ପିଟାଲ (ଭୂମିକା ଚକ୍ଷୁ ପ୍ରତିଷ୍ଠାନ)ର ନୂତନ ଚିକିତ୍ସାଳୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଦୀର୍ଘ ୧୫ ବର୍ଷ ଧରି ସମଗ୍ର ଓଡ଼ିଶାରେ ଅଗ୍ରଣୀ ଚକ୍ଷୁ ଚିକିତ୍ସା ସେବା ପ୍ରଦାନକାରୀ ଅନୁଷ୍ଠାନଭାବେ ପ୍ରତିଷ୍ଠିତ ଭୂମିକା ଚକ୍ଷୁ ହସ୍ପିଟାଲ ସମୂହର କୋରଡକଣ୍ଟା, ଭୁବନେଶ୍ୱରର କୋରଡକଣ୍ଟାଠାରେ ନବନିର୍ମିତ ଭୂମିକା ଆଇ ହସ୍ପିଟାଲର ଲୋକାର୍ପଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ ସହ ଜନସାଧାରଣଙ୍କ ନିମନ୍ତେ ଏହାକୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଭୂମିକା ଆଇ ହସ୍ପିଟାଲ ସମୂହର ଅଧ୍ୟକ୍ଷ ଡା.ଭୀଷ୍ମ ପ୍ରସାଦ ରଥ, ନିର୍ଦ୍ଦେଶିକା ଡା. ଭୂମିକା ରଥ, ଡା. ବିଶ୍ୱଜିତ ମହାନ୍ତି,ଡା. ପ୍ରସନ୍ନ ମହାନ୍ତି, ଡା. ଧନେଶ୍ୱର ପ୍ରଧାନ, ଡା. ରାଜକୁମାର ପାତ୍ରଙ୍କ ସମେତ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଭୂମିକା ଆଇ ହସ୍ପିଟାଲ ସମୂହର ଅଧ୍ୟକ୍ଷ ଡା.ଭୀଷ୍ମ ପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର ସଭା ଓ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ଯୋଗଦେଇ ଉଭୟ ହସ୍ପିଟାଲ ଓ ରୋଗୀ ସେବା ସମ୍ପର୍କରେ ଅବଗତ ହୋଇଥିଲେ। ଏପରିକି ହସ୍ପିଟାଲର ନିର୍ଦ୍ଦେଶିକା ଡା. ଭୂମିକା ରଥ ମୁଖ୍ୟମନ୍ତ୍ରୀଙ୍କୁ ଉପଲବ୍ଧ ସେବା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଏଥିସହ ଉନ୍ନତମାନର ସ୍ୱାସ୍ଥ୍ୟସେବା କିଭଳି ସାଧାରଣ ଲୋକମାନଙ୍କ ପାଖରେ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରିବ ସେ ଦିଗରେ ମଧ୍ୟ ପ୍ରତିଷ୍ଠାନର ପ୍ରଚେଷ୍ଟା ଏବଂ ଉପଲବ୍ଧି ଉପରେ ରଥ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ସାରା ରାଜ୍ୟରେ ଭୂମିକା ଆଇ ହସ୍ପିଟାଲର ୧୮ଟି ଚିକିତ୍ସାଳୟ ଥିଲାବେଳେ ଶାଖା ହସ୍ପିଟାଲ ମାଧ୍ୟମରେ ଉନ୍ନତ ମାନର ଚକ୍ଷୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଏପରିକି କିପରି ସାଧାରଣ ଲୋକମାନଙ୍କ ପାଖରେ ସହଜ ଏବଂ ସୁଲଭ ମୂଲ୍ୟରେ ଉନ୍ନତ ମାନର ଚକ୍ଷୁ ଚିକିତ୍ସା ସେବା ଉପଲବ୍ଧ ହେବ ସେଥିପ୍ରତି ପ୍ରତିଷ୍ଠାନ ସଦା ଚେଷ୍ଟିତ ରହିଛି ବୋଲି ପ୍ରତିଷ୍ଠାନ ଅଧ୍ୟକ୍ଷ ଡା.ଭୀଷ୍ମ ପ୍ରସାଦ ରଥ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସିରିଜରେ ଜେଡ୍ ବ୍ଲାକ ଗୋଲ୍ଡ ପାର୍ଟନର

ନୂଆଦିଲ୍ଲୀ, ୧୫।୧୧





ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମହୀଶୂର ଦୀପ ପରଫ୍ୟୁମେରି ହାଉସ(ଏମ୍‌ଡିପିଏଚ୍)ର ପ୍ରମୁଖ ବ୍ରାଣ୍ଡ ଜେଡ୍ ବ୍ଲାକ୍‌ର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନିକଟରେ ଆରମ୍ଭ ହୋଇଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସିରିଜରେ ଜେଡ୍ ବ୍ଲାକ୍ ଗୋଲ୍ଡ ପାର୍ଟନର ଭାବେ ସାମିଲ ହୋଇଛି। ଅପରପକ୍ଷରେ ଦେଶର ୩ୟ ସର୍ବବୃହତ୍ ଧୂପକାଠି ନିର୍ମାତା ତଥା ରପ୍ତାନିକାରୀ ଏବଂ ଖୁଚୁରା ବିକ୍ରେତା ଭାବେ ବେଶ୍ ପରିଚିତ ଜେଡ୍ ବ୍ଲାକ୍ ବହୁ କୋଟି କ୍ରୀଡ଼ାପ୍ରେମୀ ଓ ଦର୍ଶକଙ୍କ ନିକଟତର ହେବା ସହ ବିଶ୍ୱ ବଜାରରେ ମଧ୍ୟ ବ୍ରାଣ୍ଡର ପ୍ରଚାରପ୍ରସାର ସାଙ୍ଗକୁ ଜେଡ୍‌ବ୍ଲାକ୍ ଗୁଣବତ୍ତା ଓ ଆଭିମୁଖ୍ୟ ସମ୍ପର୍କରେ ସାରା ବିଶ୍ୱବାସୀଙ୍କୁ ଅବଗତ କରାଇପାରିବ। ସେହିଭଳି ଜେଡ୍‌ବ୍ଲାକ୍‌ର ବ୍ରାଣ୍ଡ ଆମ୍ବାସାଡର ତଥା ଲୋକପ୍ରିୟ ଭାରତୀୟ କ୍ରୀଡ଼ାବିତ ମହେନ୍ଦ୍ର ସିଂ ଧୋନୀ ଦୀର୍ଘ ବର୍ଷ ହେବ ଜେଡ୍ ବ୍ଲାକ୍ ସହ ସାମିଲ ରହିଛନ୍ତି। ଏପରିକି ବ୍ରାଣ୍ଡ କ୍ରୀଡ଼ା କ୍ଷେତ୍ରର ପ୍ରଚାର ପ୍ରସାର ପାଇଁ ପୂର୍ବରୁ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍‌ରେ ମଧ୍ୟ ସାମିଲ ହୋଇଛି। ଏ ସମ୍ପର୍କରେ ଜେଡ୍ ବ୍ଲାକ୍‌ର ଏମ୍‌ଡି ଅଙ୍କିତ ଅଗ୍ରୱାଲ କହିଥିଲେ, ଆମେ ଆମର ନୂତନ ଅଭିଯାନ ଓ ଚଳିତ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସିରିଜରେ ଗୋଲ୍ଡ ପାର୍ଟନର ଭାବେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଉଭୟ ଦେଶର କ୍ରୀଡ଼ାପ୍ରେମୀ ଓ ବହୁ କୋଟି ଦର୍ଶକଙ୍କ ନିକଟତର ହେବା ସହ ବ୍ରାଣ୍ଡର ଆଭିମୁଖ୍ୟ ଓ ଉତ୍ପାଦର ଗୁଣବତ୍ତା ଏବଂ ବିଶେଷତ୍ୱକୁ ବିଶ୍ୱସ୍ତରରେ ପରିଚୟ କରାଇବାକୁ ପ୍ରୟାସ ଆରମ୍ଭ କରିଛୁ।

# ଭୁବନେଶ୍ୱର ବିମାନବନ୍ଦରରୁ ୫, ଝାରସୁଗୁଡ଼ାରୁ ୪ ସହରକୁ ସିଧାସଳଖ ଉଡ଼ିବ ବିମାନ

ଭୁବନେଶ୍ୱର, ୧୫।୧୧ (ଅନିଲ ଦାସ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଇନ୍ଦୋର, ଡେରାଡୁନ୍, କୋଚି, ଜୟପୁର ଏବଂ ଲକ୍ଷ୍ନୌକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ସେହିପରି ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ହାଇଦ୍ରାବାଦ୍, ରାୟପୁର, ଲକ୍ଷ୍ନୌ, ମୁମ୍ବାଇକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏହା ରାଜ୍ୟର ଅର୍ଥନୈତିକ ବିକାଶକୁ ନୂଆ ଦିଗ ଦେବ। ରାଜ୍ୟରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବା ସହିତ ପ୍ରଗତି ପଥ ଆହୁରି ପ୍ରଶସ୍ତ ହେବ ବୋଲି କୁହାଯାଇଛି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୨୦୫୦ ସୁଦ୍ଧା ୨ ଗୁଣା...

ଆମେରିକାର କାଲିଫର୍ନିଆ ୟୁନିଭର୍ସିଟିର ଗବେଷକ କହିଛନ୍ତି। ପ୍ରଦୂଷଣ ସୃଷ୍ଟି କରୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ କୁପରିଚାଳନା ହ୍ରାସ କରିବା ପାଇଁ ୪ଟି ନୀତି ଯଥେଷ୍ଟ। ତାହା ହେଲା ୪୦ ପ୍ରତିଶତ ବ୍ୟବହାର ପରବର୍ତ୍ତୀ ରିସାଇକ୍ଲଡ୍ ପ୍ଲାଷ୍ଟିକ୍‌ରେ ନୂଆ ପ୍ଲାଷ୍ଟିକ୍ ସାମଗ୍ରୀ ତିଆରି ହେଉ, ନୂଆ ପ୍ଲାଷ୍ଟିକ୍ ଉତ୍ପାଦନକୁ ୨୦୨୦ ସ୍ତରରେ ସୀମିତ କରାଯାଉ, ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନାରେ ପର୍ଯ୍ୟାପ୍ତ ନିବେଶ ହେଉ ଏବଂ ପ୍ଲାଷ୍ଟିକ୍ ପ୍ୟାକେଜିଂ ଉପରେ ଦେୟ ଧାର୍ଯ୍ୟ ହେଉ। ପ୍ଲାଷ୍ଟିକ୍ ବର୍ଜ୍ୟର ବର୍ତ୍ତମାନର ଧାରା ଜାରି ରହିଲେ ଏହା ସହ ଜଡ଼ିତ ସବୁଜଗୃହ ବାଷ୍ପ ନିର୍ଗମନ ୨୦୨୦ ସ୍ତର ତୁଳନାରେ ୩୭ ପ୍ରତିଶତ ବୃଦ୍ଧି ପାଇ ୨୦୫୦ରେ ୩.୩୫ ଗିଗାଟନ୍ ଅଙ୍ଗାରକାମ୍ଳ ସମତୁଲ୍ୟ ହେବ ବୋଲି ଗବେଷକମାନେ କହିଛନ୍ତି। ମେଶିନ୍ ଲର୍ନିଂ ଦ୍ୱାରା କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ ୨୦୫୦ ବେଳକୁ ବାର୍ଷିକ କୁପରିଚାଳିତ ପ୍ଲାଷ୍ଟିକ୍ ୱେଷ୍ଟ ପରିମାଣ ପାଖାପାଖି ୨ ଗୁଣା ହୋଇ ୧୨୧ ଟନ୍‌ରେ ପହଞ୍ଚିବ। ପ୍ଲାଷ୍ଟିକ ବର୍ଜ୍ୟ ମାଇକ୍ରୋ ଏବଂ ନାନୋ ପ୍ଲାଷ୍ଟିକ୍‌ରେ ପରିଣତ ହୋଇ ପରିବେଶକୁ ନଷ୍ଟ କରିବା ସହ ସ୍ୱାସ୍ଥ୍ୟ ପ୍ରତି ବିପଦ ବଢ଼ାଇଛି।

### ଡଙ୍ଗା ଗୋଟାଇବାକୁ ...

କରି ଉଭୟଙ୍କୁ ଉଦ୍ଧାର କରିବା ସହ ଜଣଙ୍କୁ ବସ୍ତା ଡାକ୍ତରଖାନା ଓ ଅନ୍ୟଜଣଙ୍କୁ ରାସଗୋବିନ୍ଦପୁର ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଖଇରା ବ୍ଲକ ମାଖନପୁର ପଞ୍ଚାୟତ ସାଉଣ୍ଡିଆ ଗ୍ରାମର ମଧୁସୂଦନ ମଲ୍ଲିକଙ୍କ ୩ବର୍ଷର ପୁଅ ଆଶୁତୋଷ ପୋଖରୀରେ ଭାସୁଥିବା ଡଙ୍ଗା ଆଣିବାକୁ ଯାଇ ବୁଡ଼ିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ମାଲକାନଗିରି ଜିଲା ସଦର ଚମ୍ପାନଗର ଗ୍ରାମର କୁମାରୀ ହନ୍ତାଳଙ୍କ ଝିଅ ସାବିତ୍ରୀ ହନ୍ତାଳ (୧୨) ସାଙ୍ଗମାନଙ୍କ ସହ ଡଙ୍ଗାରୁ ଖୁଚୁରା ପଇସା ସଂଗ୍ରହ କରୁଥିବାବେଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ପୋଖରୀରୁ ସାବିତ୍ରୀଙ୍କ ମୃତଦେହ ବାହାର କରିଥିଲେ। ମାଲକାନଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ସେହିପରି ସାଲେପୁର ଥାନା କରମୁଆଁ ଗ୍ରାମର ପ୍ରଦୀପ ଭୋଇଙ୍କ ପୁତ୍ର ନିତୀଶ କୁମାର ଭୋଇ(୪) ପରିବାର ଲୋକଙ୍କ ସହ ପଞ୍ଚାୟତ ପୋଖରୀରେ ଡଙ୍ଗା ଭସାଇ ଫେରିଥିଲେ। ଏହାପରେ ନିତୀଶ ପରିବାର ଲୋକଙ୍କ ଅଗୋଚରରେ ସେଠାକୁ ଡଙ୍ଗା ଆଣିବାକୁ ପୁନର୍ବାର ପଳେଇ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପୋଖରୀରୁ ତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ନିତୀଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଏନ୍‌କ୍ଲୋଜରରେ...

ଟିମ୍ ନଜର ରଖିଛନ୍ତି। ସ୍ୱତନ୍ତ୍ର ଗାଡ଼ି ଯୋଗେ ସୁଦୂର ରାସ୍ତା ଅତିକ୍ରମ କରି ମହାବଳ ବାଘୁଣୀକୁ ଆଣି ଶିମିଳିପାଳରେ ଛାଡ଼ିବା ପରେ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶାନ୍ତ ନନ୍ଦ ବନ ବିଭାଗ ଟିମ୍‌କୁ ଧନ୍ୟବାଦ ଦେଇଛନ୍ତି। କିଛିଦିନ ବାଘୁଣୀର ଗତିବିଧି ନିରୀକ୍ଷଣ ପରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳରେ ଛଡ଼ାଯିବ ବୋଲି ବନ ବିଭାଗ ସୂଚନା ଦେଇଛି।

ପ୍ରଥମ ବାଘୁଣୀ 'ଯମୁନା' ଆସିବାର ୧୯ଦିନ ପରେ ବନ ବିଭାଗର ଏକ ଟିମ୍ ଅନ୍ୟ ଏକ ବାଘୁଣୀ ଆଣିବା ପାଇଁ ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ଯାଇଥିଲା। ସେଠାରେ ପୂର୍ବରୁ ଚିହ୍ନଟ ହୋଇଥିବା ୩ ବର୍ଷର ବାଘୁଣୀ 'ଜିନତ୍'କୁ ଧରିବା ପାଇଁ କ୍ୟାମ୍ପ ବସାଇଥିଲେ। ୧୩ ତାରିଖ ଭୋର ୪ଟାରେ ଟ୍ରାଙ୍କୁଲାଇଜ୍ କରି ଏକ ସ୍ୱତନ୍ତ୍ର ଗାଡ଼ିରେ ଦୀର୍ଘ ୯୦୦ କି.ମି.ରୁ ଊର୍ଦ୍ଧ୍ୱ ସଡ଼କପଥରେ ରାୟପୁର, ସମ୍ବଲପୁର ଦେଇ ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଇଛି। ଗୁରୁବାର ରାତି ୭ଟା ୩୦ରେ ଜିନତ୍ ଶିମିଳିପାଳରେ ପହଞ୍ଚିବା ପରେ ଶୁକ୍ରବାର ସକାଳ ୯ଟାରେ ତାକୁ ଏନ୍‌କ୍ଲୋଜର ମଧ୍ୟକୁ ଛଡ଼ାଯାଇଥିଲା। ତେବେ 'ଜିନତ୍' ସୁସ୍ଥ ଓ ଚଳଚଞ୍ଚଳ ଥିବା ନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ବାଘୁଣୀ ବେକରେ ରେଡିଓ କଲାର ଲଗାଯାଇ ତା'ର ସ୍ୱାସ୍ଥ୍ୟ ଓ ଗତିବିଧି ଉପରେ ୨୪ ଘଣ୍ଟିଆ ନଜର ରଖିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

ଅନ୍ୟପକ୍ଷରେ ଆଗକୁ ଆଉ ୨ଟି ବାଘୁଣୀ ଓ ଗୋଟିଏ ବାଘ ଆସିବାକୁ ଥିବା ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି। ସାତକୋଶିଆ ସମେତ ଦେବ୍ରିଗଡ଼ ଜଙ୍ଗଲରେ ମଧ୍ୟ ବାଘ ଛଡ଼ାଯିବା ଯୋଜନା ରହିଛି। ବନ ବିଭାଗ ପକ୍ଷରୁ ଏନେଇ ପ୍ରୟାସ ଜାରି ରହିଥିବା ମନ୍ତ୍ରୀ କହିଛନ୍ତି।

### ଖସୁଛି ପାରଦ...

ସେହିପରି ଶୁକ୍ରବାର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ସର୍ବାଧିକ ତାପମାତ୍ରା ପାରାଦୀପରେ ୩୩.୦ ଡିଗ୍ରୀ ସେଲ୍‌ସିୟସ ରହିଥିବାବେଳେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୧୩.୯ ଡିଗ୍ରୀ ରହିଥିଲା।

### 'ଯମୁନା' ପାଇଁ...

ଛଡ଼ାଯିବା ପରେ କୌଣସି ଅଘଟଣ ପୂର୍ବରୁ ତାକୁ ଜରୁରିକାଳୀନ ପରିସ୍ଥିତିରେ କାବୁ କରିବା ପାଇଁ ଯନ୍ତା ଓ ଡାକ୍ତରୀଦଳ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ବନ ବିଭାଗର ସ୍ୱତନ୍ତ୍ର ଟିମ୍ ଯମୁନାର ଗତିବିଧି ଉପରେ ୨୪ ଘଣ୍ଟିଆ ସତର୍କ ଦୃଷ୍ଟି ରଖିଛନ୍ତି ବୋଲି ଡ. ଗୋଗିନେନୀ କହିଛନ୍ତି।

ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ବଫର ଅଞ୍ଚଳରେ ଲୋକେ ବସବାସ କରୁଥିବା ସ୍ଥାନକୁ ଯମୁନାର ଅନୁପ୍ରବେଶ ଘଟିଲେ ତାର ଜୀବନ ପ୍ରତି ବିପଦ ରହିଛି। ବାଘ ସ୍ଥାନାନ୍ତରଣ ଓ ଛାଡ଼ିବା ପ୍ରକ୍ରିୟାରେ ତ୍ରୁଟି ଥିବା ନେଇ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ମହାରାଷ୍ଟ୍ରର ସମତଳ ଶାଗୁଆନ ଜଙ୍ଗଲରେ ଯମୁନା ପରିବାର ସହ ରହି ଶିକାର କରୁଥିଲା। ଶାଗୁଆନ ଜଙ୍ଗଲରୁ ଶିମିଳିପାଳର ବଣପାହାଡ଼ଘେରା ଜଙ୍ଗଲ ମଧ୍ୟରେ ତାକୁ ଛାଡ଼ିବା ପୂର୍ବରୁ ଅଭୟାରଣ୍ୟର ଜଳବାୟୁ ଓ ପରିବେଶ ସହିତ ସେ କିପରି ନିଜକୁ ଖାପ ଖୁଆଉଛି ତାହା ଅନୁଶୀଳନ କରିବା ଅତ୍ୟନ୍ତ ଆବଶ୍ୟକତା ଥିଲା। ଯମୁନା ଶିମିଳିପାଳର ବନ୍ୟ ଜନ୍ତୁଙ୍କ ସହ ମିଶିବା ପାଇଁ ବନ ବିଭାଗ ପକ୍ଷରୁ କୌଣସି ପ୍ରଚେଷ୍ଟା କରାଯାଇ ନାହିଁ। ତାକୁ ଧରି ଆଣିବା ମାତ୍ରେ ଶିମିଳିପାଳ ଅଭୟାରଣ୍ୟରେ ଛାଡ଼ିଦିଆଯାଇଛି। ଏପରିକି ଏନ୍‌କ୍ଲୋଜରକୁ ବୃଦ୍ଧି କରାଯାଇ ଶିମିଳିପାଳର ବନ୍ୟ ଜନ୍ତୁଙ୍କ ସହ ପରିଚିତ କରାଇବା ନିତାନ୍ତ ଆବଶ୍ୟକତା ରହିଛି। ସେହିପରି ଶିମିଳିପାଳ ଚାରିପାଖରେ ରହିଥିବା ୧୨୬୦ଟି ଗ୍ରାମର ଲୋକଙ୍କୁ ବାଘୁଣୀଠାରୁ ସୁରକ୍ଷିତ ରହିବା ସମ୍ପର୍କରେ କୌଣସି ସଚେତନ କରାଯାଇ ନାହିଁ। ଫଳରେ ବାଘୁଣୀ ଗାଁକୁ ପ୍ରବେଶ କରିବା ମାତ୍ରେ ଲୋକଙ୍କ ଆକ୍ରୋଶର ଶିକାର ହୋଇପାରେ ବୋଲି ଆଶଙ୍କା ରହିଛି। ଏପରି ସ୍ଥଳେ ବନ କର୍ମଚାରୀମାନଙ୍କୁ ମଧ୍ୟ ଆକ୍ରମଣର ଭୟ ଘାରିଛି। ତେବେ ଆବଶ୍ୟକ ବ୍ୟବସ୍ଥା କରା ନ ଗଲେ ବିଗତ ଦିନର ସାତକୋଶିଆର ମହାବଳ ବାଘ ସୁନ୍ଦରୀ ପରି ଅବସ୍ଥା ଆସିପାରେ କିମ୍ବା ଯମୁନାକୁ ନନ୍ଦନକାନନ ସ୍ଥାନାନ୍ତର କରାଯିବା ସମ୍ଭାବନା ଉପୁଜିବାରେ ଲାଗିଛି। ମନଇଚ୍ଛା ମିଶନକୁ ସଫଳ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ବିଫଳ ହେବ ବୋଲି ଆଚାର୍ଯ୍ୟ କହିଛନ୍ତି।

### 'ପେସା' ପାଇଁ ...

ଗୌରବ ଦିବସରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନଜାତି ସମ୍ପ୍ରଦାୟ ଓଡ଼ିଶାର ଶକ୍ତି ଓ ଆତ୍ମା। ପୂର୍ବରୁ ଆଦିବାସୀଙ୍କୁ ଅବହେଳିତ କରି ରଖାଯାଇଥିଲା। ରାଜ୍ୟ ସରକାର ଜନଜାତି ସମ୍ପ୍ରଦାୟଙ୍କ ଉଚ୍ଚ ପରମ୍ପରା ଓ ଐତିହ୍ୟର ସୁରକ୍ଷା ପାଇଁ ପ୍ରତିବଦ୍ଧ। ସେମାନଙ୍କ ସର୍ବାଙ୍ଗୀନ ବିକାଶ ଲାଗି ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଜଙ୍ଗଲ ଜମି ଅଧିକାର ପ୍ରଦାନ ବଳରେ ସେମାନଙ୍କୁ ସଶକ୍ତ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନଜାତିଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ୧୫୩୫ କୋଟି ଟଙ୍କାର ପ୍ରକଳ୍ପ ଲାଗି ଭିତ୍ତିପ୍ରସ୍ତର ରଖିଛନ୍ତି। ଏଥିରେ ୧୬ଟି ଆଶ୍ରମ ସ୍କୁଲକୁ ହାଇସ୍କୁଲକୁ ଉନ୍ନୀତ କରାଯିବ। ପ୍ରତ୍ୟେକ ସ୍କୁଲ ପିଛା ୧୫କୋଟି ଟଙ୍କା ହିସାବରେ ମୋଟ ୨୪୦ କୋଟି ଟଙ୍କା ବିନିଯୋଗ କରାଯିବ। ସେହିପରି ୧୩ଟି ମାଧ୍ୟମିକ ବିଦ୍ୟାଳୟକୁ ମଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବ। ଏଥିପାଇଁ ପ୍ରତ୍ୟେକ ସ୍କୁଲ ପିଛା ୨୨ କୋଟି ଟଙ୍କା ହିସାବରେ ୨୮୬ କୋଟି ଟଙ୍କା ବିନିଯୋଗ ହେବ। ୪୨୬ଟି ପ୍ରାଥମିକ ସ୍କୁଲ ଛାତ୍ରାବାସ ନିର୍ମାଣ ପାଇଁ ୮୫୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଭୁବନେଶ୍ୱରର ଗୋଠପାଟଣାଠାରେ ଜନଜାତି ସଂସ୍କୃତି ଓ ଐତିହ୍ୟ ଭବନ ନିର୍ମାଣ ପାଇଁ ୧୦୦ କୋଟି ଟଙ୍କା ବିନିଯୋଗ କରାଯିବ। ଗୋଠପାଟଣାଠାରେ ଜନଜାତି ଭାଷା ପ୍ରତିଷ୍ଠାନ ନିର୍ମାଣ ପାଇଁ ୫୦ କୋଟି ଟଙ୍କା ଓ ଜନଜାତି ଅସ୍ମିତା ଭବନ ନିର୍ମାଣ ପାଇଁ ୪ କୋଟି ଟଙ୍କା ବିନିଯୋଗ କରାଯିବ। ସେହିପରି ୫ଟି ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ମଧ୍ୟ ୩ କୋଟି ଟଙ୍କା ବିନିଯୋଗ କରାଯିବ।

ଦେଶବ୍ୟାପୀ ପାଳିତ ହେଉଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉତ୍ସବ ବିହାରର ଜାମୁଇଠାରେ ପାଳନ କରାଯାଇଛି। ଜନତା ମଇଦାନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭଗବାନ ବିର୍ସା ମୁଣ୍ଡା ସ୍ୱାଧୀନତା ସଂଗ୍ରାମର ଏକ ଅନନ୍ୟ ଯୋଦ୍ଧା। ବିର୍ସା ମୁଣ୍ଡାଙ୍କ ସଂଗ୍ରାମର କାହାଣୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓ ରହିବ । ଆଦିବାସୀ ମାନଙ୍କ ଉନ୍ନତି ପାଇଁ ତାଙ୍କ ଅବଦାନକୁ ଦେଶ ଓ ଜାତି କେବେ ଭୁଲିବ ନାହିଁ । ଏହି ଅବସରରେ ସେ ମହାନ୍ ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକ, ରତ୍ନା ନାୟକ, ଚକରା ବିଷୋଇ, ଦୋରା ବିଷୋଇ, ରେଣ୍ଡୋ ମାଝୀଙ୍କ ପରି ଦେଶ ଭକ୍ତଙ୍କ ବଳିଦାନ ଓ ତ୍ୟାଗକୁ ମଧ୍ୟ ସ୍ମରଣ କରିଥିଲେ। ବିର୍ସା ମୁଣ୍ଡାଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାରର ଜାମୁଇଠାରେ ଉପସ୍ଥିତ ରହି 'ଧର୍ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା' ଅଧୀନରେ ଅନେକ କଲ୍ୟାଣକାରୀ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି। ଜନଜାତି ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଜୀବିକା ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ତାରତମ୍ୟକୁ ଦୂରକରି ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ । ଓଡ଼ିଶାର ୨୭ଟି ଜିଲାର ୭,୬୬୭ଟି ଗ୍ରାମକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସମସ୍ତ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ରାଜ୍ୟର ୮ଟି ବିଶେଷ ଅନୁନ୍ନତ ଜନଜାତି (ପିଭିଟିଜି)ବର୍ଗଙ୍କୁ ବସବାସର ଅଧିକାର ପ୍ରଦାନ କରିଛନ୍ତି। ଆଦିବାସୀ ଛାତ୍ରୀଛାତ୍ରମାନଙ୍କ ଡ୍ରପ୍ ଆଉଟ୍ ହାର ରୋକିବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା' ପ୍ରଣୟନ କରିବାକୁ ଯାଉଛନ୍ତି। ଏଥିସହିତ ଆଦିବାସୀ ଅଞ୍ଚଳରେ ପିଲାଙ୍କ ପାଇଁ ଛାତ୍ରାବାସ ନିର୍ମାଣ, ସିଡୁଲ୍ ଅଞ୍ଚଳରେ ପେସା ଆଇନ କାର୍ଯ୍ୟକାରୀ କରିବା, ଗ୍ରାମସଭାଗୁଡ଼ିକୁ ସକ୍ରିୟ କରିବା ପାଇଁ ମଧ୍ୟ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ, ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ବ୍ରିଟିଶ ସରକାରଙ୍କ ଉତ୍ପୀଡ଼ନ ବିରୋଧରେ ବିର୍ସା ମୁଣ୍ଡାଙ୍କ ସଂଗ୍ରାମ ଓ ବଳିଦାନ ସଦାସର୍ବଦା ପ୍ରେରଣାଦାୟୀ ହୋଇ ରହିବ। ବିର୍ସା ମୁଣ୍ଡାଙ୍କ ତ୍ୟାଗକୁ ପୂର୍ବ ସରକାରମାନେ ଅବହେଳା କରୁଥିଲେ। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ବିର୍ସାଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ତାଙ୍କ ଜୟନ୍ତୀକୁ ଜନ ଜାତୀୟ ଗୌରବ ଦିବସ ରୂପେ ପାଳନ କରାଯିବା ସହିତ ଆଦିବାସୀଙ୍କ ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। କେନ୍ଦ୍ର ଶକ୍ତି, ନୂତନ ଓ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ କହିଛନ୍ତି, ଭଗବାନ ବିର୍ସା ମୁଣ୍ଡା ଜନଜାତି ସମାଜର ବନ୍ଧନକୁ ସୁଦୃଢ କରିବା ସହିତ ସେମାନଙ୍କ ଉନ୍ନତି ପାଇଁ ଯେଉଁ ଉଦ୍ୟମ କରିଯାଇଛନ୍ତି ତା'ର ତୁଳନା ନାହିଁ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ବିର୍ସା ମୁଣ୍ଡାଙ୍କ ଅବଦାନକୁ ସ୍ମରଣ କରିବା ସହିତ ଆଦିବାସୀମାନଙ୍କ ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ କହିଛନ୍ତି, ସ୍ୱାଧୀନତା ପରେ ଆଦିବାସୀଙ୍କ ପ୍ରତି ଅବହେଳା କରାଯାଇଛି। ଆଦିବାସୀଙ୍କୁ ଅବହେଳା ପଛରେ ରାଜନୈତିକ ଅଭିସନ୍ଧି ରହିଥିଲା। ଏହାର କାରଣ ଗୋଟିଏ ପରିବାରର ରାଜନୈତିକ ଅଭିସନ୍ଧି। ଆଦିବାସୀଙ୍କ ବିକାଶ ପାଇଁ ଏନ୍‌ଡିଏ ସରକାର ଅହରହ ଉଦ୍ୟମ କରୁଛି। ଦେଶରେ ୧୦ ବର୍ଷ ଭିତରେ ୨ଟି ନୂଆ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଓଡ଼ିଶାର ଜଣେ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ରାଷ୍ଟ୍ରପତି କରିବାର ସୌଭାଗ୍ୟ ଏନ୍‌ଡିଏକୁ ମିଳିଛି।

### ପେସା ଆଇନ କ'ଣ...

ଏହାର ମୁଖ୍ୟ ଉଦ୍ଦେଶ୍ୟ ଜନଜାତିମାନଙ୍କର ଜୀବନ ଜୀବିକା, କଳା ସଂସ୍କୃତି, ପରମ୍ପରା ସୁରକ୍ଷା ସମେତ ପ୍ରାକୃତିକ ସମ୍ବଳ ଇତ୍ୟାଦି ବିଷୟରେ ଗ୍ରାମସଭା ଜରିଆରେ ସମସ୍ତ ନିଷ୍ପତ୍ତି ନିଆଯିବ। ଏହି ଆଇନ ଲାଗୁହେଲେ ଗ୍ରାମସଭାର ବିନାନୁମତିରେ ସେହି ଅଞ୍ଚଳରେ କୌଣସି କାର୍ଯ୍ୟ କରାଯାଇପାରିବ ନାହିଁ। ଅନୁସୂଚିତ ଅଞ୍ଚଳରେ ପାରମ୍ପରିକ ସମ୍ବଳ, ଲଘୁ ଖଣିଜ ଦ୍ରବ୍ୟ, ଲଘୁ ବନଜାତ ଦ୍ରବ୍ୟ, କ୍ଷୁଦ୍ର ଜଳାଶୟ, ଉପଭୋକ୍ତା ଚୟନ, ପ୍ରକଳ୍ପ ଅନୁମୋଦନ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକ ଉପରେ ଗ୍ରାମସଭାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବ। ଓଡ଼ିଶା ସମେତ ୧୦ଟି ରାଜ୍ୟରେ ଏହି ଆଇନ ଲାଗୁ କରିବାର ବ୍ୟବସ୍ଥା ରହିଛି। ଅନ୍ୟ ରାଜ୍ୟଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୁଜରାଟ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଓ ତେଲଙ୍ଗାନା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଆୟାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୭.୨% ହାରରେ ଅର୍ଥନୀତି ଅଭିବୃଦ୍ଧି ଆକଳନ

## ମୁଡିସ୍ ରିପୋର୍ଟ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ଭାରତୀୟ ଅର୍ଥନୀତି ଭଲ ସ୍ଥିତିରେ ଅଛି ଏବଂ ୨୦୨୪ କ୍ୟାଲେଣ୍ଡର ବର୍ଷରେ ୭.୨ ପ୍ରତିଶତ ଏବଂ ୨୦୨୫ରେ ୬.୬ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ମୁଡିସ୍ ରେଟିଂରେ ଏପରି ତଥ୍ୟ ପ୍ରକାଶ ପାଇଛି। ଏହାର 'ଗ୍ଲୋବାଲ ମାକ୍ରୋ ଆଉଟ୍‌ଲୁକ୍ ୨୦୨୫-୨୬'ରେ ରେଟିଂ ଏଜେନ୍ସି କହିଛି ଯେ, ରୁଷଆ-ୟୁକ୍ରେନ୍ ଯୁଦ୍ଧ, ଉଚ୍ଚ ମୁଦ୍ରାସ୍ଫୀତି, ଶକ୍ତି ଏବଂ ଖାଦ୍ୟ ସଙ୍କଟ ସମୟରେ ମଧ୍ୟ ବିଶ୍ୱ ଅର୍ଥନୀତି ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶନ କରିଛି। ରେଟିଂ ଏଜେନ୍ସି କହିଛି, ଆମେରିକାର ଘରୋଇ ତଥା ଅନ୍ତର୍ଜାତୀୟ ନୀତିରେ ନିର୍ବାଚନ ପରବର୍ତ୍ତୀ ପରିବର୍ତ୍ତନ ବିଶ୍ୱର ଆର୍ଥିକ ଆହ୍ୱାନ ବଢ଼ାଇପାରେ। ଘରୋଇ ବ୍ୟବହାରରେ ଉନ୍ନତି, ଦୃଢ଼ ପୁଞ୍ଜି ବିନିଯୋଗ ଏବଂ ଦୃଢ଼ ଉତ୍ପାଦନ ଫଳରେ ୨୦୨୪ର ଦ୍ୱିତୀୟ ତ୍ରୈମାସିକରେ (ଏପ୍ରିଲ-ଜୁନ୍) ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୬.୭ % ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।



## ବୈଦେଶିକ ମୁଦ୍ରାଭଣ୍ଡାରରେ ହ୍ରାସ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ସେପ୍ଟେମ୍ବର ଶେଷରେ ବୈଦେଶିକ ମୁଦ୍ରାଭଣ୍ଡାର ସର୍ବକାଳୀନ ଉଚ୍ଚସ୍ତର ୭୦୪.୮୮ ବିଲିୟନ ଡଲାରରେ ପହଞ୍ଚିଥିଲା। ମାତ୍ର ଗତ କିଛି ସପ୍ତାହ ଧରି ଏହା ହ୍ରାସ ପାଇବାରେ ଲାଗିଛି। ନଭେମ୍ବର ୮ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୬.୪୮ ବିଲିୟନ ଡଲାର ହ୍ରାସ ପାଇ ୬୭୫.୬୫ ବିଲିୟନ ଡଲାରରେ ପହଞ୍ଚିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଶୁକ୍ରବାର ଏହି ସୂଚନା ପ୍ରକାଶ ପାଇଛି। ପୂର୍ବ ସପ୍ତାହରେ ଦେଶର ବୈଦେଶିକ ମୁଦ୍ରାଭଣ୍ଡାର ୨.୬୭ ବିଲିୟନ ଡଲାର ହ୍ରାସ ପାଇ ୬୮୨.୧୩ ବିଲିୟନ ଡଲାର ରହିଥିଲା।

# ଏଆଇପିଏନ୍‌ବିଓଏର ୫ମ ବାର୍ଷିକ କ୍ରୀଡ଼ା ସମ୍ମିଳନୀ



ଭୁବନେଶ୍ୱର,୧୫।୧୧

ଅଲ ଇଣ୍ଡିଆ ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ଏଆଇପିଏନ୍‌ବିଓଏ)ର ୫ମ ବାର୍ଷିକ କ୍ରୀଡ଼ା ସମ୍ମିଳନୀ ଶୁକ୍ରବାର ସମ୍ବଲପୁରର ରେଲୱେ ୟାର୍ଡ ଗ୍ରାଉଣ୍ଡ୍‌ଠାରେ ଆରମ୍ଭ ହୋଇଯାଇଛି। ଏପରିକି ୨୦୨୪ ନଭେମ୍ବର ୧୫ ରୁ ୧୭ ପର୍ଯ୍ୟନ୍ତ ହେବାକୁ ଥିବା ଏହି ୩ଦିନିଆ ସମ୍ମିଳନୀରେ ବ୍ୟାଙ୍କର ଭୁବନେଶ୍ୱର, କଟକ, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁର ମଣ୍ଡଳର ଅଧିକାରୀମାନେ ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଯୋଗ ଦେଇ ବ୍ୟାଙ୍କର ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ ମେହେର ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଆଲୋକ ରଞ୍ଜନ ସେନାପତି, ବାଲେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ବିଶ୍ୱଜିତ ବିଶ୍ୱାଳଙ୍କ ସମେତ ତ୍ରୈଲୋଚନ ସାହୁ ସହାୟକ ସାଧାରଣ ସମ୍ପାଦକ ତଥା ସର୍କଲ ସେକ୍ରେଟାରି ଭୁବନେଶ୍ୱର ଓଡ଼ିଶା, ଦୀପକ ପ୍ରଧାନ ସର୍କଲ ସେକ୍ରେଟାରି କଟକ, ଆକାଶ ଦାଶ ସର୍କଲ ସେକ୍ରେଟାରି ବାଲେଶ୍ୱର, ପି.ସନ୍ତୋଷ ପାତ୍ର ସର୍କଲ ସେକ୍ରେଟାରି ବ୍ରହ୍ମପୁର ଏବଂ ସୁନୀଲ କେର୍କେଟା ସର୍କଲ ସେକ୍ରେଟାରି ସମ୍ବଲପୁର ଏବଂ ବ୍ୟାଙ୍କର ବହୁ ସଂଖ୍ୟକ ଅଧିକାରୀ ଉପସ୍ଥିତ ଥିଲେ।


### ନବମ ଜନ୍ମଦିନ ଶୁଭେଚ୍ଛା



ଆୟାନ ପ୍ରଧାନ
ଗ୍ରା- ଲୁତୁରପଙ୍କ, ବୀରମହାରାଜପୁର, ଜି- ସୁବର୍ଣ୍ଣପୁର
ଶୁଭେଚ୍ଛା ସହ- ମାତା: ଅର୍ଚ୍ଚିତା ପ୍ରଧାନ, ପିତା: ସୁଶୀଳ କୁମାର ପ୍ରଧାନ, ରାକ୍ଷୀ, ବନ୍ଧନ, କାହ୍ନା, ପିଣ୍ଟୁ, ପପୁ, ପୂଜା, ସୋନାଲୀ, ଶକ୍ତି, ଅଜା, ଆଈ, ବଡ଼ବାପା, ବଡ଼ମା, ମାମୁ, ମାଇଁ।
ଧ-୧୯୭୫


# ଜିଓ ୱାର୍ଲ୍ଡ ପ୍ଲାଜାରେ 'ଟିରା'ର ଏକ୍ସକ୍ଲୁସିଭ ଆଉଟଲେଟ୍

ମୁମ୍ବାଇ,୧୫।୧୧ (ଅଭୟ ଦାଶ)

ରିଲାଏନ୍ସ ରିଟେଲର ବିୟୁଟି ରିଟେଲ ଚେନ ତଥା ପ୍ରିମିୟମ ବ୍ରାଣ୍ଡ 'ଟିରା'ର ଏକ୍ସକ୍ଲୁସିଭ ଆଉଟଲେଟ ମୁମ୍ବାଇର ଜିଓ ୱାର୍ଲ୍ଡ ପ୍ଲାଜାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରି କି ଏହାର ବିଳାସପୂର୍ଣ୍ଣ ଫ୍ଲାଗଶିପ୍ ଷ୍ଟୋର୍‌ରେ ବ୍ରାଣ୍ଡର ନୂତନ କଲେକ୍ସନଗୁଡ଼ିକୁ ମଧ୍ୟ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ୬୨୦୦ ବର୍ଗଫୁଟ ପରିମିତ ସ୍ଥାନରେ ପ୍ରତିଷ୍ଠିତ ବିଶ୍ୱସ୍ତରୀୟ ବ୍ରାଣ୍ଡଗୁଡ଼ିକର ୧୫ ଟି ଶପ-ଇନ-ଶପ ବୁଟିକ୍ ରହିଛି। ଏହି ଷ୍ଟୋରରେ ବିଳାସପୂର୍ଣ୍ଣ ସ୍କିନ୍ କେୟାର ବ୍ରାଣ୍ଡ ଅଗଷ୍ଟିନସ୍ ବେଡର୍ ମଧ୍ୟ ସାମିଲ ରହିଛି, ଯାହା କେବଳ ଟିରା ଷ୍ଟୋରରେ ଉପଲବ୍ଧ।

ଏ ସମ୍ପର୍କରେ ରିଲାଏନ୍ସ ରିଟେଲ୍ ଭେଞ୍ଚର୍ସ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଅମ୍ବାନୀ କହିଛନ୍ତି, ଭାରତରେ ସୌନ୍ଦର୍ଯ୍ୟ ଏବଂ ବିଳାସକୁ 'ଟିରା' ବ୍ରାଣ୍ଡ ପୁନଃ ପରିଭାଷିତ କରୁଛି, ବିଶ୍ୱସ୍ତରୀୟ ବ୍ରାଣ୍ଡ ଏବଂ ସିଗନେଚର ସେବା ସହିତ ଏହା ଏକ ଭିନ୍ନ ଅନୁଭୂତି ପ୍ରଦାନ କରିବ। ସେହିଭଳି ଜିଓ ୱାର୍ଲ୍ଡ ପ୍ଲାଜାରେ ଆମର ଟିରା ଫ୍ଲାଗଶିପ୍ ଷ୍ଟୋର୍ ପ୍ରେରିତ କରିବା, ସମସ୍ତଙ୍କୁ ଏକାଠି କରିବା ଏବଂ ପରିବର୍ତ୍ତନ ଆଣିବା ପାଇଁ ବେଶ୍ ଯତ୍ନର ସହିତ ଏବଂ ସୁନ୍ଦର ଭାବେ ପରିକଳ୍ପିତ ହୋଇଛି। ଏପରି କି ବିଳାସପୂର୍ଣ୍ଣ ସୌନ୍ଦର୍ଯ୍ୟର ଏହି ଅସାଧାରଣ ଯାତ୍ରାରେ ଗ୍ରାହକମାନଙ୍କୁ ସାମିଲ କରିବାକୁ ଆମେ ପ୍ରସ୍ତୁତ ରହିଛୁ। ସେହିପରି ସୁଗନ୍ଧପ୍ରେମୀମାନଙ୍କ ପାଇଁ ଏହି ଷ୍ଟୋରରେ ଏକ ସ୍ୱତନ୍ତ୍ର ସେଣ୍ଟ ରୁମ୍ ପ୍ରସ୍ତୁତ କରାଯାଇଛି। ଏହାକୁ ଏପରି ଭାବେ ଡିଜାଇନ୍ କରାଯାଇଛି, ସୁଗନ୍ଧଗୁଡ଼ିକ ବାୟୁରେ ଭାସମାନ ରହିଥାଏ। ସେଣ୍ଟ ବା ସୁଗନ୍ଧର ଅନ୍ତର୍ଜାତୀୟ ବ୍ରାଣ୍ଡ ଏବଂ ସୀମିତ-ସଂସ୍କରଣ ସଂଗ୍ରହ ମଧ୍ୟ ଏଠାରେ ଉପଲବ୍ଧ ହେବ। ବିଳାସପୂର୍ଣ୍ଣ ସୌନ୍ଦର୍ଯ୍ୟ ରିଟେଲ ବ୍ୟବସାୟରେ ପ୍ରଥମ ଥର ପାଇଁ ଟିରା ପକ୍ଷରୁ ଟିରା ବିୟୁଟି ସୁଟ୍‌ରେ ସ୍ୱତନ୍ତ୍ର ଇନ-ଷ୍ଟୋର ସ୍କିନ୍ କେୟାର ସେବା ଆରମ୍ଭ କରିଛି। ଟିରାର ସିଗ୍‌ନେଚର ଟ୍ରିଟ୍‌ମେଣ୍ଟରେ ସିଗ୍‌ନେଚର-ଗ୍ଲୋ, ୟୁଥ୍ ଏଲିକ୍ସିର୍ ଏବଂ ଆକ୍ୱା ଇନ୍‌ଫ୍ୟୁଜନ୍ ଫେସିଆଲ ବ୍ୟତୀତ ଅଗଷ୍ଟିନସ୍-ବେଡର୍ ସିଗ୍‌ନେଚର ଫେସିଆଲ ବିଶେଷ ଭାବେ ସାମିଲ କରାଯାଇଛି।



# ଲେନୋଭୋର ନୂଆ ରେଞ୍ଜ

ନୂଆଦିଲ୍ଲୀ,୧୫।୧୧

ଗ୍ଲୋବାଲ ଟେକ୍ନୋଲୋଜି କମ୍ପାନୀ ତଥା ଅଗ୍ରଣୀ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ଲେନୋଭୋର ନୂତନ ରେଞ୍ଜ ସମ୍ଭାର ନିକଟରେ ଶୁଭାରମ୍ଭ ହୋଇଛି। ଏପରି କି ଥିଙ୍କବୁକ୍ ୧୩ଏକ୍ସ ଜି୪ ଏବଂ ଲେନୋଭୋ କେ୧୧ ଟାବ୍‌ଲେଟ୍‌ର ଅପ୍‌ଗ୍ରେଡେଡ୍ ଭର୍ସନ ଭାବେ ଲେନୋଭୋ ଟାବ୍ କେ୧୧ (ଉନ୍ନତ ସଂସ୍କରଣ)ର ଶୁଭାରମ୍ଭ ଘରୋଇ ବଜାରରେ କରାଯାଇଛି। ସେହିଭଳି ଏହାକୁ ଉଦ୍ୟୋଗ ଓ ପେସାଦାର ଲୋକମାନଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଏକ ସୁଲଭ ମୂଲ୍ୟରେ କାର୍ଯ୍ୟଦକ୍ଷତା, ସୁରକ୍ଷା, ପରିଚାଳନା କ୍ଷମତା, ସ୍ଥାୟିତ୍ୱର ଏକ ଉନ୍ନତ ମିଶ୍ରଣ ପ୍ରଦାନ କରୁଛି। ଅପରପକ୍ଷରେ ଥିଙ୍କବୁକ ୧୩ଏକ୍ସ ଜି୪ ୧୧୪,୯୯୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଲେନୋଭୋ ଡଟ୍ କମ୍‌ରେ ଉପଲବ୍ଧ ହେଉଥିବାବେଳେ ଲେନୋଭୋ ଟାବ୍ କେ୧୧ (ଉନ୍ନତ ସଂସ୍କରଣ) ୨୨,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟ ସହ ଲୁନା ଗ୍ରେ କଲର୍‌ରେ ଉପଲବ୍ଧ ହେଉଛି ଏବଂ ଏହାକୁ ଲେନୋଭୋ ଡଟ୍ କମ୍‌ରେ କ୍ରୟ କରାଯାଇପାରିବ।

ଏ ସମ୍ପର୍କରେ ଲେନୋଭୋ ଇଣ୍ଡିଆର ନିର୍ଦ୍ଦେଶକ ଓ କ୍ୟାଟେଗୋରି ହେଡ୍ ଆଶିଷ ସିକ୍କା କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ରେଞ୍ଜକୁ ଭାରତରେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରି କି ଏକ ବିକଶିତ ଉପଭୋକ୍ତା ଚାହିଦାକୁ ଦୃଷ୍ଟିରେ ରଖି କେ୧୧ (ଉନ୍ନତ ସଂସ୍କରଣ) ଟାବ୍‌ଲେଟ୍‌କୁ ଆଜିର ଉଦ୍ୟୋଗ ଓ ପ୍ରଫେଶନାଲଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପରିକଳ୍ପନା କରାଯାଇଛି। ଯାହା କାର୍ଯ୍ୟଦକ୍ଷତା, ସ୍ଥାୟିତ୍ୱ ଓ ପରିଚାଳନା କ୍ଷମତାର ଏକ ଉପଯୁକ୍ତ ମିଶ୍ରଣ ପ୍ରଦାନ କରୁଛି, ଏହାର ଉତ୍କୃଷ୍ଟ ଡିସ୍‌ପ୍ଲେ ଓ ଶକ୍ତିଶାଳୀ ପ୍ରୋସେସିଂ ଏହି ଟାବ୍‌ଲେଟକୁ ଗୋଟିଏ ଡିଭାଇସ୍‌ରେ ବିବିଧତା ଓ ଦକ୍ଷତାର ସନ୍ଧାନ କରୁଥିବା ବ୍ୟବସାୟ ଓ କର୍ମଚାରୀଙ୍କ ପାଇଁ ଏକ ଆଦର୍ଶ ବିକଳ୍ପରେ ପରିଣତ କରୁଛି।


# Classified Everyday
0674-2580101, 2549949


REAL ESTATE
SALE

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45, 000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9 8 5 3 8 0 7 8 9 2 , 9861117460. D-75578

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-1973

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

 କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରେ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76209

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9938015048.** D-1972

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

Ready to move 4 BHK Duplex bungalow at Botanda, Sundarpada, Bhubaneswar near Saivilla, ranging 94 Lakhs. Contact: 9040521173 / 9861125539. D-76030

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891


CONSTRUCTION

**Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469.** D-76203




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-1949

Newly open health benefits SPA special offer @ 799 Bapujinagar. 8018429809. D-76168

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar dtd. 06.11.2024 I, Swati Pattnaik, Address- Plot No.- 405/845, New Colony, Pokhariput, Bhubaneswar, Odisha-751020 declare that I have changed my Name from Swatishree Mohapatra to Swati Pattnaik. Henceforth I shall be known as Swati Pattnaik for all purposes.
Swati Pattnaik.
D-73563

By virtue of an affidavit in the Court of Executive Magistrate, Khordha, Affidavit No.- 1238 on dated 25.07.2024, I, Sabita Baral, aged (31), W/o- Pravakar Baral, resident of At-Bidurapur, P.O.- Jenapur, Sripurusottampur, P.S.- Delanga, Dist.-Puri, Pin- 752016. Declare that after marriage I have changed my name from Sabita Behera to Sabita Baral. Henceforth, she shall be known as Sabita Baral for all purposes.
Sd/- Sabita Baral
D-1971

By virtue of an affidavit sworn before Executive Magistrate, Bhubaneswar dtd 12.11.2024 I, Barsa Sahoo, Address- Plot No.-1713, Lingarajnagar, Mahatab Road, Baunsakhani Area, VTC Oldtown, P.O.- Oldtown, Dist.- Khordha, State- Odisha, PIN- 751002, declare that I have changed my name from Rinky Sahoo to Barsa Sahoo. Henceforth, I shall be known as Barsa Sahoo for all purposes.
D-1976

I, Manobina Padhy, Wife of- Sudhansu Kumar Padhy, resident of At/ Post-Pandarakhali, P.S.- Purushottam Pur, Dist.- Ganjam, Pin- 761043, Odisha, declare by this affidavit No.- 490, dtd- 02.06.2018 that now onwards I shall be known as Manobina Sabat for all future purposes. D-1969

By virtue of an affidavit sworn before Executive Magistrate Erasama, dated 13.11.2024, I Prasanjeet Swain (20 yrs), S/o- Prasanta Swain, Address- Vill- Khurantutha, P.O.- Kunjakothi, P.S.- Erasama, Dist.- Jagatsinghpur, Odisha, Pin- 754139 declare that I have changed my name from Prasanjit Swain to Prasanjeet Swain. Henceforth, I shall be known as Prasanjeet Swain for all purposes.
D-1974

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ମମତା ମହାପାତ୍ର
ମାର୍କଣ୍ଡେଶ୍ୱର ସାହି, ପୁରୀ

ଆବିର୍ଭାବ: ୨୮।୦୮।୧୯୬୯ (ଜନ୍ମାଷ୍ଟମୀ)
ତିରୋଧାନ: ୧୯।୧୧।୨୦୨୧ (କାର୍ତ୍ତିକ ପୂର୍ଣ୍ଣିମା)

ଏଥି ମଧ୍ୟରେ ୩ବର୍ଷ ବିତିଯାଇଛି। ଏବେ ମଧ୍ୟ ଆପଣଙ୍କର ସେହି ହସ ହସ ମୁହଁ ଆମ୍ଭମାନଙ୍କ ମାନସପଟ୍ଟରେ ଝଲସି ଉଠୁଛି। ଆପଣଙ୍କର ଆଦର୍ଶ, ସ୍ନେହ ମନୋଭାବ ଏବଂ ଅନୁଶାସନ ଆମ୍ଭ ସଭିଙ୍କର ପଥ ପ୍ରଦର୍ଶକ ହୋଇ ପାରିଛି। ଆପଣଙ୍କର ଅନୁପସ୍ଥିତିକୁ ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା ଜ୍ଞାପନ କରୁଅଛୁ।

ଶୋକସନ୍ତପ୍ତ: ସ୍ୱାମୀ: ଅଭୟ ନୃସିଂହ ମହାପାତ୍ର, ପୁଅ: ଡୁଗୁ, ଝିଅ: ଦିଶା, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।
ଧ-୧୯୮୦

### ଏକାଦଶାହରେ ଶୋକ ଶ୍ରଦ୍ଧାଞ୍ଜଳି



୰ଭାରତୀ ନାୟକ
ମାର୍କେଟ୍ ଛକ, ବଡ଼ଦାଣ୍ଡ-ପୁରୀ
ଧରାବତରଣ- ୦୨।୦୬।୧୯୬୬
ତିରୋଧାନ-୦୬।୧୧।୨୦୨୪

ପରିବାର ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରିଥିବା ମଣିଷ, କ'ଣ ଏମିତି ହଠାତ୍ ଚାଲିଯାନ୍ତି!! ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଜନ୍ମ ନେଇ, ପ୍ରତିଦିନ ନୀଳଚକ୍ର ଦେଖୁଥିବା ମଣିଷ, ପବିତ୍ର କାର୍ତ୍ତିକରେ ଯିବାଟା ନିଶ୍ଚୟ ଠାକୁରଙ୍କ ଡାକରା। ଆତ୍ମାର ସଦ୍‌ଗତି ହେଉ। ଆମ ପରିବାରରେ ଆଉ ଥରେ ଜନ୍ମ ନିଅ।

ଶୋକସନ୍ତପ୍ତ: ହତଭାଗ୍ୟ ସ୍ୱାମୀ-ଭରତ ନାୟକ, ଝିଅ-ସୁସ୍ମିତା(ମଞ୍ଜୁ), ଜ୍ୱାଇଁ-ଗୁରୁନାରାୟଣ ଛୋଟରାୟ ଓ ରୁଚିସ୍ମିତା ନାୟକ ଏବଂ ଶୋକାକୁଳ ପରିବାରବର୍ଗ।
ଧ-୭୩୫୬୨


# ଚାନ୍ଦି ଭଣ୍ଡାରର ନୂତନ ଅଭିଯାନ

ଭୁବନେଶ୍ୱର,୧୫।୧୧

ରାଜ୍ୟର ଅଗ୍ରଣୀ ରୁପା ରିଟେଲ ଚେନ୍ 'ଚାନ୍ଦି ଭଣ୍ଡାର'ର ବହୁ ପ୍ରତୀକ୍ଷିତ ତଥା ନୂତନ ଅଭିଯାନ (କ୍ୟାମ୍ପେନ) 'ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର' ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବିବାହ ଋତୁ ଉପଲକ୍ଷେ ଷ୍ଟୋର ପକ୍ଷରୁ ରୁପା ଗହଣା ଏବଂ ଆର୍ଟିଫାକ୍ଟର ଅନନ୍ୟ କଲେକ୍ସନଗୁଡ଼ିକୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି।

ଅପରପକ୍ଷରେ ବିବାହ ଏକ କାହାଣୀ, ବଧୂର ଅତି ପ୍ରିୟ ବିରାସତ, ବରର ଆଭୂଷଣ ଏବଂ ପରିବାରର ସମ୍ପତ୍ତି, ଯାହା ପିଢ଼ି ପରେ ପିଢ଼ିଙ୍କୁ ଯୋଡ଼ିଥାଏ। ପ୍ରତି ପିସ୍ ଗହଣା ଏକ ଦମ୍ପତିଙ୍କ ଯାତ୍ରାର ଅଂଶ ବିଶେଷ ପାଲଟିଥାଏ,ସେମାନଙ୍କ ପ୍ରତିଜ୍ଞା ତଥା ସେମାନେ ଏକତ୍ର ତିଆରି କରିଥିବା ସ୍ମୃତିଗୁଡ଼ିକର ଏହା ମୂକସାକ୍ଷୀ ହୋଇଥାଏ। ଏହି ବିବାହ ଋତୁରେ ଚାନ୍ଦି ଭଣ୍ଡାରର ନୂତନ କ୍ୟାମ୍ପେନ 'ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର' ଜରିଆରେ ଉକ୍ତ ସ୍ୱତନ୍ତ୍ର ସଂଯୋଗଗୁଡ଼ିକୁ ପାଳନ କରୁଛି। ନିଜ ଯାତ୍ରାରେ ଚାନ୍ଦି ଭଣ୍ଡାରକୁ ସାମିଲ କରିଥିବା ବାସ୍ତବ ଦମ୍ପତିମାନଙ୍କୁ ନେଇ ଏହି କ୍ୟାମ୍ପେନ ପ୍ରସ୍ତୁତ ହୋଇଛି। ୱେଡିଂ ଷ୍ଟୋରିଜ୍ ମାଧ୍ୟମରେ ଚାନ୍ଦି ଭଣ୍ଡାର ଉକ୍ତ ମୁହୂର୍ତ୍ତକୁ ପାଳନ କରୁଛି,ଯାହାକି ବିବାହକୁ ପରିଭାଷିତ କରିଥାଏ। ଏହି ଅବସରରେ ଷ୍ଟୋର ପକ୍ଷରୁ ରୁପା ଗହଣା ଏବଂ ଆର୍ଟିଫାକ୍ଟର ଅନନ୍ୟ କଲେକ୍ସନ ଉପଲବ୍ଧ ରହିଛି।

ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଥିଲେ, ଆମର ସମସ୍ତ ଗହଣା ନିଜ ନିଜ କାଳଜୟୀ ଡିଜାଇନ ସହ ପ୍ରତି ବିବାହର ପ୍ରେମ, ପରମ୍ପରା ଏବଂ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରିଥାଏ। ଏପରିକି ପିଢ଼ି ପରେ ପିଢି ସ୍ମୃତି ସାଇତି ରଖିବା ପାଇଁ ଆମ ଗହଣା ସର୍ବୋତ୍କୃଷ୍ଟ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।



ସେହିଭଳି ଚଳିତ ବିବାହ ଋତୁକୁ ପାଳନ କରିବାକୁ ଯାଇ ଚାନ୍ଦି ଭଣ୍ଡାର ଏକ ସୀମିତ ସମୟ ଅଫରର ଶୁଭାରମ୍ଭ କରିଛି। ଏହି ଅଫର ୨୦୨୪ ନଭେମ୍ବର ୧୫ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ସମସ୍ତ ଚାନ୍ଦି ଭଣ୍ଡାର ଷ୍ଟୋରରେ ଉପଲବ୍ଧ। ଏପରିକି ଏହା ଜରିଆରେ ଗ୍ରାହକ ଆମର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଗହଣା ଏବଂ କଳାକୃତିର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ।

ଏହି ଅଭିଯାନ ସହିତ ଆମେ ସେହି ସଂଯୋଗ ଏବଂ ପ୍ରକୃତ ଦମ୍ପତିଙ୍କ ପ୍ରାମାଣିକ ସୌନ୍ଦର୍ଯ୍ୟକୁ ପାଳନ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ମାଧ୍ୟମରେ ପ୍ରକୃତ ଉଦ୍ଦେଶ୍ୟ ହେଉଛି, ଚାନ୍ଦି ଭଣ୍ଡାରକୁ ନିଜ ଅର୍ଥପୂର୍ଣ୍ଣ ସେଲିବ୍ରେଶନରେ ସାମିଲ କରିଥିବା ବହୁ ମୂଲ୍ୟବାନ୍ ଗ୍ରାହକଙ୍କୁ କୃତଜ୍ଞତା ଜଣାଇବା। ଆମ ଅଳଙ୍କାର ଶୋଭାଠାରୁ ଅଧିକ-ଏହା ପରମ୍ପରାର ଏକ ଅଂଶ, ପ୍ରେମର ଅଭିବ୍ୟକ୍ତି ଏବଂ ଆମ ଗ୍ରାହକଙ୍କ ବିବାହ କାହାଣୀର ଏକ ଅଂଶ।

# ବଜାରରେ ରେ-ବ୍ୟାନ୍‌ର ଚେଞ୍ଜ ମଡେଲ୍

ନୂଆଦିଲ୍ଲୀ,୧୫।୧୧

ଦେଶର ପ୍ରମୁଖ ଆଇ ୱେର ବ୍ରାଣ୍ଡ ତଥା ରେ-ବ୍ୟାନ୍‌ର ନୂତନ ଉତ୍ପାଦ 'ଚେଞ୍ଜ' (ଚେଞ୍ଜ ଯାହା ଟ୍ରାଞ୍ଜିସନ୍ସ ଦ୍ୱାରା ସମୃଦ୍ଧ)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ରେ-ବ୍ୟାନ୍ ଫ୍ରେମଗୁଡ଼ିକ ଆଶାତୀତ ଆକର୍ଷଣ ପ୍ରଦାନ କରୁଥିବାବେଳେ ଆଲୋକର ରଙ୍ଗ ସହ ଏହା ପରିବର୍ତ୍ତିତ ହୋଇଥାଏ, ଯାହା ଅତ୍ୟାଧୁନିକ ଡିଜାଇନ ସହ ନିର୍ମିତ ହୋଇଛି। ଏହି ଶୁଭାରମ୍ଭ ଅବସରରେ ଏକ ହାଲୁକା ପ୍ରତିକ୍ରିୟାଶୀଳ ଫ୍ରେମ୍ ଟ୍ରାଞ୍ଜିସନ୍ସ ଦ୍ୱାରା ଏହା ବଜାରକୁ ଆସିଯାଇଛି। ରେ-ବ୍ୟାନ୍‌ର ଏହି ଫ୍ରେମ ଆଲୋକ ଉପରେ ନିର୍ଭର ସହ ଶୈଳୀ ଅନୁସାରେ ନିର୍ମିତ ହୋଇଛି, ଯାହା ୟୁଭି ବିକିରଣ ସଂସ୍ପର୍ଶରେ ଆସିଲାବେଳେ ଫ୍ରେମ୍‌ଗୁଡ଼ିକ ସେହି ଅନୁସାରେ ରଙ୍ଗ ପରିବର୍ତ୍ତନ କରିଥାଏ। ଏପରିକି ଏହା ଏକ ସ୍ୱତନ୍ତ୍ର ଲୁକ୍ ପ୍ରଦାନ ସହ ଘର ଓ ବାହାର ମଧ୍ୟରେ ପରିବର୍ତ୍ତନର ଅନୁଭବ ପ୍ରଦାନ କରିଥାଏ। ଏ ସମ୍ପର୍କରେ ଏସିଲୋର ଲକ୍ସୋଟିକାର ସିଏମ୍‌ଓ ଫ୍ରେଡିରିକ ବୁଫା କହିଛନ୍ତି, ଆମେ ଆମର ନୂତନ ଉତ୍ପାଦକୁ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ଗତିଶୀଳ ଉତ୍ପାଦକୁ ନେଇ ଆମେ ଏକୀଭୂତ ହେବା ଲାଗି ଏହାର ଲେନ୍ସ, ଟ୍ରାନ୍ସସାଇନ୍ସ ଓ ଫ୍ରେମ୍‌ରେ ଥିବା ବ୍ରାଣ୍ଡ୍ ଗୁଣବତ୍ତାକୁ ନେଇଛୁ। ରେ-ବ୍ୟାନ୍ ତା'ର ନୂତନତା ଧାରା ଜାରି ରଖିଛି। ଏହା ସବୁବେଳେ ତା'ର ଡିଜାଇନରେ ଅଭିନବତା ସହ ପ୍ରତିକ୍ରିୟାଶୀଳ ଫ୍ରେମ୍ ମାଧ୍ୟମରେ ଚକ୍ଷୁ ପାଇଁ ଉପଯୁକ୍ତ ଉପାୟ ସୃଷ୍ଟି କରିଛି ବୋଲି ସେ ମତପ୍ରକାଶ କରିଛନ୍ତି।

# ନିଜ ବାଟରେ ନିଜେ

ଗଳ୍ପ

ଝରଣା ପଟ୍ଟନାୟକ

ସଂକ୍ରାନ୍ତି ପଶୁ ପଶୁ ଏ ଝଡ଼ି। କାର୍ତ୍ତିକ ମାସଟାକୁ ନିସ୍ତାର ନାହିଁ। ଥରେ ନୁହେଁ, ଏକାଧିକ ଥର ମଧ୍ୟ ଝଡ଼ିବର୍ଷା ଘାରିପକାଏ ଏ ମାସଟାକୁ। ଚାଷୀର ଭେଳା ବୁଡ଼େ। ଧାନକେଣ୍ଡାରେ ଅସହାୟତା ବାରି ହୋଇଯାଏ ଯେତେବେଳେ ଦରଖଣ୍ଡିଆ ଧାନଶିଶା ବେକ ଭାଙ୍ଗି ତଳମୁହାଁ ହୋଇଯାଆନ୍ତି।

ସବୁଠି ଜମାଟ ବାନ୍ଧିଛି ଅସହାୟଭାବ। ତମସା ଝର୍କାଖୋଲି ଦୃଷ୍ଟି ପ୍ରସାରିତ କଲା। ଆକାଶର ନୀଳ ଛାତି ଫୁଲେଇ ଆକୃଷ୍ଟ କରିବା ଢଙ୍ଗରେ ନାହାନ୍ତି। ମ୍ରିୟମାଣ ସମସ୍ତେ।

ପ୍ରାସାଦକୁ ଘେରିଥିବା ପାଚେରି ଆରପାଖେ ଧାନବିଲ। କେନାଲ। କାଶତଣ୍ଡୀ ସଗର୍ବରେ ମୁଣ୍ଡ ହଲେଇ ଦୋହଲୁଛି ପବନକୁ ସାହାରା କରି। ତମସା କିନ୍ତୁ ନିଜେ ନିଜକୁ ବେସାହାରା ଭାବୁଛି।



ଏଠି କିଛି ଠିକ୍ ନାହିଁ। ଦୁଇଦିନ ହେଲାଣି ଶାଶୁ କ'ଣ ଗୋଟେ କହିବାକୁ ଚାହୁଁଛନ୍ତି। କହିଥିଲେ ସକାଳୁ ରେଡି ହେବା ପାଇଁ।

ଦୀର୍ଘଶ୍ୱାସଟିଏ ଛାଡ଼ି ତମସା ଦୁଆର ଖୋଲିଲା। ଶାଶୁ ଛିଡ଼ା ହୋଇଛନ୍ତି ପିଣ୍ଡାରେ। ହାତରେ ଭ୍ୟାନିଟି ବ୍ୟାଗ୍। ମୁହଁରୁ ଜଣାପଡୁଛି କୁଆଡ଼େ ଗୋଟେ ଯିବାକୁ ବାହାରିଛନ୍ତି। କହିଲେ, ''ରେଡି ହୋଇନୁ? ତତେ ପରା କହିଥିଲି ଆଜି ଦିନ ଦଶଟା ସୁଦ୍ଧା ତହସିଲ ଅଫିସ୍‌ରେ ପହଞ୍ଚିବାକୁ ହେବ ବୋଲି? ଆଉ ମାତ୍ର ତିନିଦିନ ବାକି ରହିଲା ରେଜିଷ୍ଟ୍ରେଶନ।''

ତମସା ପଚାରିଲା, ''ରେଜିଷ୍ଟ୍ରେଶନ? କ'ଣ ପାଇଁ? ଚାରିଦିନ ପାଇଁ ବନ୍ଦ ଥିଲା ସ୍କୁଲ୍। ଆସନ୍ତାକାଲି ଯେମିତି ହେଲେ ସ୍କୁଲରେ ପହଞ୍ଚିବାକୁ ହେବ। ଗାଡ଼ିମଟର ମିଳିବ କି ନାହିଁ କେଜାଣି! ମୁଁ ଏଇ ସକାଳୁ ସକାଳୁ ପଳେଇବି।''

'ତୁ ଯାଇପାରିବୁନି ଘରଛାଡ଼ି।' ଶାଶୁଙ୍କ ସ୍ୱରରେ ଦୃଢ଼ପଣ। ମାନେ? 'ଚାକିରି କଲା ଲୋକଟା ଚାକିରି ଜାଗାକୁ ଯିବନି?' କହିଲା ତମସା।

ନା! ଏଥର ତୁ ହବିଷ କରିବୁ। କହିଲେ ଶାଶୁ। ମାସେ ପୁରୀରେ ରହିବୁ।

କାହିଁକି? ପଚାରିଲା ତମସା।

'କାହିଁକି', ଏଇଟା ପରା ବିଧବା ବ୍ରତ! ଜାଣିନୁ କି? ସେଇଥିଲାଗି ତ ସରକାର ପୁରୀରେ ହବିଷିଆଳିଙ୍କ ପାଇଁ ଏତେସବୁ ବ୍ୟବସ୍ଥା କରିଛନ୍ତି। ମୁଁ କହୁଛି, ହବିଷ କରିବା ଆରମ୍ଭ କର। ସ୍ତ୍ରୀ ଧର୍ମ ପାଳନ କର।

ଏଯାଏଁ ବୁଝିବା ଅସହଜ ଥିଲା କଥାଗୁଡ଼ା। ଆଜି ଶାଶୁଙ୍କର ଇଙ୍ଗିତପୂର୍ଣ୍ଣ କଥାରୁ ସେ ବୁଝୁଛି ସ୍ୱାମୀ ଚାଲିଗଲା ପରେ ସ୍ତ୍ରୀଟିର ଜୀବନ କେତେ ହିନିମାନିଆ। ଶୁଭ କାମରେ ସାତଜଣ ଅହ୍ୟଙ୍କ ସହିତ ଛିଡ଼ା ହେବାକୁ ମନା ତାକୁ। ଶାଶୁ ପ୍ରଥମରୁ କହିଦିଅନ୍ତି, ''ତାଙ୍କ ଘରର ବଡ଼ି ମୁଗଜାଇ ଅନୁକୂଳକୁ ତୁ ଯିବୁନି ତମସା।''

ଶାଶୁ ବେଶପଟା ହୋଇ ବାହାରି ଯାଆନ୍ତି। ତମସା ଚାହିଁଥାଏ। ଜୀବନ ଦୁର୍ବିଷହ। ଲୋକାଚାରକୁ ପ୍ରାଧାନ୍ୟ ଦେଉଥିବା ସମାଜରେ ସମ୍ଭାବନା ରହିତ ତା'ର ଜୀବନ। ବିଚ୍ଛିନ୍ନ ସେ ସବୁଥିରୁ, ଝଡ଼ ପରେ ମାଟିରୁ ଗଛ ବିଚ୍ଛିନ୍ନ ହେଲାପରି।

ତମସାର ସ୍ୱାମୀ ଲ୍ୟୁଟ୍‌ନାଣ୍ଟ ଜୟନ୍ତ ମିଶ୍ର ଦେଶ ପାଇଁ ଉତ୍ସର୍ଗୀକୃତ ଥିଲେ। କାମ କରୁଥିଲେ ବର୍ଡରରେ। ସବୁ ଠିକ୍ ଥିଲା। ଆଦବକାଇଦା ସହ ବଞ୍ଚିବାର ଜୀବନ ସ୍ଥିର କରିଥିଲେ। ବିବାହ ପରେ ପାଞ୍ଚବର୍ଷ ଉପଭୋଗ କରିବେ ଜୀବନ। ସନ୍ତାନ ଜନ୍ମକୁ 'ନା' ଥିଲା। ଆରପାରିକୁ ଯୁଦ୍ଧରତ ଜୟନ୍ତ ଚାଲିଗଲେ। ହଜିଗଲା ସବୁକିଛି। ବିଭକ୍ତ ହେଲା ତମସାର ଜୀବନ। ଫେରିଆସିଲା ଭୁବନେଶ୍ୱର। ଯୁଆଡ଼େ ଚାହିଁଲା ଦେଖିଲା କେବଳ ଧୂସର ମାଟି। ଆଶ୍ୱାସନାବିହୀନ। ବିଦୀର୍ଣ୍ଣ ଆକାଶ। ଶାଶୁଙ୍କର କାନ୍ଦ କାନ୍ଦ ମୁହଁ। ହସଶୂନ୍ୟ ଶ୍ୱଶୁରଙ୍କ ମୁହଁ। ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶ।

ତମସାର ଶିକ୍ଷାଗତ ଯୋଗ୍ୟତା ଥିଲା। ସହରଠାରୁ ଅନତିଦୂରରେ ଗୋଟେ ଇଂଲିଶ୍ ମିଡ଼ିୟମ୍ ସ୍କୁଲରେ ଚାକିରି ଆରମ୍ଭ କଲା ତମସା।

ଏବେ ଶାଶୁଙ୍କର ନୂଆନୂଆ ଜୁଲମ ତା' ଉପରେ। ସବୁକିଛି ଛିନ୍‌ଛତର ହୋଇଗଲା ପରେ ଯନ୍ତ୍ରଣାରହିତ ସକାଳଟିଏକୁ ଆଶା କରିବା ତ ସ୍ୱାଭାବିକ! ମାତ୍ର ସେ ପ୍ରତୀକ୍ଷିତ ସୂର୍ଯ୍ୟକିରଣ କାହିଁ?

ହବିଷ! ପୁରୀରେ ସରକାରଙ୍କର ଛତ୍ରଛାୟା ତଳେ ରହି ନିତି ଦି' ମୁଠା ମାଗଣା ଭୋଜନ ପାଇବ, ମନ୍ଦିର ଦର୍ଶନ କରିବ, ଏଇଆ ତ? ନା ଆଉ କିଛି?

ତମସାର ମୁହଁରେ ଅବଜ୍ଞାର ଭାବ ସ୍ପଷ୍ଟ ହେଉଥିଲା। ଶାଶୁ ଚେୟାରରେ ବସି ତମସାକୁ ଚାହିଁ କହୁଥିଲେ ସବୁ ସୁବିଧା ସେଠି। ଗାଧୋଇବା ପାଇଁ ଗରମ ପାଣି, ଦୁଇଜଣିଆ ରୁମ୍‌ରେ ଅଲଗା ଅଲଗା ଖଟ, ସମୁଦ୍ର ବାଲିରେ ଯାଇ ରାଧାଦାମୋଦର ପୂଜା କରିବା ପାଇଁ ସ୍ୱତନ୍ତ୍ର ଯାନର ବ୍ୟବସ୍ଥା। ସବୁ ସୁବିଧା ସରକାର କରିଛନ୍ତି।

ଟେକାଟିଏ ପଡ଼ିଗଲା ଯେମିତି ତମସାର ଭାବନା ଉପରେ। ସ୍ୱାଧୀନ ଭାବରେ ଜୀବନ ବିତେଇବା ପାଇଁ ଚାକିରିରେ ପଶିଲା ସେ। କାହିଁକି ଯିବ ସେ ପୁରୀ! ଏବେ ସେ ଆତ୍ମନିର୍ଭରଶୀଳ। ସେ ହବିଷ କରିବ ନାହିଁ। ସଂକୁଚିତ ହୋଇ ରହିବ ନାହିଁ ବୁଢ଼ୀହାଡ଼ିଙ୍କ ସାଙ୍ଗରେ। ପ୍ରତିଶ୍ରୁତିବଦ୍ଧ ତା' ଜୀବନ। ନୂତନ ସୂର୍ଯ୍ୟୋଦୟ ପାଇଁ ଅପେକ୍ଷାରତା ସେ। କମ୍ପିଟେଟିଭ୍ ଦେବ। ବଡ଼ ଚାକିରି କରିବ।

ତମସାର ହାବଭାବକୁ ଲକ୍ଷ୍ୟକରି ଶ୍ୱଶୁରଙ୍କର ରକ୍ଷଣଶୀଳ ମନୋବୃତ୍ତିର ତୀବ୍ର ପରିପ୍ରକାଶ ହେଲା ତାଙ୍କ ଶବ୍ଦରେ। ବସିବା ଜାଗାରୁ ଉଠିପଡ଼ି କହିଲେ, ''ଏତେବେଳଯାଏଁ ଚୁପ୍ ହୋଇ ଠିଆହୋଇଛୁ କ'ଣ? ତୁ ଅଲବତ୍ ହବିଷ କରିବୁ। ପୁରୀ ତତେ ଯିବାକୁ ହେବ ପହିଲୁ ବ୍ରତ କରିବା ପାଇଁ।''

କୁଆଡ଼େ ଥିଲା କେଜାଣି ସେ ପବନ, ସୁ ସୁ ହୋଇ ମାଡ଼ିଆସିଲା। ଆକାଶର ନୀଳଛାଇକୁ ଡାଙ୍କି ପକେଇଲା କଳାହାଣ୍ଡିଆ ମେଘ। ସମ୍ପର୍କ ଛିନ୍‌ଭିନ୍ ହେବାପରି ଲାଗିଲା। ଏଇଗଲା ଦେଢ଼ବର୍ଷ ଭିତରେ କେବେ ଶୁଣି ନ ଥିବା କଟୁ ସ୍ୱର ତମସାର ଜୀବନ ପାଇଁ ଝଣ୍‌ଝଣ୍ ଶବ୍ଦ କରୁଥିବା ତୀକ୍ଷ୍ଣ ଛୁରି ସାଜିଲା।

ଏକଲା ହୋଇଗଲା ପରେ ଆଗାମୀ ଜୀବନକୁ ସାଇତି, ସଜାଡ଼ି ରଖିବା ପାଇଁ ତା'ର ପ୍ରଚେଷ୍ଟା ମାଟିକାମୁଡ଼ି ଚେତା ଯେ ଶୂନ୍ୟହେବ ସେ କଥା ସେ ସହ୍ୟ କରିପାରିବ ନାହିଁ।

ତମସା ସୁନାବୋହୂ ହୋଇ ରହିବାର ଇଚ୍ଛାକୁ ଧକ୍କା ଦେଇ କାଢ଼ିଦେଲା। ନିଜର ଜୀବନ ଜୀବିକା ପାଇଁ ମୁଠେଇ ଧରିଥିବା ସ୍କୁଲର ଛାତ୍ରୀଛାତ୍ରଙ୍କୁ ସେ କୋଉ ଆଳ ଦେଖେଇ ପଢ଼ିବାରୁ ବଞ୍ଚିତ କରିବ? ତମସା ଶ୍ୱଶୁରଙ୍କର ଗର୍ଜନକୁ ଡରିଲା ନାହିଁ। କହିଲା; ବାପା! ମୁଁ ହବିଷିଆଳିଙ୍କ ତାଲିକାରେ ନାଁ ରଖିବି ନାହିଁ। ମୋର ଦୋଷ କ'ଣ? ଦେଖୁଛି ଦିନକୁ ଦିନ ଆପଣମାନେ କଠୋର ହେଉଛନ୍ତି। ମୁଁ ଘର ଛାଡ଼ିବି।

କିଛି ସମୟ ଅତିକ୍ରାନ୍ତ ହୋଇଗଲା। କାନ୍ଥକୁ ଆଉଜି ଛିଡ଼ା ହୋଇଥିଲେ ତମସାର ଶାଶୁ। କ୍ରୋଧର ଭାର ସମ୍ଭାଳି ନ ପାରି ଓଗାଳି ଦେଲେ ବେହିସାବୀ ଶବ୍ଦ। କହିଲେ, ତୁଟା ଗଲୁ ଘରୁ! ସକାଳ ପାଇଲେ ଦେଖିବାକୁ ପଡୁଛି ତୋ ଅଲକ୍ଷଣୀ ମୁହଁଟା।

ଶ୍ୱଶୁର କହିଲେ; ଯିବୁ ଯଦି ଘରଛାଡ଼ି ଚାଲିଯା'। ତୋ' ହାତରେ ପାଞ୍ଚପୁରୁଷ ପାଣି ପାଇବେନି। କୋଉ କାଳବେଳାରେ ଜନ୍ମ ହୋଇଥିଲୁ ମୋ' ପୁଅକୁ ଅନ୍ତର କରିଦେଲୁ ସବୁଦିନ ପାଇଁ।

ତମସା ଉଚ୍ଚାଟିତ। କହିଲା- ମୁଁ ତ ହତ୍ୟା କରିନାହିଁ ଆପଣଙ୍କ ପୁଅକୁ। ପ୍ରାୟଶ୍ଚିତ୍ତ କାହିଁକି କରିବି। କାହିଁକି ଗୁହାରି କରିବି ଜଗନ୍ନାଥଙ୍କୁ ମୋ' ନିଜ କଥା। ଭୁଲ୍ କରିନି। 'ଠାକୁରେ ଦୋଷ କ୍ଷମା କର' ବୋଲି କାହିଁକି କହିବି? କାହିଁକି ପୁରୀରେ ହବିଷିଆଳି ଶିବିରରେ ରହିବି?

ଘର ଭିତରେ ପଶି ବ୍ୟାଗ୍ ସଜାଡ଼ିଲା ବେଳେ ପଶୁଥିଲା ହାବୁକା ହାବୁକା ପବନ ଝର୍କାବାଟେ। ବାତ୍ୟା ପରବର୍ତ୍ତୀ ଧରିତ୍ରୀର ଛାତି ଉପରେ ମୁହଁମାଡ଼ି, ଆଣ୍ଠେଇ ପଡ଼ି ବିକଳ ମୁହଁ ଦେଖାଉଛନ୍ତି ବୃକ୍ଷଲତା। ପବନର ସ୍ୱରରେ ଆକୁଳତା। ବ୍ୟାକୁଳତାର ସ୍ୱରଟେ ଘୂରିବୁଲୁଛି ସବୁଆଡ଼େ। ଜୟନ୍ତ ଛୁଇଁଥିବା, ଜୟନ୍ତ ବ୍ୟବହାର କରିଥିବା ବସ୍ତୁମାନେ ବିଳାପ କରୁଛନ୍ତି ଯେମିତି।

ତମସାର ଛାତି ଭାରି ଲାଗିଲା। କାନ୍ଥରୁ ତା'ର ଆଉ ଜୟନ୍ତଙ୍କର ବିବାହ ବେଳର ଫଟୋଟି କାଢ଼ି ବ୍ୟାଗ୍‌ରେ ରଖିବାବେଳେ ଜୟନ୍ତଙ୍କ କଥା ମନେପଡ଼ିଲା ତମସାର। ବିପୁଳାଚ ଏ ପୃଥ୍ୱୀରେ ସମସ୍ତଙ୍କର ଅଧିକାର ଅଛି ଜୀବନ ବଞ୍ଚିବା ପାଇଁ। ନିଜ ବାଟରେ ନିଜ ପାଇଁ ନିଜେ ସାମର୍ଥ୍ୟ ଜୁଟାଅ କିଛି କରିବା ପାଇଁ।

ଦୁଆରଖୋଲିଆଗକୁପାଦବଢ଼େଇଲା ତମସା। ଅନେଇଲା ନାହିଁ ପଛକୁ।

ମୋ: ୯୪୩୭୫୪୪୦୪୫

# ହାତ

ପ୍ରଭଞ୍ଜନ ଦାଶ

ମିନିଗଳ୍ପ

ଷ୍ଟେଶନ୍‌ର କୋଳାହଳ ଭିତରେ ବାଟ କାଢ଼ି ଆଗକୁ ବଢ଼ିବା ଖୁବ୍ କଷ୍ଟକର ଥିଲା। ପାଦକୁ ପାଦ ଛନ୍ଦି ହୋଇ ପଡୁଥିଲା। ସ୍ୱଳ୍ପ ଦୂରତାକୁ ଆଡ଼େଇ ଆଗେଇବା ଛଡ଼ା ଅନ୍ୟ କିଛି ଉପାୟ ନ ଥିଲା ମୋର। ଗହଳି ଭିତରେ ବ୍ୟସ୍ତ ହୋଇ ପଡୁଥିବାବେଳେ ହଠାତ୍ କାହା ହାତର ନରମ ଉଷ୍ମତାକୁ ଅନୁଭବ କରି ମୁଁ ବୁଲି ଚାହିଁଲି। ଛୋଟ ପିଲାଟିଏ ଭିଡ଼ ଭିତରେ ମୋ' ପାପୁଲିକୁ ମୁଠେଇ ଧରିଛି। ମୋ' ଚାଲିବାକୁ ଅନୁକରଣ କରି ଆଗେଇ ଚାଲୁଛି। ସେ କିଏ? ଏଠି କାହିଁକି? ପ୍ରଶ୍ନର ଲହଡ଼ି ଉଙ୍କି ମାରୁଥିଲା ମନରେ। କିନ୍ତୁ ପଚାରିବା ସମ୍ଭବ ନ ଥିଲା। ଭିଡ଼ ଭିତରେ କିଛି ବାଟ ଆସିବା ପରେ ହଠାତ୍ ସେ ହାତ ଛାଡ଼ିଦେଲା। ମୁଁ ପଛକୁ ବୁଲି ଚାହିଁଲି। ଦଉଡ଼ି ଯାଇ ସେ ଜାବୁଡ଼ି ଧରିଲା ଜଣେ ଅସହାୟା ବିଧବା ମହିଳାଙ୍କୁ। ମମତାଠୁ ଅଧିକ କ'ଣ ବା ପରିଚୟ ହୋଇପାରେ! ଦୁହିଁଙ୍କ ମୁହଁରେ ଖୁସିର ଲହଡ଼ି। ଟିକେ ନିରେଖି ଦେଖିଲି ମୋ' ପାପୁଲିକୁ, ମଇଳା ଦାଗଟେ ଲାଗିଛି। ସତେ ଯେମିତି ସେ ଆଗରୁ ମାଟିରେ ଝୁଣ୍ଟି ପଡ଼ିଛି। ନିଜେ ଉଠିପଡ଼ି ପୁଣି ଚାଲୁଛି। ମୁଁ ବି ପିଲାଦିନେ ଅନେକ ଝୁଣ୍ଟିଛି। ହେଲେ ଆଗରୁ ବାପାଙ୍କ ହାତ ମତେ ଭିଡ଼ି ଧରିଛି। ବାପାଙ୍କ ହାତ ସିନା ଚାଲିବା ଶିଖେଇଛି, କିନ୍ତୁ ଜୀବନ ରାସ୍ତାରେ ଚାଲୁଚାଲୁ ଅନେକ ଅଜଣା ହାତ ବି ଏମିତି ବାଟ କଢ଼େଇ ନେଇଛି।

ମୋ: ୭୩୨୬୯୫୯୯୯୫



## କାଳକାଳକୁ

''ବହିଠୁଁ ଅଧିକ ରହସ୍ୟମୟ ଓ ମେଘଠୁଁ ଅଧିକ ଚଳନଶୀଳ ମଣିଷର ମନ।''
– ଲୁଇସା ମେ ଆଲ୍‌କଟ



**ଲୁଇସା ମେ ଆଲ୍‌କଟ**ଙ୍କ ଜନ୍ମ ୨୯ ନଭେମ୍ବର ୧୮୩୨ରେ ଆମେରିକାର ପେନ୍‌ସିଲଭାନିଆରେ ଓ ପରଲୋକ ୬ ମାର୍ଚ୍ଚ ୧୮୮୮ରେ ବୋଷ୍ଟନ୍‌ରେ। ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ମଧ୍ୟରେ 'ଲିଟିଲ୍ ଓମେନ୍' (୧୮୬୮) ସବୁଠୁଁ ପଠିତ ଓ ଚର୍ଚ୍ଚିତ। ଏହି ଉପନ୍ୟାସର ପରବର୍ତ୍ତୀ ଭାଗଗୁଡ଼ିକ ହେଉଛି 'ଗୁଡ୍ ୱାଇଭ୍‌ସ' (୧୮୬୯), 'ଲିଟିଲ୍ ମେନ୍' (୧୮୭୧) ଓ 'ଜୋ'ସ୍ ବଏଜ୍' (୧୮୮୬)। ଆମେରିକାର ଗୃହଯୁଦ୍ଧ ସମୟରେ ଜଣେ ନର୍ସ ଭାବେ କାର୍ଯ୍ୟରତା ଏହି ଲେଖିକା ତାଙ୍କ ଅଭିଜ୍ଞତାର ଆଧାରରେ ଲେଖିଛନ୍ତି ତାଙ୍କର ଅନ୍ୟତମ ବହୁଆଦୃତ ପୁସ୍ତକ 'ହସ୍‌ପିଟାଲ, ସ୍କେଚେସ୍'। 'ଲିଟିଲ୍ ଓମେନ୍' ହେଉଛି ନିଜର ତିନି ଭଉଣୀଙ୍କ ସହ ଲେଖିକା ବିତାଇଥିବା ତାଙ୍କ ବାଲ୍ୟଜୀବନର ଅନୁଭୂତି ବୟାନ।

## ପୁସ୍ତକ ପରିଚୟ

### ଆମ ସଂସ୍କୃତିର ଉଭାଧନ: ପୋତାଧନ


**ଲେଖିକା:** ଡ. ଜୟନ୍ତୀ ରଥ
**ପ୍ରକାଶକ:** ବିଦ୍ୟା ପବ୍ଲିଶିଙ୍ଗ୍, ଟରୋଣ୍ଟୋ, କାନାଡ଼ା
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୫୦୦/–



ପାଖାପାଖି ୪୦୦ ପୃଷ୍ଠା ସମ୍ବଳିତ ଆଲୋଚ୍ୟ ନିବନ୍ଧଗ୍ରନ୍ଥରେ ମୋଟ ୪୫ଟି ନିବନ୍ଧ ସ୍ଥାନିତ ହୋଇଛି। ଏଥିରେ ଚର୍ଚ୍ଚିତ ବିଷୟଗୁଡ଼ିକ ବିବିଧ। ଓଡ଼ିଶାର ନୃତ୍ୟକଳା, ମନ୍ଦିର ସ୍ଥାପତ୍ୟ, ପଟ୍ଟଚିତ୍ର, ସହିଦ–ସ୍ମରଣ, ସାହିତ୍ୟ, ସଂସ୍କୃତି, ଧର୍ମ, ନୌବାଣିଜ୍ୟ, ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଆଦିବାସୀ ଜନଜୀବନର ବିଶ୍ଳେଷଣ କଲାବେଳେ ଲେଖିକା ବିଶେଷଭାବେ ଐତିହାସିକ ତଥ୍ୟନିଷ୍ଠ। ଡ. ସଂଘମିତ୍ରା ମିଶ୍ର 'ମୁଖବନ୍ଧ'ରେ ଲେଖିଛନ୍ତି: ''ଜଣେ ସଚେତନ ଶିଳ୍ପୀ ସମଗ୍ର ଜୀବନ ରାଜ୍ୟ ସଂଗ୍ରହାଳୟ ପରିସରରେ ଆମେ ଭୁଲିଯାଇଥିବା 'ପୋତାଧନ'କୁ ନେଇ ଇତିହାସର ତଥ୍ୟକୁ ଅବଲୋକନ କରିଛନ୍ତି। ସର୍ଜନଶୀଳ ଲେଖିକା ଜୟନ୍ତୀ ରଥଙ୍କ ଗଳ୍ପଗୁଡ଼ିକରେ ଏହି ଇତିହାସର ଛିଟା ପାଠକକୁ ମୁଗ୍ଧ କରେ। ସେହି ଗଭୀର ମନନଶୀଳତାର ସାର୍ଥକ ଇସ୍ତାହାର ଏହି ପୁସ୍ତକ।'' ରାଜ୍ୟ ସଂଗ୍ରହାଳୟରେ ବୃତ୍ତିନିବଦ୍ଧ ଥିବାବେଳେ ଅବସର ସମୟର ସଦ୍‌ବ୍ୟବହାର କରି ଲେଖିକା ଏହି ଯେଉଁ ପ୍ରବନ୍ଧଗୁଡ଼ିକ ରଚନା କରିଛନ୍ତି, ଏଥିରେ ଏପରି ତଥ୍ୟ ଓ ଜ୍ଞାତବ୍ୟ ବିଷୟ ରହିଛି, ଯଦ୍ୱାରା ଗବେଷକ ଓ ଛାତ୍ରୀଛାତ୍ରଙ୍କଠୁଁ ଆରମ୍ଭକରି ସାଧାରଣ ପାଠିକାପାଠକଙ୍କ ଯାଏଁ ଲାଭବାନ୍ ହେବାର ପ୍ରଶସ୍ତ ଅବକାଶ ରହିଛି। ବିଶେଷକରି ଓଡ଼ିଶାର ମନ୍ଦିର ସ୍ଥାପତ୍ୟକୁ ବିଭିନ୍ନ ରାଣୀଙ୍କର ଅବଦାନ ବିଷୟ ଗ୍ରନ୍ଥରେ ଯେପରି ବିବୃତ ହୋଇଛି, ତାହା ଯେତିକି ଜ୍ଞାନବର୍ଦ୍ଧକ, ତତୋଽଧିକ ପାଠ୍ୟାନନ୍ଦ ପ୍ରଦାନରେ ଯେ ସହାୟକ, ଏଥିରେ ସନ୍ଦେହ ନାହିଁ। ଆଶା, ପୁସ୍ତକଟି ଯେକୌଣସି ପାଠାଗାର, ଅନୁଷ୍ଠାନ ଓ ସର୍ବୋପରି ବ୍ୟକ୍ତିଗତ ସଂଚୟର ବିରଳ ବାଣୀବିଭବ ହୋଇ ରହିବ।

### ଭକ୍ତର ଭଗବାନ

**ଲେଖକ:** ଶ୍ରୀ ରଘୁନାଥ ଜେନା
**ପ୍ରକାଶକ:** ଦିବ୍ୟଦୂତ ପ୍ରକାଶନୀ, ରାଜାବଗିଚା, କଟକ-୯
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୨୦/–



ଆଲୋଚ୍ୟ ପୁସ୍ତକଟି ବହୁଶ୍ରୁତ ଭକ୍ତଙ୍କ ଜୀବନବୃତ୍ତକୁ ଭାଷାରେ ଉଜାଗର କରିବାର ଏକ ମହତ୍ ପ୍ରଚେଷ୍ଟା ମନେହୁଏ। ଶିଶୁଭକ୍ତ ଧ୍ରୁବଙ୍କଠୁଁ ଆରମ୍ଭକରି ଭକ୍ତ ରଘୁ ବେହେରାଙ୍କ ଯାଏଁ ମୋଟ ୨୨ଜଣ ଭକ୍ତଙ୍କର ଜୀବନବୃତ୍ତାନ୍ତ ଗ୍ରନ୍ଥଟିରେ ସ୍ଥାନ ପାଇଛି। ପ୍ରହଲ୍ଲାଦ, ଅଜାମିଳ, କୈବର୍ତ୍ତ, ଶ୍ରମଣା, ସୁଦାମା, ବିଦୁର, ସୁଧନ୍ୱା, ଜୟଦେବ, ତୁଳସୀ ଦାସ, ମୀରା, କରମା ବାଈ, ବିଲ୍ୱମଙ୍ଗଳ, ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ, ଶିଶୁ ଅନନ୍ତ ଦାସ, ଦାସିଆ, ସାଲବେଗ, ବନ୍ଧୁ ମହାନ୍ତି, ରଘୁ ଅରକ୍ଷିତଙ୍କ ଈଶ୍ୱର–ସମର୍ପିତ ଜୀବନୀକୁ ଏପରି ସୁଖପାଠ୍ୟ ଢଙ୍ଗରେ ଲେଖକ ବାଢ଼ିଦେଇଛନ୍ତି, ଯାହା ସବୁ ବର୍ଗର ପାଠିକାପାଠକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ଭକ୍ତମାନଙ୍କର ଏହି ଜୀବନଗାଥାକୁ ଲେଖକ ବିଭିନ୍ନ ପୁରାଣ, ଦାର୍ଢ୍ୟତାଭକ୍ତି, ଭକ୍ତି ଚରିତାମୃତ ଭଳି ମହନୀୟ ଗ୍ରନ୍ଥରୁ ସଂଗ୍ରହ କରିଥିଲେ ବି ନିଜସ୍ୱ ପ୍ରକାଶରୀତିରେ ତାହା ମୌଳିକ ହୋଇପାରିଛି। ବହିରେ ସଂସ୍କୃତ ଓ ଓଡ଼ିଆ କାବ୍ୟିକ ଉକ୍ତିମାନଙ୍କର ସମାବେଶ ଶିକ୍ଷଣୀୟ ହୋଇଛି। ସତ୍ୟଯୁଗରୁ କଳିଯୁଗ ପର୍ଯ୍ୟନ୍ତ ସୁଦୀର୍ଘ କାଳଅବଧିରେ ଅବିସ୍ମୃତ ଭକ୍ତମାନଙ୍କ ଜୀବନର ଘଟଣାବଳୀକୁ ଗଳ୍ପୋପମ କରି ଆଲୋଚ୍ୟ ଗ୍ରନ୍ଥରେ ସନ୍ନିବେଶିତ କରାଯାଇଥିବାରୁ ଏହାର ଗରିମା ଅନନ୍ୟ।

## କବିତା

### ପ୍ରୀତିପଦ୍ମା

ଦୀପ୍ତି ମିଶ୍ର

ସେଦିନ କେହି ଜଣେ ଆଙ୍କି ଦେଇଥିଲେ
ମୋର ହସକୁ ସୁନ୍ଦର କରି।
ଏକ ଐତିହାସିକ ପୋଟ୍ରେଟ୍ ପରି
ଏହା ଆଣି ଦେଇଥିଲା
ମୋତେ ଅରତୁରେ ଋତୁର ଅନୁଭବ।
କ୍ଷୁଦ୍ର ଅଙ୍କୁରିତ ବୀଜ
ଆକାଶକୁ ଛୁଇଁବାର ସ୍ୱପ୍ନରେ
ମସ୍‌ଗୁଲ ହୋଇ
ମାଡ଼ି ଚାଲିଥିଲା ଆଗକୁ
ମାଟିର ଆବେଗ ଆଶ୍ଳେଷକୁ ନେଇ।

ମୁଁ ଏବେ ଭୂମିଲଗ୍ନା ଫୁଲମତୀ,
ଅଭିମାନ ନାହିଁ ତୁମ
ଛଳନାର ଛଦ୍ମବେଶୀ ଆବିର୍ଭାବରେ...
ମୋ' ଆଖିରେ ପ୍ରତିବିମ୍ବିତ
ଅଯୁତ ଯୁଗର ସ୍ୱପ୍ନ,
ନିରବତାର କଥା କହେ
ଚିକ୍‌ମିକ୍ ବିଜୁଳିର ଚମକ।
ଚେତନା ବିସ୍ଫାରିତ...
ଆର୍ତ୍ତ ଚିତ୍କାର ରୂପାନ୍ତରିତ,
ସମ୍ଭାବନାର ନୀଳକଇଁ ଉଦ୍ଭିତ,
ମାଟିମଗ୍ନା କବିତା
ଆକାଶର ଛାତ ତଳେ
ପାଇଛି ତା'ର ଅସ୍ତିତ୍ୱ,
ଅନୁଭବ କରେ ତା'ର ମୁଗ୍ଧପଣ।

ଭଲପାଅ ବୋଲି ତୁମେ
ମୁଁ ଏବେ ସୁରକ୍ଷିତ...
ତୁମରି ପ୍ରେମର ସାଗରରେ
ବୁଡ଼ି ରହିଥିବା ଶାନ୍ତିର
ଶାମୁକା ମଧ୍ୟରେ ମହାନନ୍ଦର
ମୋତିଟିଏ ଅବା।
ମୁଁ ଏବେ ପ୍ରୀତିସିକ୍ତା...
ତୁମ ମଧୁର ଉଷାର କିରଣରେ
ଅନୁରଞ୍ଜିତା ପଦ୍ମକଳିଟିଏ
ଆଶାର ପଦଯାତ୍ରା ଭୂମିରୁ ଭୂମାକୁ
ବୁଣିଦିଏ ବିଶ୍ୱାସର ବୀଜ।
ହେ ପ୍ରିୟତମ! ତୁମ ପ୍ରୀତିର ଆତ୍ମୀୟତା
ବାନ୍ଧି ରଖେ ମୋତେ ଅହରହ,
ତୁମ ଅନନ୍ତ ନୀଳିମାରେ ସ୍ନାନ
କରିବାର ଅପୂର୍ବ ଆନନ୍ଦ
ଚିରପୂର୍ଣ୍ଣିମାର ଆଭାସଦିଏ...
ଆଉ ଜାଣ... ମୋତେ ଲାଗେ
ତୁମେ ଆଉ ମୁଁ ଏକ ଓ ଅଭିନ୍ନ।

ମୋ: ୯୪୩୮୪୦୪୩୦୮

କ ବି ତା

### ତଅପୋଇ

ନୃସିଂହ ତରାଇ

ଲୁହର କାକରବୁନ୍ଦାରେ
ଟଳମଳ ହେଉଛି
ଗୋଟେ କାନ୍ଦ କାନ୍ଦ ମୁହଁ।

ଘୋ ଘୋ ଝଡ଼
ଓ ବାଦଲଫଟା ବର୍ଷାରେ
ଭାସିଯାଉଛି ସବୁ ଅସହାୟତା
ଦାମ୍ଭିକତାର ଦରୋଟି ଉସ।

ଘରେ ଅଦଉତିର
ଚିରା ଫଟା ଦାଗରେ
ବିବର୍ଣ୍ଣ ତା' କଅଁଳ ସ୍ୱପ୍ନ।

ଅନ୍ଧାର ଘନେଇ ଆସିଲାଣି
ଯେମିତି ରକ୍ତମୁଖା ବାଘ
କି, କାହାର ଲୋଲୁପତାର
ଭଉଁରିରେ ଚକ୍କର କାଟୁଚି
କେଉଁ ନାବାଳିକାର ଦୋରସା ଦେହ।

ନିରିମାଖି ଆଉ ଖୋଜୁନି
ଭାତ ଲୁଗା, ଅତର
କି ଆକାଶର ଚାନ୍ଦ।

ଅନ୍ଧାରର ଆୟତ୍ତରେ
ହଜିଲା ଘରମଣି,
ପ୍ରିୟ ପ୍ରତ୍ୟୟ।

ସକାଳର ସୂର୍ଯ୍ୟୋଦୟକୁ
ଚାହିଁ ବସିଛି
ଅଲିଅଳ ତଅପୋଇ
ଅସୁମାରି ବିଶ୍ୱାସରେ।

ମୋ: ୭୯୭୮୩୮୧୨୧୩

ଗୀତି–କବିତା

### ପରିପୂରକ

ସନ୍ୟାସୀ ନାୟକ

ଆମ ଗାଁ ନଈ, ତୁମ ଗାଁ ଦେଇ
ବୋହିନିଏ କେତେ ପାଣି,
ସେ ପାଣିରେ ମୋର
କେତେ ଲୁହ ମିଶେ
ତୁମେ କି ପାରିଛ ଜାଣି?

ଆମ ଗାଁ ପବନ, ବାତୁଳ ବାପୁଡ଼ା
ବହେ ଶୀତଳତା ନେଇ,
କେତେ ଶିହରଣ, ଖେଳାଉଥିବ ଯେ
ତୁମ ଦେହ ଛୁଇଁ ଛୁଇଁ।

ଆମ ଗାଁ ଗୁଡ଼ି, ତୁମ ଗାଁ ଆକାଶେ
କାନି ଖାଇ ଖାଇ ଉଡ଼େ,
ତୁମକୁ ଟିକିଏ ଦେଖିବା ପାଇଁକି
ଭୂଇଁରେ ସେ ଲୋଟିପଡ଼େ।

ଆମ ଗାଁ କୋଇଲି, ତୁମ ଆମ୍ବଡାଳେ
କୁହୁ କୁହୁ ଡାକେ କେତେ,
ଯେତେ ଥର ତୁମେ ଉତ୍ତର ରଖିବ
ବଢୁଥିବ ପ୍ରେମ ସେତେ।

ପ୍ରେମ ତ ଏମିତି, ଅଢ଼େଇ ଅକ୍ଷର
ମାନେ ନାହିଁ ବାଡ଼ବତା,
ଆଖିରେ ଆଖି ତ ମିଶିଗଲା ପରେ
ହୃଦୟ କୁହଇ କଥା।

ଆମ ଗାଁ ରାସ୍ତାର ଚଉଡ଼ା ଛାତିରେ
ତୁମ ଗାଁ ରାସ୍ତା ମିଶିଛି,
ସବାରି କି ତୁମ, ହୃଦୟ ପ୍ରସାରି
ଅପେକ୍ଷାରେ ରହିଅଛି।

ମୋ: ୯୪୩୭୩୫୨୫୬୦

# ହସକୁରୀ ଝିଅ

ପଦ୍ମାଳୟା ସାମଲ

ଲଘୁଗଳ୍ପ

ଚମ୍ପି ତାଳି ମାରି ଜୋରରେ ହାଃ ହାଃ ହୋଇ ହସିଉଠିଲା ତା'ର ସାନଭାଇକୁ ଘର ସାମ୍ନାରେ ସାଇକେଲରୁ ଗଳିପଡ଼ିବା ଦେଖି। ଏତିକିବେଳକୁ ଜେଜେମା'ର ଟାଣ କଥା ତା' କାନରେ ବାଜିଲା– ''ହଇଲୋ ଓପରମୁହିଁ ଘୋଡ଼ୀ! ତୋର ଥାନ ଅଥାନ ବୋଲି କିଛି ନାହିଁ। ପିଲାଟା ସାଇକେଲରୁ ପଡ଼ି ରଡ଼ିଛାଡ଼ି କାନ୍ଦୁଛି ଆଉ ତୁ ଏତିକି ବେଳକୁ ଠୋ ଠୋ ହୋଇ ହସୁଛୁ। ଅଲାଜୁକୀ ଲାଜ ନାହିଁ ତୋ' ମୁହଁକୁ ଯାହା।'' ଚମ୍ପିକୁ ପୁଣି ଥରେ ହସମାଡ଼ିଲା। କିନ୍ତୁ ସେ ହସିବା ପୂର୍ବରୁ ତା' ଖୁଆକୁ ଝିଙ୍କି ବୋଉ ତା'ର ଘର ଭିତରକୁ ଟାଣି ଆଣିଲା। ବଡ଼ ଆଖି ଦେଖେଇ କହିଲା, 'ବଡ଼ ଝିଅ ହେଲୁଣି, ଏଣିକି ହସରେ ରୋକ ଲଗା।' ବୋଉର ଏ କଥା ପଦକ ଚମ୍ପିକୁ ଭଲ ଲାଗିଲା ନାହିଁ। ମନେମନେ ଭାବିଲା ବଡ଼ ହେଲେ କ'ଣ ହସିବା ମନା!

ପନ୍ଦରବର୍ଷର ଝିଅ ଚମ୍ପି। ଦୁଧଅଳତା ରଙ୍ଗର ସୁନ୍ଦର ଚେହେରା। ମୁଣ୍ଡରେ ବୋଝେ କୁଞ୍ଚୁକୁଞ୍ଚିଆ କଳା ମଚମଚ କେଶ। କଥାକୁହା ଉଜ୍ଜ୍ୱଳ ଆଖି। ଯେ କେହି ତାକୁ ଦେଖିଦେଲେ ଦେଖିଲାବାଲାର ପେଟ ପୂରିଯାଏ। ସବୁଠୁ ସୁନ୍ଦର ଚମ୍ପିର ମୁହଁରେ ଲାଖିରହିଥିବା ହସଟି। ତା'ର ମୁହଁକୁ ଭାରି ମାନେ। ସେଇ ହସରେ ସେ ବାନ୍ଧିପକାଏ ସମସ୍ତଙ୍କୁ। ବସିଲେ ହସ, ଉଠିଲେ ହସ, କଥା କଥାକେ ହସ। ହସ ହସ ମୁହଁରେ ଗାଆଁଟାସାରା ଚକ୍ରିଭଳି ଘୂରି ବୁଲିଲାବେଳେ ସମସ୍ତଙ୍କର ଦୃଷ୍ଟି ତା' ଉପରେ ଅଜାଡ଼ି ହୋଇ ପଡ଼େ। ଏମିତି ଦିନେ ହସି ହସି ଶାଶୁଘରକୁ ବିଦା ହେଲା। ଅବଶ୍ୟ ସେଦିନ ସମସ୍ତଙ୍କର ଛଳଛଳ ଆଖି ଆଉ କରୁଣ ପରିବେଶରେ ଚମ୍ପିକୁ ବି କାନ୍ଦ ଲାଗିଥିଲା।

କିଛି ଦିନ ହେବ ସବୁଦିନ ପାଇଁ ଚମ୍ପି ଫେରିଆସିଛି ବାପଘରକୁ କୋଳରେ ଦୁଇବର୍ଷର ଝିଅକୁ ଧରି। ତେବେ କେତେବେଳେ ଚମ୍ପି ଓଠରୁ ହସ ଲିଭିଗଲା ସେ ନିଜେ ବି ଜାଣିପାରିଲା ନାହିଁ। ହସହସ ମୁହଁରେ ସମସ୍ତଙ୍କୁ ଆପଣାର କରି ପାରୁଥିବା ଚମ୍ପି କାହିଁକି ସ୍ୱାମୀଙ୍କୁ ଆପଣାର କରିପାରିଲା ନାହିଁ ତା'ର ଉତ୍ତର ସେ ଖୋଜି ପାଉନାହିଁ। କାହିଁକି ତା'ର ସ୍ୱାମୀ ସହକର୍ମୀ ନେହା ସହିତ ନୂଆ ସଂସାର ଗଢ଼ିବାକୁ ନିଷ୍ପତ୍ତି ନେଲେ ଏ ପର୍ଯ୍ୟନ୍ତ ଜାଣିପାରିଲା ନାହିଁ। ସେ ତ ପିଲାବେଳୁ ଜାଣିଛି ସ୍ନେହରେ, ବିଶ୍ୱାସରେ, ଭରସାରେ ବନ୍ଧା ପାରିବାରିକ ସମ୍ପର୍କ। ବାପଘରେ ପାଦ ଦେଲା ଦିନ ଜେଜେମା'ର ଟାଇଁ ଟାଇଁ କଥା ଏବେ ବି କାନରେ ଶୁଭିଯାଉଛି– ''ହଇଲୋ ପୋଡ଼ାମୁହିଁ! ହସ ହସ ମୁହଁରେ ତ ସମସ୍ତଙ୍କୁ ବାନ୍ଧିଥିଲୁ, ହେଲେ କି ଲାଭ ହେଲା ଯଦି ସ୍ୱାମୀକୁ ନିଜର କରି ନ ପାରିଲୁ! ବୁଝିଲୁ ସଂସାରଟା କେବଳ ହସ ଖୁସିରେ ଚାଲେ ନାହିଁ। ସଂସାରଟା ପରା ମାୟା। ଏଠି ତିଷ୍ଠିବାକୁ ହେଲେ ମାୟା ରଚିବାକୁ ହୁଏ। ସ୍ୱାମୀଙ୍କୁ ନିଜର କରିବାକୁ ହେଲେ କୌଶଳରେ ବାନ୍ଧି ରଖିବାକୁ ହୁଏ। କୌଶଳ ଜାଣିଚି ବୋଲି ସେ ଛତରଖାଇ ନେହା ତୋ' ସ୍ୱାମୀକୁ ତୋ'ଠାରୁ ଛଡ଼େଇ ନେଲା ସବୁଦିନ ପାଇଁ। ଏବେ ଝିଅକୁ ଧରି ବାପଘରେ ବସି ହରି ନାମ ଭଜୁଥା।'' ଏବେ ବି ବୁଝିପାରୁନି ଚମ୍ପି ପରିବାର ଭିତରେ ପୁଣି ମାୟା କ'ଣ! କୌଶଳ କ'ଣ! ସ୍ୱାମୀ ତ ତା' ନିଜର ମନର ମଣିଷ। ଖୁବ୍ ଭଲ ପାଉଥିଲେ ତାକୁ। ଦୁଇ ବର୍ଷ ତଳେ ଝିଅଟିଏ ହେଲା। ସ୍ୱାମୀଙ୍କୁ ନେଇ ହସ ଖୁସିରେ ସମୟ ବିତୁଥିଲା। ଜୀବନ ବଞ୍ଚିବାର ଗୋଟେ ମାନେ ଥିଲା, ଲୋଭ ଥିଲା, ମାଦକତା ଥିଲା। ଏସବୁ ତା'ହେଲେ କ'ଣ ମିଛ ଥିଲା! ଆପେ ଆପେ ଗୋଟିଏ ଅଚିହ୍ନା ଶକ୍ତ ଧକ୍କାରେ ଯେମିତି ସେ ଚାପି ହୋଇଗଲା, ମୁହଁରୁ ହସ ଲିଭିଗଲା।



ତେବେ ସମୟ କେଉଁ ଗଳିବାଟେ ପଳାଏ କେଜାଣି? ୟା ଭିତରେ ଚମ୍ପି ବୁଝିଯାଇଥିଲା ଜୀବନକୁ ଯେତେ ସହଜ ଭାବେ ବିତେଇ ଦେବାକୁ ଚେଷ୍ଟା କରିବା ସତ୍ତ୍ୱେ ଜୀବନଟା ତାକୁ ଧୋକା ଦେଇଛି। ନିଜ ମନକୁ ଟାଣ କରି ପୁଣି ହସିବାକୁ ପଣ କଲା। ବାପା ବୁଝିଥିବା ନର୍ସରୀ ସ୍କୁଲରେ ଶିକ୍ଷକତା କରିବାକୁ ରାଜି ହୋଇଗଲା। ଝିଅକୁ ସାଙ୍ଗରେ ଧରି ସବୁଦିନ ସେ ସ୍କୁଲକୁ ଗଲା। ଛୋଟ ଛୋଟ ପିଲାଙ୍କ ମେଳରେ ଭୁଲିବାକୁ ଚେଷ୍ଟା କଲା ମାନସିକ ଯନ୍ତ୍ରଣାରେ କୁହୁଳିଥିବା ଦିନସବୁକୁ। କୋମଳମତି ପିଲାଙ୍କର ନିର୍ଭେଜାଲ ଭଲପାଇବାରେ ନିଜକୁ ହଜେଇଦେଲା।

ମୋ: ୭୦୦୮୩୪୮୧୭୨

# ଓଡ଼ିଶାର ସଂଘର୍ଷପୂର୍ଣ୍ଣ ବିଜୟ

**ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)**

କ୍ରମାଗତ ୨ ମ୍ୟାଚ୍‌ରେ ପରାଜୟ ପରେ ଚଳିତ ରଣ୍‌ଜୀ ଟ୍ରଫି ସିଜନରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି ଓଡ଼ିଶା। ଲକ୍ଷ୍ୟ କଷ୍ଟସାଧ୍ୟ ନ ଥିଲେ ମଧ୍ୟ କଡ଼ା ସଂଘର୍ଷ ପରେ ହିଁ ଏହି ବିଜୟ ପ୍ରାପ୍ତ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ୩ ଦିନରେ ଶେଷ ହୋଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ୩ ଉଇକେଟରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଫଳରେ ପ୍ରଥମଥର ପାଇଁ ଓଡ଼ିଶାକୁ ୬ ପଏଣ୍ଟ ମିଳିଛି।

**ରଣ୍‌ଜୀ ଟ୍ରଫି**

ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଅଧିନାୟକ ଗୋବିନ୍ଦ ପୋଦ୍ଦାର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ପ୍ରଥମ ଇନିଂସରେ ମହାରାଷ୍ଟ୍ରର ୧୬୨ ରନ ଜବାବରେ ଓଡ଼ିଶା ୨୦୦ ରନ କରିଥିଲା। ଦ୍ୱିତୀୟ ଇନିଂସରେ ମହାରାଷ୍ଟ୍ର ୧୬୬ ରନ କରିଥିବାବେଳେ ୧୨୯ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ୭ ଉଇକେଟ ହରାଇବା ପରେ ଯାଇ ହାସଲ କରିଥିଲା।


ପ୍ଲେୟର ଅଫ୍ ଦି ମ୍ୟାଚ ଗୋବିନ୍ଦ ପୋଦ୍ଦାର।

## ସୁମିତଙ୍କୁ ୫ ଉଇକେଟ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୭୮/୩ରୁ ଖେଳ ଆରମ୍ଭ କରିଥିବା ମହାରାଷ୍ଟ୍ର ତୃତୀୟ ଦିବସରେ ଆଉ ୮୮ ରନ ଯୋଡ଼ି ଅବଶିଷ୍ଟ ୭ ଉଇକେଟ ହରାଇଥିଲା। ଓଡ଼ିଶା ସ୍ପିନ୍ ଜାଲରେ ସମ୍ପୂର୍ଣ୍ଣ ଛନ୍ଦି ହୋଇପଡ଼ିଥିଲା ମହାରାଷ୍ଟ୍ର। ମିଡଲ୍ ଅର୍ଡରରେ ହର୍ଶଲ କାଟେ ୩୪ ଓ ଲୋୟର ଅର୍ଡରରେ ରାମକ୍ରିଷ୍ଣା ଘୋଷ ସର୍ବାଧିକ ୩୯ ରନ କରିଥିଲେ। ବାମହାତୀ ସ୍ପିନର ସୁମିତ ଶର୍ମା ଚମତ୍କାର ବୋଲିଂ କରି ୫ ଉଇକେଟ ସଫଳତା ପାଇଥିଲେ। ଗୋବିନ୍ଦ ପୋଦ୍ଦାର ୩ଟି ଓ ତରନୀ ସା ୨ଟି ଉଇକେଟ ନେଇଥିଲେ।

## ପ୍ରଥମ ବିଜୟ ସ୍ୱାଦ

୧୨୯ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଓଡ଼ିଶା ମାତ୍ର ୧୧ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଇନିଂସରେ ଶତକ ହାସଲକାରୀ ସ୍ୱସ୍ତିକ ସାମଲ ମାତ୍ର ୯ ରନ କରିପାରିଥିଲେ। କେବଳ ସେତିକି ନୁହେଁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ବିଜୟକୁ କଷ୍ଟସାଧ୍ୟ କରି ଦେଇଥିଲା ଘରୋଇ ଦଳ। ତେବେ ନିର୍ଭରଯୋଗ୍ୟ ସନ୍ଦୀପ ପଟ୍ଟନାୟକ ମୂଲ୍ୟବାନ ୩୬ ରନର ଯୋଗଦାନ ଦେଇଥିବାବେଳେ ଗୋବିନ୍ଦ ପୋଦ୍ଦାରଙ୍କ ୪୮ ରନ ଶେଷରେ ମ୍ୟାଚ ବିଜୟୀ ସାବ୍ୟସ୍ତ ହୋଇଥିଲା। ନିଜ ଅଭିଜ୍ଞତାର ଉପଯୋଗ କରିଥିଲେ ଗୋବିନ୍ଦ। ସେ ୫୧ ବଲ୍‌ରୁ ୩ଟି ଲେଖାଏ ଚୌକା ଓ ଛକା ସହ ଏହି ୪୮ ରନ କରିଥିଲେ। ମହାରାଷ୍ଟ୍ର ପକ୍ଷରୁ ପ୍ରଶାନ୍ତ ସୋଲାଙ୍କି ୩, ହିତେଶ ୱାଲୁଞ୍ଜ ୨ଟି ଉଇକେଟ ନେଇଥିଲେ।

## ୨ ମାସ ବ୍ରେକ୍

ଅଗରତାଲାରେ ଓଡ଼ିଶାର ତ୍ରିପୁରା ବିପକ୍ଷ ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବାବେଳେ ବାରବାଟୀରେ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ଡ୍ର ମ୍ୟାଚରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଭଦୋଦରାରେ ବରୋଦା ଏବଂ ମୁମ୍ବାଇରେ ମୁମ୍ବାଇ ନିକଟରୁ ଇନିଂସ ପରାଜୟ ଲଭି ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ବାରବାଟୀର ଘରୋଇ ପରିବେଶ ଓ ପିଚ୍‌ରୁ ଫାଇଦା ଉଠାଇ ବିଜୟ ପଥକୁ ଫେରିବା ଓଡ଼ିଶା ପାଇଁ ଭଲ ସୂଚନା। ଓଡ଼ିଶାକୁ ଏବେ ୨ ମାସରୁ ଊର୍ଦ୍ଧ୍ୱ ବ୍ରେକ୍ ମିଳିବ। କାରଣ ଦଳ ଏହାର ପରବର୍ତ୍ତୀ ମ୍ୟାଚ ମେଘାଳୟ ବିପକ୍ଷରେ ଖେଳିବ। ଶିଲଂର ଏମ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ଏହି ମ୍ୟାଚ ୨୦୨୫ ଜାନୁଆରୀ ୨୩ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

**ସଂକ୍ଷିପ୍ତ ସ୍କୋର**

ମହାରାଷ୍ଟ୍ର ପ୍ରଥମ ଇନିଂସ: ୧୬୨। ଓଡ଼ିଶା ପ୍ରଥମ ଇନିଂସ: ୨୦୦। ମହାରାଷ୍ଟ୍ର ଦ୍ୱିତୀୟ ଇନିଂସ: ୧୬୬/ଅଲଆଉଟ (ରାମକ୍ରିଷ୍ଣା ଘୋଷ-୩୯, ସଚିନ ଧସ-୩୮, ହର୍ଶଲ କାଟେ-୩୪, ସୁମିତ ଶର୍ମା-୫/୪୬, ଗୋବିନ୍ଦ ପୋଦ୍ଦାର-୩/୪୨, ତରନୀ ସା-୨/୪୮)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୩୦/୭ (ଗୋବିନ୍ଦ ପୋଦ୍ଦାର-୪୮, ସନ୍ଦୀପ ପଟ୍ଟନାୟକ-୩୬, ପ୍ରଶାନ୍ତ ସୋଲାଙ୍କି-୩/୧୨, ହିତେଶ ୱାଲୁଞ୍ଜ-୨/୪୪, ସତ୍ୟଜିତ ବଚଭ-୧/୪୮, ରାମକ୍ରିଷ୍ଣା ଘୋଷ-୧/୧୦)।

# ସଞ୍ଜୁ ସାମସନ, ତିଳକଙ୍କ ଶତକ

**ଜୋହାନ୍ସବର୍ଗ, ୧୫।୧୧**

ସଞ୍ଜୁ ସାମସନ ଓ ତିଳକ ବର୍ମାଙ୍କ ଶତକ ସହାୟତାରେ ଭାରତ ୱାଣ୍ଡରର୍ସ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚରେ ବୃହତ୍ ସ୍କୋର କରିଛି। ମାତ୍ର ୧ ଉଇକେଟ ପଡ଼ିଥିବାବେଳେ ଭାରତ ୨୮୩ ରନ ସଂଗ୍ରହ କରିଛି। ଟସ୍ ଜିତି ବ୍ୟାଟିଂ ନେଇଥିବା ଭାରତ ଓପନିଂ ଯୋଡ଼ିରେ ୩୫ ବଲ୍‌ରୁ ୭୩ ରନ କରିବାପରେ ଅଭିଷେକ ଶର୍ମାଙ୍କ ଉଇକେଟ ହରାଇଥିଲା। ଅଭିଷେକ ୧୮ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ୩୬ ରନ କରିଥିଲେ। ତେବେ ସଞ୍ଜୁ ସାମସନ ଓ ତିଳକ ବର୍ମା ବିସ୍ଫୋରକ ବ୍ୟାଟିଂ କରି ଭାରତକୁ ବୃହତ୍ ସ୍କୋରରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ୫୧ ବଲ୍‌ରୁ ୬ ଚୌକା ଓ ୮ ଛକା ସହ ଶତକ ପୂରଣ କରିଥିଲେ ସାମସନ। ତିଳକ ମଧ୍ୟ ପଛରେ ରହି ନ ଥିଲେ। ସେ ୪୧ଟି ବଲ୍ ଖେଳି ୬ ଚୌକା ଓ ୯ ଛକା ସହାୟତାରେ ତିନି ଅଙ୍କ ସ୍ପର୍ଶ କରିଥିଲେ। ଚଳିତ ସିରିଜରେ ତିଳକଙ୍କ ଏହା କ୍ରମାଗତ ଦ୍ୱିତୀୟ ଏବଂ ସାମସନଙ୍କ ମୋଟ ଦ୍ୱିତୀୟ ଶତକ। ପୁରୁଷ ଟି୨୦ରେ କୌଣସି ଗୋଟିଏ ଇନିଂସରେ ୨ ଜଣ ବ୍ୟାଟର ଶତକ ହାସଲ କରିବା ଏହା ତୃତୀୟ ଦୃଷ୍ଟାନ୍ତ। ୫୬ ବଲ୍ ଖେଳି ସାମସନ ୬ ଚୌକା ଓ ୯ ଛକା ସହାୟତାରେ ୧୦୯ ଓ ୪୭ ବଲ୍‌ର ସମ୍ମୁଖୀନ ହୋଇ ତିଳକ ୯ ଚୌକା ଓ ୧୦ ଛକା ସହ ୧୨୦ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ଦ୍ୱିତୀୟ ଉଇକେଟରେ ଦୁହେଁ ମାତ୍ର ୮୬ ବଲ୍‌ରୁ ୨୧୦ ରନର ଭାଗୀଦାରି ଗଢ଼ିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଏକମାତ୍ର ଉଇକେଟଟି ପାଇଥିଲେ ଲିଥୋ ସିପାମ୍ଲା।

# ମେଘାଳୟକୁ ହରାଇଲା ଓଡ଼ିଶା


ଆୟୋଜକଙ୍କ ଗହଣରେ ଖେଳାଳିବୃନ୍ଦ।

**ବରଗଡ଼, ୧୫।୧୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ଶୁକ୍ରବାର ତୃତୀୟ ଦିବସ ମଧ୍ୟାହ୍ନଭୋଜନ ବିରତି ପରେ ଓଡ଼ିଶା ଦଳ ମେଘାଳୟକୁ ଏକ ଇନିଂସ ଓ ୧୨୧ ରନରେ ପରାସ୍ତ କରିଛି। ଏହାସହିତ ଓଡ଼ିଶା ବୋନସ ପଏଣ୍ଟ ସହ ୭ପଏଣ୍ଟ ହାସଲ କରିଛି। ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ବରଗଡ ଜିଲା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ମେଘାଳୟ ଦଳ ଓଡ଼ିଶା ଦଳଠାରୁ ୨୪୪ ରନ ପଛରେ ଥାଇ ଗୁରୁବାରର ଦ୍ୱିତୀୟ ଇନିଂସର ଅସମାପ୍ତ ସ୍କୋର ୮୪/୨ ରନରୁ ଖେଳ ଆରମ୍ଭ କରିଥିଲା। ଶୁକ୍ରବାର ମଧ୍ୟାହ୍ନ ବିରତି ପରେ ମେଘାଳୟର ଜଣେ ପରେ ଜଣେ ଆଉଟ୍ ହୋଇଥିଲେ। ଫଳରେ ଓଡ଼ିଶା ଦଳ ମ୍ୟାଚ୍‌କୁ ଗୋଟିଏ ଇନିଂସ୍ ଓ ୧୨୧ ରନରେ ଜିତି ମ୍ୟାଚ୍‌ରୁ ବୋନସ ପଏଣ୍ଟ ସହ ମୋଟ ୭ ପଏଣ୍ଟ ହାତେଇ ନେଇଛି। ଶୁକ୍ରବାର ମେଘାଳୟ ଦଳ ତା'ର ଦ୍ୱିତୀୟ ଇନିଂସରେ ଗୁରୁବାରର ଅସମାପ୍ତ ସ୍କୋର ୮୪/୨ ରନରୁ

**କୁଚ୍ ବିହାର ଟ୍ରଫି**

ଖେଳ ଆରମ୍ଭ କରି ଦଳର ସମସ୍ତ ଖେଳାଳି ୨୦୭ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲେ। ଦଳ ପକ୍ଷରୁ ସାବିଆନ ୭୫ ରନ୍, ଶୁଭମ୍ ୪୩ ରନ, ଜି. ନାରଲେଙ୍ଗ ୨୬ ରନ କରିଥିଲେ। ଓଡ଼ିଶା ଦଳ ପକ୍ଷରୁ ସମ୍ବିତ ବେଜା ୫୨ରନ୍ ବିନିମୟରେ ୩ ଉଇକେଟ, ସୟଦ ତୁଫାୟଲ ଅହମଦ ୫୫ରନ ବିନିମୟରେ ୩ ଉଇକେଟ, ସୌଭାଗ୍ୟ ଓଝା ୩୩ ରନ ବିନିମୟରେ ୨ ଉଇକେଟ, ଅଭିଷେକ ସିଂ ୧୪ରନ ବିନିମୟରେ ୧ ଉଇକେଟ, କ୍ରିଷ୍ଣା ମହାନ୍ତି ୩୧ରନ ବିନିମୟରେ ୧ ଉଇକେଟ ନେଇଥିଲେ। ପ୍ରକାଶ ଥାଉକି ଓଡ଼ିଶା ଦଳ ପ୍ରଥମ ଇନିଂସରେ ୪୨୪/୯ ରନ କରିଥିଲା। ମେଘାଳୟ ଦଳ ପ୍ରଥମ ଇନିଂସରେ ୯୬ ରନ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୨୦୭ ରନ କରିବାକୁ ସକ୍ଷମ ହୋଇଥିଲା।

ମ୍ୟାଚ୍‌କୁ ବିସିସିଆଇ ଅମ୍ପାୟର ଶକ୍ତିପଦ ଭଟ୍ଟାଚାର୍ଯ୍ୟ ଓ ରମେଶ କୁମାର ପରିଚାଳନା କରିଥିଲେ। ପରବିନ୍ଦର ସିଂ ମ୍ୟାଚ ରେଫରି ଥିଲେ। ବିରାଜ ଦାଶ ଓ ରାଜୁ କୁମାର ପାଣ୍ଡେ ସ୍କୋରର ଥିଲେ। ତାପସ କୁମାର ନାୟକ ଭିଡିଓ ଆନାଲିଷ୍ଟ ଏବଂ ଗୋବିନ୍ଦ ବେହେରା ଆସିଷ୍ଟାଣ୍ଟ ଭିଡିଓ ଆନାଲିଷ୍ଟ ଥିଲେ। ଲଗାତର ଦୁଇଟି ବିଜୟ ସହ ଓଡ଼ିଶା ଦଳ ନିଜର ପରବର୍ତ୍ତୀ ମ୍ୟାଚ୍ ଖେଳିବା ପାଇଁ ଶୁକ୍ରବାର ବଲାଙ୍ଗୀର ଯାତ୍ରା କରିଛି। ଜିଲା କ୍ରିକେଟ ଆସୋସିଏଶନର ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କ୍ରିଷ୍ଣା ବିକାଶ ଗ୍ରୁପ୍ ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା, ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, ପ୍ରାକ୍ତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, କୋଷାଧ୍ୟକ୍ଷ ଅମୀୟ ଭୂଷଣ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଦୀପ ନନ୍ଦ, ଚନ୍ଦ୍ର ଶେଖର ପ୍ରଧାନ, ସଦସ୍ୟ ରଜତ ଦାଶ, କ୍ରିଷ୍ଣା ବିକାଶ ଗ୍ରୁପ୍‌ର ସିନିୟର୍ ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଖେଳାଳି, ଦଳୀୟ ପ୍ରବନ୍ଧନର ସମସ୍ତ ସଦସ୍ୟ, ମ୍ୟାଚ ଅଫିସିଆଲ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର କ୍ରୀଡ଼ା ବିଭାଗ ମୁଖ୍ୟ ପୀତାମ୍ବର ପ୍ରଧାନ, କ୍ରିକେଟ କୋଚ ଅଶୋକ ସିଂ, ଆସିଷ୍ଟାଣ୍ଟ କୋଚ ରୂପକ ପ୍ରଧାନ ଉପସ୍ଥିତ ଥିଲେ।

# ଓଡ଼ିଶା-ହରିୟାଣା ଫାଇନାଲ

**ଚେନ୍ନାଇ, ୧୫।୧୧ (ପି.ଟି.):** ୧୪ତମ ହକିଇଣ୍ଡିଆ ସିନିୟର ପୁରୁଷ ଜାତୀୟ ଚାମ୍ପିୟନଶିପ୍‌ର ଫାଇନାଲ ଶନିବାର ଓଡ଼ିଶା ଓ ହରିୟାଣା ମଧ୍ୟରେ ହେବ। ଦୁଇ ଦଳ ଶୁକ୍ରବାର ସେମାନଙ୍କ ସେମିଫାଇନାଲ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଓଡ଼ିଶା ୪-୨ ଗୋଲ୍‌ରେ ମଣିପୁରକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ହରିୟାଣା ୩-୨ ଗୋଲ୍‌ରେ ଉତ୍ତର ପ୍ରଦେଶକୁ ହରାଇ ଦେଇଛି। ପ୍ରଥମ ସେମିଫାଇନାଲରେ ନୀଳକାନ୍ତ ଶର୍ମା (୭ମ ମିନିଟ) ମ୍ୟାଚର ପ୍ରଥମ ଗୋଲ ସ୍କୋର କରି ମଣିପୁରକୁ ଅଗ୍ରଣୀ କରାଇଥିଲେ। ତେବେ ୧୩ତମ ମିନିଟରେ ନୀଳମ ସଞ୍ଜୀପ ଖେସ୍‌ଙ୍କ ଗୋଲ୍ ବଳରେ ଓଡ଼ିଶା ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲା। ଶିଳାନନ୍ଦ ଲାକ୍ରା ୨୦ତମ ମିନିଟ୍‌ରେ ଏକ ଗୋଲ ଦେଇଥିବାବେଳେ ଗାନେନ୍ଦ୍ରଜିତ୍ ପିଙ୍ଗୋମବାମ୍ (୨୫ତମ ମିନିଟ)ଙ୍କ ଗୋଲରେ ମଣିପୁର ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲା। ପ୍ରସାଦ କୁଜୁର ଓ ସୁଦୀପ ଚିରମାକୋଙ୍କ ଗୋଲରେ ଓଡ଼ିଶା ମ୍ୟାଚ ଜିତିଥିଲା।

# ମାର୍କ କିଙ୍ଗ୍ ୫ ବର୍ଷ ବାସନ୍ଦ





**ଶିଫିଲ୍ଡ, ୧୫।୧୧ (ଏପି)**

ଇଂଲିଶ ସ୍ନୁକର ଖେଳାଳି ମାର୍କ କିଙ୍ଗ୍‌ଙ୍କୁ ଶୁକ୍ରବାର ୫ ବର୍ଷ ବାସନ୍ଦ କରାଯାଇଛି। ମ୍ୟାଚ ଫିକ୍ସିଂ କରିବା ଓ ଟୁର୍ନାମେଣ୍ଟର ଭିତିରି ତଥ୍ୟ ଯୋଗାଇ ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୫୦ ବର୍ଷୀୟ କିଙ୍ଗ୍ ୨୦୦୩ରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଂର ୧୧ଶ ସ୍ଥାନ ହାସଲ କରିଥିଲେ। ଗତବର୍ଷ ଫେବୃଆରୀ ୧୩ରେ ଖେଳାଯାଇଥିବା ୱେଲ୍ସ ଓପନରେ ଜୋ ପେରୀଙ୍କ ବିପକ୍ଷ ଏକ ମ୍ୟାଚ ବେଳେ ସେ ବେଟିଂ ସିଣ୍ଡିକେଟ ସହ ଯୋଗାଯୋଗରେ ଥିଲେ ବୋଲି ସନ୍ଦେହ ସୃଷ୍ଟି ହୋଇଥିଲା। ଏହାର ଏକ ମାସରେ ସ୍ନୁକର ପରିଚାଳନା ପରିଷଦ କିଙ୍ଗ୍‌ଙ୍କୁ ସସ୍‌ପେଣ୍ଡ କରିଥିଲା। ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱାଧୀନ ଶୃଙ୍ଖଳା କମିଟି ଗଠନ କରାଯାଇଥିଲା। ତଦନ୍ତ ପରେ ଜଣାପଡ଼ିଥିଲା ଯେ, କିଙ୍ଗ ବେଟିଂ ଉଦ୍ଦେଶ୍ୟରେ ମ୍ୟାଚ ସମ୍ପର୍କରେ ଭିତିରି ତଥ୍ୟ ପ୍ରଦାନ କରିଥିଲେ। ତାଙ୍କ ବିରୋଧରେ ଅଣାଯାଇଥିବା ଏହି ଅଭିଯୋଗକୁ ସେତେବେଳେ ସେ ଖଣ୍ଡନ କରିଥିଲେ। କିଙ୍ଗଙ୍କ ବାସନ୍ଦ ଦଣ୍ଡ ୨୦୨୮ ମାର୍ଚ୍ଚ ୧୭ରେ ଶେଷ ହେବ। ତାଙ୍କୁ ଆହୁରି ମଧ୍ୟ ୬୮,୦୦୦ ପାଉଣ୍ଡ (୮୬,୦୦୦ ଡଲାର) ଜରିମାନା କରାଯାଇଛି। ମ୍ୟାଚ ଫିକ୍ସିଂରେ ଦୋଷୀ ସାବ୍ୟସ୍ତ ହୋଇ ଚାଇନିଜ ଖେଳାଳି ଲିଆଙ୍ଗ ୱେନ୍‌ବୋ ଓ ଲି' ହାଙ୍ଗ୍‌ଙ୍କୁ ସ୍ନୁକରରୁ ଆଜୀବନ ବାସନ୍ଦ କରାଯାଇଛି।

# ଟିଆଫୋଙ୍କୁ ୧,୨୦,୦୦୦ ଡଲାର ଜରିମାନା

**ତୁରିନ୍, ୧୫।୧୧ (ଏପି):** ୟୁଏସ୍ ଓପନ ସେମିଫାଇନାଲିଷ୍ଟ ଫ୍ରାନ୍‌ସେସ୍ ଟିଆଫୋଙ୍କୁ ୧୨୦,୦୦୦ ଆମେରିକୀୟ ଡଲାର ଜରିମାନା ହୋଇଛି, କିନ୍ତୁ ତାଙ୍କୁ ସସ୍‌ପେଣ୍ଡ କରାଯାଇ ନାହିଁ। ଗତ ମାସରେ ଶାଂଘାଇ ମାଷ୍ଟର୍ସରେ ଏକ ମ୍ୟାଚରେ ପରାଜିତ ହେବାପରେ ସେ ଚେୟାର ଅମ୍ପାୟରଙ୍କୁ ବାରମ୍ବାର ଗାଳି ଦେଇଥିଲେ। ଇଟାଲୀରେ ସିଜନ ଶେଷ ଟୁର୍ନାମେଣ୍ଟ ବେଳେ ଏଟିପି (ଆସୋସିଏଶନ ଅଫ୍ ଟେନିସ ପ୍ରଫେଶନାଲ୍ସ) କହିଛି, ଜରିମାନା କମିଟି ଟିଆଫୋଙ୍କୁ ଅପମାନଜନକ ବ୍ୟବହାର ପାଇଁ ୬୦,୦୦୦ ଡଲାର ଏବଂ ମୌଖିକ ଦୁର୍ବ୍ୟବହାର ପାଇଁ ଅତିରିକ୍ତ ୬୦,୦୦୦ ଡଲାର ଜରିମାନା କରାଯାଇଛି। ମେରୀଲାଣ୍ଡର ୨୬ ବର୍ଷୀୟ ଟିଆଫୋଙ୍କୁ ହୁଏତ ସସ୍‌ପେଣ୍ଡ କରାଯାଇ ପାରିଥାନ୍ତା, ମାତ୍ର ତାଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ବଞ୍ଚିତ କରାଯାଇ ନାହିଁ।




# ପିଓକେରେ ହୋଇପାରିବନି ଟ୍ରଫି ଟୁର୍: ଆଇସିସି

**ନୂଆଦିଲ୍ଲୀ, ୧୫।୧୧ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆପତ୍ତି ଉଠାଇବା ପରେ ବିବାଦୀୟ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଚାମ୍ପିୟନ୍ସ ଟ୍ରଫି ଟୁର୍‌କୁ ରୋକି ଦେଇଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଏହାଛଡ଼ା ଏହି ପ୍ରମୋଶନାଲ ଇଭେଣ୍ଟକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବା ଲାଗି ଆଇସିସି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ନିର୍ଦ୍ଦେଶ ଦେଇଛି। ଗତଥର ଏହି ଟୁର୍ନାମେଣ୍ଟ ୨୦୧୭ରେ ଖେଳାଯାଇଥିଲା। ପଡୋଶୀ ଦେଶ ପାକିସ୍ତାନ ସହିତ ତିକ୍ତ ସମ୍ପର୍କ ଯୋଗୁ ଭାରତୀୟ ଦଳ ବର୍ତ୍ତମାନ ପରିସ୍ଥିତିରେ ସୁରକ୍ଷା ଜନିତ କାରଣରୁ ପାକିସ୍ତାନ ଗସ୍ତ କରିବାରେ ସକ୍ଷମ ନୁହେଁ ବୋଲି ବିସିସିଆଇ ବିଧିବଦ୍ଧ ଭାବେ ଆଇସିସିକୁ ଅବଗତ କରାଇଛି। ଏଣେ ପିସିବି 'ହାଇବ୍ରିଡ୍ ମଡେଲ' ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ଏଥିରେ ଟୁର୍ନାମେଣ୍ଟରେ ଫାଇନାଲ ସମେତ ଭାରତକୁ ନେଇ ମ୍ୟାଚଗୁଡ଼ିକ ଦୁବାଇରେ ଆୟୋଜନ କରିବାଲାଗି କୁହାଯାଇଛି। ଏହି ପରିସ୍ଥିତିରେ ଟୁର୍ନାମେଣ୍ଟରେ କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରୁ ନ ଥିବା ବେଳେ ନୂଆ ବିବାଦ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଶୁଣାଯାଉଛି ଯେ, ବିସିସିଆଇ ସମ୍ପାଦକ ଜୟ ଶାହା ଶୁକ୍ରବାର ଆଇସିସିର ଉଚ୍ଚ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଛନ୍ତି। ପାକିସ୍ତାନର ଏହି କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ପିସିବି ପାକିସ୍ତାନ ଅଧିକୃତ ଅଞ୍ଚଳର ଏକାଧିକ ସହରରେ ଟ୍ରଫି ଟୁର୍‌ର ଯୋଜନା କରିଥିବାରୁ ଆଇସିସି ବିରକ୍ତି ପ୍ରକାଶ କରିଛି। ଟ୍ରଫି ଟୁର୍ ହେଉଛି ବିଶ୍ୱ ପରିଚାଳନା ପରିଷଦର ଏକ ପ୍ରଚାର ଅଭିଯାନ। ଆଇସିସି ଓ ଆୟୋଜକ ଦେଶ ମଧ୍ୟରେ ଆଲୋଚନା ପରେ ଏହି କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥାଏ। ମାତ୍ର ପାକିସ୍ତାନ କ୍ରିକେଟ ବୋର୍ଡ ସମସ୍ତ ଅଂଶୀଦାରଙ୍କ ସହ ବିନା ପରାମର୍ଶରେ ଏହାର ଅଫିସିଆଲ ସୋସିଆଲ ମିଡିଆରେ ଘୋଷଣା କରିଛି ଯେ, ଟ୍ରଫିକୁ ସ୍କାର୍ଦ୍ଦୁ, ମୁରୀ ଓ ହୁଞ୍ଜା ଅଞ୍ଚଳକୁ ନିଆଯିବ ; ଯାହା କି ବିବାଦୀୟ ପିଓକେ ଅଧୀନରେ ରହିଛି। ଜଣେ ଆଇସିସି ବୋର୍ଡ ସଦସ୍ୟଙ୍କୁ ଏ ବିଷୟରେ ପଚରାଯିବାରେ ସେ କହିଛନ୍ତି, ଟ୍ରଫି ଟୁର୍ ନେଇ ଆଲୋଚନା ଜାରି ରହିଛି। ଟ୍ରଫିକୁ କୌଣସି ବିବାଦୀୟ ଅଞ୍ଚଳକୁ ନେବା ଲାଗି ପିସିବିକୁ ଆଇସିସି ଆଦୌ ଅନୁମତି ଦେବ ନାହିଁ ବୋଲି ସେ ମନେ କରନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ